CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

• Vol.- 45, Issue No. 32
• Saturday, 3 May 2025
• ଶନିବାର, ୩ ମଇ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ମାଟ୍ରିକ ପରୀକ୍ଷାଫଳ
# ବାଜି ମାରିଲେ ଛାତ୍ରୀ



- ପାସହାର ୯୪.୯୩ ପ୍ରତିଶତ
- ଛାତ୍ରଙ୍କ ପାସହାର ୯୩.୯୮ ପ୍ରତିଶତ,ଛାତ୍ରୀଙ୍କ ପାସହାର ୯୫.୮୭
- ଗଜପତି ଜିଲ୍ଲାରେ ପାସହାର ସର୍ବାଧିକ, କୋରାପୁଟ ସର୍ବନିମ୍ନ
- ୩୨୭୩ଟି ସ୍କୁଲରେ ସମସ୍ତେ ପାସ
- କୌଣସି ସ୍କୁଲ ଶୂନ ପାସ ତାଲିକାରେ ରହି ନାହାନ୍ତି
- ୧୮୧୨ ଛାତ୍ରଛାତ୍ରୀଙ୍କୁ ଏ୧ ଗ୍ରେଡ଼
- ମେ ୫ ତାରିଖରୁ ରିଚେକିଂ ଆବେଦନ
- ମେ ୧୪ରୁ ୨୬ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରୀ ପରୀକ୍ଷା ଫର୍ମ ପୂରଣ

କଟକ, ୨ ।୫(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷାଫଳ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ବୋର୍ଡ କାର୍ଯ୍ୟାଳୟରେ ପ୍ରକାଶ ପାଇଛି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଥିଲେ । ଚଳିତବର୍ଷ ପାସହାର ୯୪.୯୩ ପ୍ରତିଶତ ରହିଛି । ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସହାର ଅଧିକ ରହିଛି । ଚଳିବ ବର୍ଷ ଛାତ୍ରଙ୍କ ପାସ ହାର ୯୪ ପ୍ରତିଶତ ଥିବାବେଳେ ଛାତ୍ରୀଙ୍କ ପାସହାର ୯୬ ପ୍ରତିଶତ ରହିଛି । ଚଳିତ ବର୍ଷ ୨ଲକ୍ଷ ୪୦ହଜାର ୨୫୧ଜଣ ଛାତ୍ର ପାସ କରିଥିବା ବେଳେ ୨ଲକ୍ଷ୪୪ହଜାର ୬୧୨ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଏ ବର୍ଷ ରାଜ୍ୟର କୌଣସି ସ୍କୁଲ ଶୂନ ପାସ୍ ତାଲିକାରେ ରହି ନାହାନ୍ତି । ଏହାଛଡ଼ା ୩୨୭୩ ଟି ସ୍କୁଲରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଚଳିତ ବର୍ଷ ୫ଲକ୍ଷ ୨ହଜାର ୪୧୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୮୪ହଜାର ୮୬୩ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି । ୧୮୧୨ ଜଣ ଏ-୧ ଗ୍ରେଡ଼, ୧୨୨୦୦ ଜଣ ଏ-୨ ଗ୍ରେଡ଼, ୩୮ହଜାର ୮୩୧ଜଣ ବି-୨ ଗ୍ରେଡ଼, ୮୪ହଜାର ୯୭୧ଜଣ ବି-୨ ଗ୍ରେଡ଼, ୧ଲକ୍ଷ ୩୩ହଜାର ୮୮୨ ଜଣ ସି ଗ୍ରେଡ଼, ୧ଲକ୍ଷ ୪୬ହଜାର ୧୫୪ ଜଣ ଡି ଗ୍ରେଡ଼ ଏବଂ ୬୭ହଜାର ୧୩ଜଣ ଇ ଗ୍ରେଡ଼ରେ ପାସ୍ କରିଛନ୍ତି । ମୋଟ ୧୭ହଜାର ୩୮୪ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଫେଲ ହୋଇଛନ୍ତି । ଏଥର ଗଜପତି ଜିଲ୍ଲାରେ ପାସ ହାର ସର୍ବାଧିକ (୯୯.୩୫ ପ୍ରତିଶତ) ରହିଥିବା ବେଳେ କୋରାପୁଟରେ ସର୍ବନିମ୍ନ (୯୨.୮୩ପ୍ରତିଶତ) ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଗଜପତି ଜିଲ୍ଲାରେ ୯୯.୩୫ ପ୍ରତିଶତ ପାସ୍ କରିଥିବା ବେଳେ କୋରାପୁଟରେ ପାସ୍ ହାର ୯୨.୮୩ ରହିଛି । ସେହିପରି କଟକ ଜିଲ୍ଲାର ପାସହାର ୯୭.୬୮ ପ୍ରତିଶତ, ଜଗତସିଂହପୁର ଜିଲ୍ଲା ୯୭.୦୯, କେନ୍ଦ୍ରାପଡ଼ା ୯୬.୪୧, ଯାଜପୁର ୯୫.୦୪, ଅନୁଗୁଳ ୯୫.୮୮, ଢ଼େଙ୍କାନାଳ ୯୩.୭୧, ପୁରୀ ୯୭.୧୭, ଖୋର୍ଦ୍ଧା ୯୭.୩୧, ନୟାଗଡ଼ ୯୬.୯୧, ବାଲେଶ୍ୱର ୯୭.୫୬, ଭଦ୍ରକ ୯୫.୬୭, କେନ୍ଦୁଝର ୯୪.୩୦, ମୟୂରଭଞ୍ଜ ୯୬.୯୯, ଗଂଜାମ ୯୯.୩୫, ବୌଦ୍ଧ ୯୮.୧୦, କନ୍ଧମାଳ ୯୭.୪୧, କଳାହାଣ୍ଡି ୯୭.୪୫, ନୂଆପଡ଼ା ୯୫.୨୨, ବରଗଡ଼ ୯୭.୦୫, ସମ୍ବଲପୁର ୯୭.୦୯, ଦେବଗଡ଼ ୯୬.୧୭, ଝାରସୁଗୁଡ଼ା ୯୭.୧୭, ବଲାଙ୍ଗୀର ୯୫.୪୮, ସୁବର୍ଣ୍ଣପୁର ୯୬.୨୨, ସୁନ୍ଦରଗଡ଼ ୯୬.୪୧, ମାଲକାନାଗିରି ୯୫.୧୭, ନବରଙ୍ଗପୁର ୯୭.୩୩, ରାୟଗଡ଼ା ୯୪.୯୩ ପ୍ରତିଶତ ରହିଛି । ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ୨୦୨୫ ର ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶ କରିଥିଲେ । ଚଳିତ ବର୍ଷ ମଧ୍ୟମାରେ ୮୬୮ଜଣ, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ୪୧୮୧ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ମେ ୫ ତାରିଖରୁ ୧୨ ତାରିଖ ମଧ୍ୟରେ ରିଚେକିଂ ଓ ରିଆଡ଼ିସନ ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ସେହିପରି ମେ ୧୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରି ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀମାନେ ରେଜିଷ୍ଟ୍ରେସନ କରିପାରିବେ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି ।

## ପହଲଗାମ ଆକ୍ରମଣ ପଛରେ ଦାୟୀ ଆଇଏସ୍ଆଇ
### ଆକ୍ରମଣ ଷଡଯନ୍ତ୍ର ରଚିଥିଲା ଲସ୍କର !



ନୂଆଦିଲ୍ଲୀ, ୨ ।୫: ପହଲଗାମ ଆତଙ୍କୀ ଆକ୍ରମଣ ଘଟଣା କାର୍ଯ୍ୟକାରୀ କରିବା ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ଓ ଆତଙ୍କୀ ସଂଗଠନ ଲସ୍କର-ଇ-ତୋଇବା ମଧ୍ୟରେ ଭିତିରି ସଂପର୍କ ଥିଲା ବୋଲି ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ ପ୍ରାଥମିକ ରିପୋର୍ଟରେ କୁହାଯାଇଥିବା ଏକ ସୂତ୍ରରୁ ପ୍ରକାଶ । ଏହି ସୂତ୍ରରୁ ପ୍ରକାଶ ଯେ ପହଲଗାମଠାରେ ଆତଙ୍କୀମାନେ ୨୬ ଜଣଙ୍କୁ ହତ୍ୟା କରିଥିଲେ । ବରିଷ୍ଠ ଆଇଏସଆଇ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଲସ୍କର ଆକ୍ରମଣ ଷଡଯନ୍ତ୍ର ରଚିଥିଲା । ଏହି ଷଡଯନ୍ତ୍ର ଲସ୍କରର ପାକିସ୍ତାନ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ହୋଇଥିଲା ବୋଲି ବିଶ୍ୱାସ କରାଯାଉଛି । ଆକ୍ରମଣକାରୀଙ୍କ ମଧ୍ୟରେ ହସିମ ମୁସା ବନାନ ସୁଲେମାନ ଓ ଅଲି ଭାଇ ବନାମ ତଲହା ଭାଇ ସଂପୃକ୍ତ ଥିଲେ । ଉଭୟ ପାକ୍ ନାଗରିକ । ପାକିସ୍ତାନ ସ୍ଥିତ ହ୍ୟାଣ୍ଡଲରମାନଙ୍କ ସହ ଉଭୟ ବରାବର ଯୋଗାଯୋଗରେ ଥିଲେ । ସେମାନେ କିଭଳି ଓ କେଉଁସମୟରେ କାର୍ଯ୍ୟକାରୀ କରାଯିବ ସେ ନେଇ ସେଠାରୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ପାଉଥିଲେ । ଏହି ଆତଙ୍କବାଦୀମାନେ ଓଭର ଗ୍ରାଉଣ୍ଡ ଓ୍ୱର୍କରଙ୍କ ନେଟଓ୍ୱର୍କ ତଥା ସ୍ଥାନୀୟ ସହାୟତାରେ ଆଶ୍ରୟ ଓ ଅନ୍ୟାନ୍ୟ ସୁବିଧା ପାଉଥିଲେ । ଆକ୍ରମଣର କିଛି ସପ୍ତାହ ପୂର୍ବରୁ ସେମାନେ ଭାରତୀୟ ସୀମାକୁ ଅନୁପ୍ରବେଶ କରିଥିଲେ ବୋଲି ଅଭିଯୋଗ ହୋଇଛି ।

## କ୍ରସର କର୍ମଚାରୀଙ୍କୁ ହତ୍ୟା !
### ମାଡ଼ ମାରିଲେ, ଦେହରେ ଗରମ ତେଲ ଢାଳିଲେ

ଯାଜପୁର, ୨ ।୫: ନୃଶଂସ, ନିର୍ମମ, ବର୍ବର, ଅମାନବୀୟ ଘଟଣା ଯାଜପୁର ଧର୍ମଶାଳା ଅଞ୍ଚଳରେ ଘଟିଛି ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଜଣେ କ୍ରସର କର୍ମଚାରୀଙ୍କୁ ପିଟିପିଟି ହତ୍ୟା କରାଯାଇଛି । ଏକାଧିକ ଲୋକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ଏଥିରେ ୩ ଜଣ ଗୁରୁତର ଥିବା ଜଣାପଡ଼ିଛି । ଟଙ୍କା ହେରଫେରକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ କରାଯାଇଛି । ପରିସ୍ଥିତିକୁ ଦେଖି ଅଞ୍ଚଳରେ ୨ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି । କ୍ରସରରେ କ୍ୟାସିୟର ଥିବା ଅର୍ଜିତ ଜେନାଙ୍କୁ ମାଡ଼ ମାରିଲେ, ଦେହରେ ଗରମ ତେଲ ଢାଳିଲେ । ସଂଘବଦ୍ଧ ଭାବେ ଆକ୍ରମଣ କରି ଜୀବନରୁ ମାରିଦେଲେ । ଜେନାପୁର ଥାନାର ଏକ କ୍ରସର ମାଲିକଙ୍କ ନାଁରେ ଏପରି ଅଭିଯୋଗ ଆସିଛି । ଅର୍ଜିତ ଜେନାଙ୍କୁ ହତ୍ୟା ନେଇ ଅଭିଯୋଗ ଆଣିଛନ୍ତି ତାଙ୍କ ପରିବାର ଲୋକେ । କ୍ରସର ମାଲିକ, ତାଙ୍କ ଭଣଜା ଓ ଜଣେ କର୍ମଚାରୀଙ୍କ ନାଁରେ ଏତଲା ହୋଇଛି । ତେବେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା କହିଛନ୍ତି ପରିବାର ଲୋକେ । ଘଟଣାକୁ ୨୪ ଘଣ୍ଟା ପୂରିଥିଲେ ବି କାହାରିକୁ ଗିରଫ କରାଯାଇନାହିଁ । କେବଳ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ପୁଲିସ ବୋଲି କୁହାଯାଇଛି ।

## ଗଙ୍ଗା ଏକ୍ସପ୍ରେସ୍ ୱେରେ ବାୟୁସେନାର ଶକ୍ତି ପ୍ରଦର୍ଶନ



ନୂଆଦିଲ୍ଲୀ, ୨।୫: ଭାରତ-ପାକିସ୍ତାନ ସୀମାନ୍ତରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତୀୟ ବାୟୁସେନା (ଆଇଏଏଫ) ଉତ୍ତର ପ୍ରଦେଶର ଗଙ୍ଗା ଏକ୍ସପ୍ରେସୱେର ଶାହଜହାନପୁର ଜିଲାରେ ନିର୍ମାଣାଧୀନ ୩.୫ କିଲୋମିଟର ଲମ୍ବା ଏକ ହୱାଇ ପଟ୍ଟୀରେ ଶୁକ୍ରବାର ଏକ ଅଭ୍ୟାସ କରି ନିଜର ଯୁଦ୍ଧ ପ୍ରସ୍ତୁତି ଓ ଶକ୍ତି ପ୍ରଦର୍ଶନ କରିଛି । ଏହା ଦେଶର ପ୍ରଥମ ଏକ୍ସପ୍ରେସୱେ ହୱାଇ ପଟ୍ଟୀ ଯାହା ଦିନ ଓ ରାତି ଉଭୟ ସମୟରେ ଯୁଦ୍ଧବିମାନର ଅବତରଣ ଓ ଉଡ଼ାଣ ପାଇଁ ସାମର୍ଥ୍ୟ ରଖେ ।ଏହି ଅଭ୍ୟାସରେ ରାଫେଲ, ସୁଖୋଇ-୩୦ ଏମକେଆଇ, ମିରାଜ-୨୦୦୦, ମିଗ-୨୯, ଜାଗୁଆର ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଏବଂ ସି-୧୩୦ଜେ ସୁପର ହରକ୍ୟୁଲିସ, ଏଏନ-୩୨ ଭଳି ହେଲିକପ୍ଟର ସାମିଲ ହୋଇଥିଲେ । ଅଭ୍ୟାସରେ ଯୁଦ୍ଧବିମାନଗୁଡ଼ିକ ମାତ୍ର ଏକ ମିଟର ଉଚ୍ଚତାରେ ନିମ୍ନ ଉଡ଼ାଣ, ଅବତରଣ ଓ ଉଡ଼ାଣ ଅଭ୍ୟାସ କରିଥିଲେ, ଯାହା ବାୟୁସେନାର ଦକ୍ଷତା ଓ ତୀକ୍ଷ୍ଣ ପ୍ରସ୍ତୁତିକୁ ପ୍ରତିଫଳିତ କରିଛି । ଅଭ୍ୟାସ ନେପାଳ ସୀମାନ୍ତଠାରୁ ମାତ୍ର ୧୫୦ କିଲୋମିଟର ଦୂରରେ ହେଉଥିବାରୁ ଏହାର ସାମରିକ ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି । ଏହା ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ ଆହୁରି ଦୃଢ଼ କରୁଛି ।

## ୩,୮୯୮.୫୪ କୋଟିର ନିବେଶକୁ ଅନୁମୋଦନ

ଭୁବନେଶ୍ୱର, ୨।୫: ରାଜ୍ୟ ସରକାର ରାଜ୍ୟର ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ସରକାର ୧୯ଟି ପ୍ରକଳ୍ପ ପାଇଁ ୩,୮୯୮.୫୪ କୋଟି ଟଙ୍କାର ନୂତନ ନିବେଶକୁ ଅନୁମୋଦନ କରିଛନ୍ତି, ଯାହା ରାଜ୍ୟର ୧୧ଟି ଜିଲ୍ଲାରେ ୭,୪୬୪ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ନିବେଶ ପ୍ରକଳ୍ପଗୁଡ଼ିକ ରାଜ୍ୟର ଅନୁଗୁଳ, ବାଲେଶ୍ୱର, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ନିବେଶ ଅନୁମୋଦନ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଏହା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ପ୍ରଗତିକୁ ନୂତନ ଦିଗନ୍ତ ପ୍ରଦାନ କରିବ । ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅର୍ଥନୀତିକୁ ମଜଭୁତ କରିବା ସହ ସ୍ଥାନୀୟ ଜନଗଣଙ୍କ ଜୀବନଧାରଣରେ ଉନ୍ନତି ଆଣିବ । ଶିଳ୍ପ ବିଭାଗର ଅଧିକାରୀଙ୍କ ମତରେ, ଏହି ନିବେଶ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାରେ ସହାୟକ ହେବ । ଏହା ସହ ରାଜ୍ୟ ସରକାରଙ୍କର ବାଣିଜ୍ୟ ଅନୁକୂଳ ନୀତି ଏବଂ ସହଜ ପ୍ରକ୍ରିୟା ମଧ୍ୟ ବିଦେଶୀ ତଥା ଘରୋଇ ନିବେଶକମାନଙ୍କୁ ଆକର୍ଷିତ କରୁଛି । ନିଯୁକ୍ତି କ୍ଷେତ୍ରରେ ଏକ ନୂତନ ଉଚ୍ଚତା ଆଡ଼କୁ ନେଇଯିବ ବୋଲି ଆଶା କରାଯାଉଛି ।

## ଦୀଘା ମନ୍ଦିର ବିବାଦ: ତଦନ୍ତ ନିର୍ଦ୍ଦେଶ ଦେଲେ ଆଇନମନ୍ତ୍ରୀ
### ମୋତେ ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିଲେ: ବରିଷ୍ଠ ଦଇତାପତି

ଭୁବନେଶ୍ୱର, ୨ ।୫: ଦୀଘା ଜଗନ୍ନାଥ ମନ୍ଦିର ବିବାଦର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀମନ୍ଦିର ପ୍ରଶାସନକୁ ଅନ୍ତରୀଣ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାକୁ ବ୍ୟବସ୍ଥା ହେବା ସହ କେହି ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡବିଧାନ ମଧ୍ୟ କରାଯାଇପାରେ । ମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ମନ୍ଦିର ନେଇ କିଛିଦିନ ହେବ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ପ୍ରଚାରିତ ହେଉଛି । ଦୀଘାରେ ଜଗନ୍ନାଥ ମନ୍ଦିର ହେବା, ଏହାକୁ ଜଗନ୍ନାଥ ଧାମ ନାମ ଦେବା, ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ସହ ବଳକା ଦାରୁକାଠରେ ପ୍ରତିମା ନିର୍ମାଣ ହେବା ଚର୍ଚ୍ଚା ଅଗ୍ରହଣୀୟ ବୋଲି ସେ କହିଛନ୍ତି । ପଶ୍ଚିମବଙ୍ଗ ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବିବାଦ ପ୍ରସଙ୍ଗରେ ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ମମତା ବାନାର୍ଜୀ ମୋର ଜଣେ ଶିଷ୍ୟ । ମୋତେ ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିଲେ । ନିମ୍ବ କାଠରେ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି । ମୁଁ ନିଜେ ପୁରୀରୁ ନିମ୍ବ କାଠ ନେଇ ଯାଇଥିଲି । ବ୍ରହ୍ମର ଏକମାତ୍ର ସ୍ଥାନ ପୁରୀରେ ରହିଛି । ବ୍ରହ୍ମ ସ୍ଥାପନ ନେଇ କୌଣସି ସ୍ଥାନରେ କହିନାହିଁ । ଜଗନ୍ନାଥ ଧାମ କହିଲେ କେବଳ ପୁରୀକୁ ବୁଝାଏ ।

## ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ

ଭୁବନେଶ୍ୱର, ୨ ।୫: କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ୧୦ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ । ପରେ ଜଟଣୀ ଯାଇ ଫରେନସିକ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ । ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ଏବଂ ସେଠାରେ ରାତ୍ରିଯାପନ କରିବେ । ପରଦିନ ସମ୍ବଲପୁର ଯାଇ ମା’ ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ କିଛି ପ୍ରକଳ୍ପର ଶିଳାନ୍ୟାସ କରିବେ । ପରେ ଭୁବନେଶ୍ୱର ଆସି ଜନତା ମଇଦାନରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି ।

## ପାରାଦୀପରେ ହେବ ବିମାନବନ୍ଦର
### ୧୫ ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଉପରେ ଆଲୋଚନା

ଭୁବନେଶ୍ୱର, ୨ ।୫: ପାରାଦୀପରେ ବିମାନବନ୍ଦର ପ୍ରତିଷ୍ଠା କରାଯିବ । ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ଏ ସଂକ୍ରାନ୍ତରେ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି ।



ସେ କହିଛନ୍ତି, ପାରାଦୀପରେ ପେଟ୍ରୋକେମିକାଲ୍ସ ଶିଳ୍ପରେ ଅଧିକ ନିବେଶ ହେବ । ପାରାଦୀପରେ ବିମାନବନ୍ଦର ପ୍ରତିଷ୍ଠା ହେଲେ ପୁଞ୍ଜିନିବେଶ ବଢ଼ିବ । ଶୁକ୍ରବାର ଆଭିଏସନ ଆଣ୍ଡ ନେଟୱର୍କ କନଷ୍ଟ୍ରକ୍ସନ ମ୍ୟାନେଜମେଣ୍ଟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ରାଉରକେଲା ବିମାନ ବନ୍ଦର ଉନ୍ନତିକରଣ ସଂପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ଜୟପୁର, ଦାଣ୍ଡବୋସ, ରଙ୍ଗେଇଲୁଣ୍ଡା, ଗଉତମା, ସତିଭଟା, ରାଇସୁଆଁ, ତୁଷରା , ଜମାଦାର ପଲ୍ଲୀ, ମାଲକାନଗିରି, ଅମରଦା ରୋଡ୍ ଓ ଉତକେଲା ଭଳି ଆଞ୍ଚଳିକ ବିମାନ ବନ୍ଦରର ବିକାଶ ତଥା ଆଞ୍ଚଳିକ ସଂଯୋଗିକତା ଉପରେ ବୈଠକରେ ଗୁରୁତ୍ୱ ପ୍ରକାଶ ପାଇଥିଲା । ୧୫ଟି ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଉପରେ ରାଜ୍ୟ ସରକାର ଆଲୋଚନା କରିଥିଲେ ।

# କିଟ୍: ଆଉ ଜଣେ ନେପାଳୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

- ଫ୍ୟାକ୍ଟ ଫାଇଣ୍ଡି ଟିମ୍ ଗଠନ କଲା ୟୁଜିସି
- ମୁଖ୍ୟ ଶାସନ ସଚିବ, ଡିଜିପିଙ୍କୁ ଏନ୍ଏଚ୍ଆରସି ନୋଟିସ୍
- ୯ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କର
- ତଦନ୍ତ ପାଇଁ କୂଟନୈତିକ ପଦକ୍ଷେପ ଆରମ୍ଭ କରିଛୁ: ନେପାଳ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର, ୨ ।୫: ମାତ୍ର ଅଢ଼େଇ ମାସର ବ୍ୟବଧାନ ପରେ କିଟ୍‌ରେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଗୁରୁବାର ସନ୍ଧ୍ୟାରେ ବେକରେ ଓଢ଼ଣୀ ବାନ୍ଧି ସେ ଆତ୍ମହତ୍ୟା କରିଥିବା କୁହାଯାଉଛି । ମୃତା ଛାତ୍ରୀଙ୍କ ନାମ ପ୍ରୀଶା ଶାହା ଓ ତାଙ୍କ ଘର ନେପାଳର ବୀରଗଞ୍ଜରେ ବୋଲି ଜଣାପଡ଼ିଛି । ପ୍ରୀଶା କିଟ୍ ବିଶ୍ୱବିଦ୍ୟାଳୟରେ ବିଟେକ୍ ପ୍ରଥମ ବର୍ଷ କଂପୁଟର ସାଇନ୍ସ ବିଭାଗର ଛାତ୍ରୀ ଥିଲେ । ଛାତ୍ରୀ ଜଣକ ଜୀବନ ହରାଇଥିବା ନେଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପୋଲିସ ମୃତା ଛାତ୍ରୀଙ୍କ ଶବକୁ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ଲାଗି ଏମ୍ସ ହସ୍ପିଟାଲର ଶବ ବ୍ୟବଚ୍ଛେଦ ଗୃହରେ ରଖାଇଛନ୍ତି । ଝିଅର ଆତ୍ମହତ୍ୟା ଖବର ଶୁଣି ନେପାଳରୁ ଶୁକ୍ରବାର ସନ୍ଧ୍ୟାରେ ଆସି ଭୁବନେଶ୍ୱରେ ପହଞ୍ଚିଛନ୍ତି ତାଙ୍କ ବାପା ମା । ତେବେ ବିମାନବନ୍ଦରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରୀଶାଙ୍କ ବାପା ତାଙ୍କ ଝିଅ ଘର ଲୋକଙ୍କ ସହ ଗୁରୁବାର ଅପରାହ୍ନରେ ଭଲରେ କଥା ହୋଇଥିବା କହିଛନ୍ତି । କେଉଁ ପରିସ୍ଥିତିରେ ତାଙ୍କ ଝିଅ ଆତ୍ମହତ୍ୟା କରିଛନ୍ତି ତାହା ସେ ଜାଣି ନାହାନ୍ତି ବୋଲି କୋହଭରା କଣ୍ଠରେ ପ୍ରୀଶାଙ୍କ ମା’ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପୋଲିସ ତଦନ୍ତ ଆରମ୍ଭ କରିଛି,ପ୍ରାଥମିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, “ଏଭଳି ଘଟଣା ଶୁଭଙ୍କର ନୁହେଁ । ଯୁବପିଢ଼ି ଆତ୍ମହତ୍ୟା ଆଡ଼କୁ ଯାଉଛନ୍ତି ଯାହା ଚିନ୍ତାର ବିଷୟ । ଏହି ଘଟଣାକୁ ନେଇ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ୟୁଜିସି ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡି ଟିମ ଗଠନ କରାଯାଇଛି । ଇଗ୍ନୋର ପୂର୍ବତନ ଭିସି ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଏହି ଟିମ ଗଠନ କରାଯାଇଛି । ଟିମରେ ୪ ଜଣ ସଦସ୍ୟ ରହିଛନ୍ତି । ଆସନ୍ତା ୧୦ ଦିନ ମଧ୍ୟରେ ଟିମ୍ ଏହି ମାମଲାର ତଦନ୍ତ କରି ରିପୋର୍ଟ ଦାଖଲ କରିବ । ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ମାମଲାକୁ ଜାତୀୟ ମାନବାଧିକାର କମିସନ୍ (ଏନଏଚ୍ଆରସି) ଗମ୍ଭୀରତାର ସହିତ ନେଇଛନ୍ତି । ଏନ୍ଏଚଆରସି ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛନ୍ତି । ତୁରନ୍ତ ତଦନ୍ତ ସାରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୯ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି । ସୂଚନାଯୋଗ୍ୟ ଯେ, ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ କିଟ୍ ବିଶ୍ୱବିଦ୍ୟାଳୟର ରାଣୀ କ୍ୟାଂପସ ହଷ୍ଟେଲରୁ ରୁମରୁ ଉକ୍ତ ନେପାଳୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଅପରପକ୍ଷରେ ଏହି ଘଟଣାରେ ନେପାଳ ବୈଦେଶିକ ମନ୍ତ୍ରୀ ଆରଜୁ ରାଣା ଦେଉବା ଉଦବେଗ ପ୍ରକାଶ କରିବା ସହିତ ଟ୍ୱିଟ୍ କରି ଦୁଃଖ ପ୍ରକାଶ କରିବା ସହ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ କହିଛନ୍ତି । କାହିଁକି ଛାତ୍ରୀ ଜଣଙ୍କର ମୃତ୍ୟୁ ଘଟିଲା, ତାର ସତ୍ୟାସତ୍ୟ ଯାଞ୍ଚ କରାଯାଉ । ଘଟଣାର ତଦନ୍ତ ପାଇଁ କୂଟନୈତିକ ପଦକ୍ଷେପ ଆରମ୍ଭ କରିଛୁ । ଏନେଇ ଭାରତ ସରକାର, ଓଡ଼ିଶା ସରକାରଙ୍କ ସହ ଆଲୋଚନା ଚାଲିଛି ବୋଲି ସେ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି । ପ୍ରକାଶଥାଉ କି, ଗତ ଫେବୃଆରୀ ୧୬ରେ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରକୃତି ନାମକ ଜଣେ ବିଟେକ୍ ତୃତୀୟ ବର୍ଷର ଛାତ୍ରୀ ଜୀବନ ହାରିଥିଲେ । ସେ କଂପ୍ୟୁଟର ସାଇନ୍ସରେ ପଢୁଥିଲେ । ତାଙ୍କ ମୃତ୍ୟୁକୁ ନେଇ କିଟ ବିଶ୍ୱ ବିଦ୍ୟାଳୟ ବିବାଦରେ ଛନ୍ଦି ହୋଇଥିଲା । ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ । ଏହି ଘଟଣାକୁ ନେଇ ସାରା ଦେଶରେ କିଟ୍ ବିଶ୍ୱବିଦ୍ୟାଳୟ ବିବାଦକୁ ଚାଲିଆସିଥିଲା । ତେବେ ଏବେ ପୁଣି ଜଣେ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି ।




CMYK

# ଗଙ୍ଗାରେ ମୁଦ୍ରା ଫିଙ୍ଗିଲେ କ'ଣ ହୁଏ ?

## ● ପ୍ରେମାନନ୍ଦ ମହାରାଜ



ପ୍ରେମାନନ୍ଦ ଜୀ ମହାରାଜ ଜଣେ ଦିବ୍ୟ ସନ୍ଥ, ଯାହାଙ୍କ ଉପସ୍ଥିତିରେ ମନ ଶାନ୍ତ ହୋଇଯାଏ ଏବଂ ଆତ୍ମା ଈଶ୍ୱରଙ୍କୁ ଅନୁଭବ କରିବା ଆରମ୍ଭ କରେ। ତାଙ୍କର ସରଳ, ମଧୁର ଏବଂ ନମ୍ର ସ୍ୱଭାବ ସମସ୍ତଙ୍କ ହୃଦୟକୁ ଛୁଇଁଥାଏ। ତାଙ୍କର ଉପଦେଶ ଜୀବନକୁ ବୁଝିବା ପାଇଁ ଗଭୀରତା ପ୍ରଦାନ କରେ ବୋଲି ତାଙ୍କ ଶ୍ରଦ୍ଧାଳୁମାନେ ଦାବି କରନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ସେ ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ଭକ୍ତି, ପ୍ରେମ ଏବଂ ଆଧ୍ୟାତ୍ମିକ ସନ୍ତୁଳନର ଭାବନା ଜାଗ୍ରତ କରୁଛନ୍ତି। ପ୍ରାୟତଃ ଭକ୍ତମାନେ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ତାଙ୍କ ସତ୍‌ସଙ୍ଗକୁ ଆସନ୍ତି, ଯାହା ଶୁଣିବା ପରେ ମହାରାଜ ଜୀ ସମାଧାନ ଦିଅନ୍ତି। ଅନେକ ସମୟରେ ଭକ୍ତମାନେ ଆଧ୍ୟାତ୍ମିକ ପ୍ରଶ୍ନ ମଧ୍ୟ ପଚାରନ୍ତି, ଯାହାର ସେ ବହୁତ ସରଳ ଏବଂ ଯୁକ୍ତିଯୁକ୍ତ ଉତ୍ତର ଦିଅନ୍ତି। ନିକଟରେ ଜଣେ ଭକ୍ତ ତାଙ୍କୁ ପଚାରିଥିଲେ ଯେ ଗଙ୍ଗାରେ ମୁଦ୍ରା ପକାଇଲେ ପୁଣ୍ୟ ମିଳିଥାଏ ନା ଏହା କେବଳ ଏକ ପରମ୍ପରା। ପ୍ରେମାନନ୍ଦ ଜୀ ମହାରାଜ ଅତି ସରଳ ଭାଷାରେ ବୁଝାଇଥିଲେ ଯେ ଗଙ୍ଗାରେ ମୁଦ୍ରା ପକାଇବା କୌଣସି ପୁଣ୍ୟ କାର୍ଯ୍ୟ ନୁହେଁ କିମ୍ବା ଏହାର କୌଣସି ଆଧ୍ୟାତ୍ମିକ ଲାଭ ମଧ୍ୟ ନାହିଁ। ବିପରୀତରେ, ଏହା ଗଙ୍ଗାର ପବିତ୍ରତା ଏବଂ ପରିଷ୍କାରତାକୁ କ୍ଷତି ପହଞ୍ଚାଏ। ସେ କହିଥିଲେ ଯେ ଯଦି କେହି ପ୍ରକୃତରେ ପୁଣ୍ୟ ଅର୍ଜନ କରିବାକୁ ଚାହାଁନ୍ତି, ତେବେ ସେ ସେହି ମୁଦ୍ରା କିମ୍ବା ଟଙ୍କାକୁ କୌଣସି ଅଭାବଗ୍ରସ୍ତ ବ୍ୟକ୍ତିଙ୍କ ସେବାରେ ବ୍ୟବହାର କରିବା ଉଚିତ। ଉଦାହରଣ ସ୍ୱରୂପ, ଜଣେ ଭୋକିଲା ବ୍ୟକ୍ତିଙ୍କୁ ଖାଦ୍ୟ ଦିଅ, ଗାଈକୁ ଚାରା ଦିଅ କିମ୍ବା ଜଣେ ଗରିବ ବ୍ୟକ୍ତିଙ୍କୁ ପୋଷାକ ଏବଂ ଆବଶ୍ୟକୀୟ ଜିନିଷପତ୍ର ଦିଅ। ଏହି ପ୍ରକାରର ସେବା ହେଉଛି ପ୍ରକୃତ ପଥ। ଲୋକମାନଙ୍କୁ ଅନ୍ଧବିଶ୍ୱାସରୁ ଦୂରରେ ରହିବାକୁ ସେ ପ୍ରେରଣା ଦିଅନ୍ତି। ସେ କହନ୍ତି ଯେ ଆଜି ଅନେକ ଲୋକ ପରମ୍ପରାକୁ ନ ବୁଝି ସେଗୁଡ଼ିକୁ ପାଳନ କରନ୍ତି, ଯେତେବେଳେ ପ୍ରକୃତ ସଦଗୁଣ ସେବା, କରୁଣା ଏବଂ ପ୍ରକୃତ ଭାବନା ମାଧ୍ୟମରେ ହାସଲ ହୁଏ। ସେ ଭକ୍ତମାନଙ୍କୁ ଗଙ୍ଗାକୁ ସଫା ରଖିବା ଏବଂ ସେମାନଙ୍କର ଭକ୍ତିକୁ ସମାଜସେବାରେ ପରିଣତ କରିବା ପାଇଁ ପ୍ରତିଜ୍ଞା ନେବାକୁ ଆହ୍ୱାନ କରିଥିଲେ। ତାଙ୍କର ସ୍ପଷ୍ଟ ବାର୍ତ୍ତା ଥିଲା ଯେ ଗଙ୍ଗାର ଶୁଦ୍ଧ ଜଳରେ ଜିନିଷ ଫୋପାଡ଼ିବା ପରିବର୍ତ୍ତେ ଏହାକୁ ସୁରକ୍ଷା ଦେବାରେ ପ୍ରକୃତ ଭକ୍ତି ନିହିତ।

# ମାଆ ତାରିଣୀଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ



ନଡ଼ିଆ ରାଣୀ ମାଆ ତାରିଣୀଙ୍କ ମହିମା ଅପାର । ସିନ୍ଦୂର ମୁହଁ ,ସେ ଦୁଃଖ ହାରିଣୀ । କରୁଣାମୟୀ ସେ ମାଆ ତାରିଣୀ । ତାଙ୍କ ଶରଣରେ ସବୁ ଦୁଃଖ ଦୂର ହୁଏ । ଭକ୍ତର ମନବାଞ୍ଛା ପୂରଣ କରନ୍ତି ମାଆ । ଏହି ପରିପେକ୍ଷୀରେ କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ହରିୟନ୍ତା ପଞ୍ଚାୟତର ବିଲ ତେରୁଆଁ ଗ୍ରାମଠାରେ ମାଆ ତାରିଣୀଙ୍କ ୧୫ତମ ବିଶ୍ୱ ଶାନ୍ତି ମହାଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବର ପ୍ରାରମ୍ଭରେ ଏକ ବିରାଟ କଳସ ଶୋଭାଯାତ୍ରାରେ ଭକ୍ତ ମାନେ ଡଗରା ସାହି ନଦୀ କୂଳରୁ ଜଳ ଅଣାଯାଇଥିଲା । ଏହାପରେ ମାଆ ତାରିଣୀଙ୍କ ନିକଟରେ ପ୍ରଥମେ ଅଙ୍କୁରାରୋପଣ ଏବଂ ଅଖଣ୍ଡ ସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ, ସୂର୍ଯ୍ୟ ପୂଜା, ଗୋ ପୂଜା, ମଣ୍ଡଳାଦି ପୂଜା ସମାପନ ହୋଇଥିଲା । ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ଅବସରରେ ମାଆଙ୍କ ନିକଟରେ ଏକ ବିରାଟ ଯଜ୍ଞ ଅନୁଷ୍ଠିତ ହେବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ବିଲତେରୁଆଁ ପୂଜା କମିଟି ପକ୍ଷରୁ କରାଯାଇଥିଲା । ଉତ୍ସବରେ ପ୍ରାୟ ପାଞ୍ଚ ହଜାରୁ ଅଧିକ ଶ୍ରଦ୍ଧାଳୁ ମାନେ ଯୋଗ ଦାନ କରିଥିଲେ।

# ବଟ ସାବିତ୍ରୀ ବ୍ରତ

ବିବାହିତ ମହିଳାମାନଙ୍କ ପାଇଁ ବଟ ସାବିତ୍ରୀ ବ୍ରତକୁ ବହୁତ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ । ପୌରାଣିକ କଥା ଅନୁସାରେ, ରାଜା ଅଶ୍ୱପତିଙ୍କ କନ୍ୟା ସାବିତ୍ରୀ ତାଙ୍କ ସ୍ୱାମୀ ସତ୍ୟବାନଙ୍କ ପାଇଁ ବଟ ସାବିତ୍ରୀ ଉପବାସ ପାଳନ କରିଥିଲେ । ସେହି ଦିନଠାରୁ, ମହିଳାମାନେ ନିଜ ସ୍ୱାମୀଙ୍କ ମଙ୍ଗଳ ପାଇଁ ବଟ ସାବିତ୍ରୀ ଉପବାସ ପାଳନ କରନ୍ତି । ଏହି ଉପବାସ ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥିରେ ପାଳନ କରାଯାଏ । ଏହି ସାବିତ୍ରୀ ବ୍ରତ ସାରା ଦେଶରେ ଭିନ୍ନ ଭିନ୍ନ ନାମରେ ଜଣାଶୁଣା ଯେପରିକି ବଡମାବାସ, ବରଗଦାହି, ବଟ ଅମାବାସ୍ୟା ଇତ୍ୟାଦି । ଧାର୍ମିକ ବିଶ୍ୱାସ ଅନୁସାରେ, ଏହି ବ୍ରତକୁ ସମ୍ପୂର୍ଣ୍ଣ ରୀତିନୀତି ସହିତ ପାଳନ କରିବା ଦ୍ୱାରା, ଅଖଣ୍ଡ ସୌଭାଗ୍ୟର ଆଶୀର୍ବାଦ ମିଳିଥାଏ ।

### ■ ବଟ ସାବିତ୍ରୀ ବ୍ରତ ତିଥି :

ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ, ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥି ମେ ୨୬ ତାରିଖ ଦିନ ୧୨:୧୧ ସମୟରେ ଆରମ୍ଭ ହେବ ।ମେ ୨୭ ସକାଳ ୮:୩୧ ରେ ଶେଷ ହେବ । ଏପରି ପରିସ୍ଥିତିରେ, ମେ ୨୬ ସୋମବାର ବଟ ସାବିତ୍ରୀ ଉପବାସ ପାଳନ କରାଯିବ ।

### ■ ବଟ ସାବିତ୍ରୀ ବ୍ରତ ପୂଜା ବିଧି :

ବଟ୍ଟ ସାବିତ୍ରୀ ବ୍ରତ ଦିନ, ମହିଳାମାନେ ବ୍ରାହ୍ମ ମୁହୂର୍ତ୍ତରେ ଉଠି ସ୍ନାନ କରିବା ଉଚିତ । ତା' ପରେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବା ଉଚିତ । ଏହା ପରେ ଉପବାସ କରୁଥିବା ମହିଳାମାନେ ସଜାଡ଼ି ହୋଇ ବଟଗଛ ତଳେ ଥିବା ସ୍ଥାନକୁ ସଫା କରି ପୂଜା ଆରମ୍ଭ କରିବା ଉଚିତ । ଏହା ପରେ, ଧୂପ ଏବଂ ଦୀପ ଜଳାନ୍ତୁ, ତା'ପରେ ବଟ ଗଛକୁ ସାତ ଥର ପରିକ୍ରମା କରନ୍ତୁ ଏବଂ ବଟ ସାବିତ୍ରୀ ବ୍ରତ ପାଠ କରନ୍ତୁ । ଏହା ପରେ, ପ୍ରସାଦ ଅର୍ପଣ କରନ୍ତୁ । ଶେଷରେ ମନ୍ଦିର କିମ୍ବା ଗରିବ ଲୋକଙ୍କୁ ଖାଦ୍ୟ ଏବଂ ଟଙ୍କା ଦାନ କରନ୍ତୁ ।

### ■ ବଟ ସାବିତ୍ରୀ ବ୍ରତ ମହତ୍ତ୍ୱ :

ଧାର୍ମିକ ବିଶ୍ୱାସ ଅନୁସାରେ, ବଟ ସାବିତ୍ରୀ ବ୍ରତ ପାଳନ କରିବା ଦ୍ୱାରା ବୈବାହିକ ଜୀବନ ସୁଖମୟ ହୁଏ ଏବଂ ପାରସ୍ପରିକ ପ୍ରେମ ସମ୍ପର୍କ ଆହୁରି ମଜଭୁତ ହୁଏ । ଏହା ବ୍ୟତୀତ, ଏହି ବ୍ରତ ପାଳନ କରି, ପିଲାମାନଙ୍କର ସୁଖ ମଧ୍ୟ ପାଇପାରିବେ । ଏହି ପୂଜାରେ, ବଟଗଛକୁ ପୂଜା କରାଯାଏ କାରଣ ବିଶ୍ୱାସ କରାଯାଏ ଯେ ଭଗବାନ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ ତିନିଜଣ ବଟଗଛରେ ବାସ କରନ୍ତି । ଏହିପରି ବିଧି ଅନୁସାରେ ପୂଜା କଲେ ଭଲ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି ।



# ହିନ୍ଦୁ ଧର୍ମରେ ଗଛଲତା



ଗୁରୁବାର ଦିନ ମଧ୍ୟ କଦଳୀ ଗଛ ପୂଜା କରାଯାଏ, ଏପରି ପରିସ୍ଥିତିରେ, କଦଳୀ ଗଛ ସହିତ ଜଡିତ ଅନେକ ଉପଚାର ଅଛି । ଯାହାକୁ କରିବା ଦ୍ୱାରା ଆପଣ ଆପଣଙ୍କ ଜୀବନରେ ସୌଭାଗ୍ୟ ବୃଦ୍ଧି କରିପାରିବେ ।

*ହିନ୍ଦୁ ଧର୍ମରେ ଗଛଲତା ଏବଂ ପ୍ରକୃତିକୁ ବହୁତ ଗୁରୁତ୍ୱ ଦିଆଯାଇଛି । ଅନେକ ଗଛ ଏବଂ ଉଦ୍ଭିଦକୁ ଈଶ୍ୱରଙ୍କ ମାନ୍ୟତା ଦିଆଯାଇଛି । ଏହିପରି ହିନ୍ଦୁ ଧର୍ମରେ, କଦଳୀ ଗଛକୁ ଗୁରୁ ଭଗବାନଙ୍କ ବର୍ଗରେ ରଖାଯାଇଛି । କୁହାଯାଏ ଯେ ଏଥିରେ ଭଗବାନ ବିଷ୍ଣୁ ଏବଂ ଗୁରୁ ବୃହସ୍ପତି ବାସ କରନ୍ତି ।*

ଗୁରୁବାର ଦିନ କଦଳୀ ଗଛ ପୂଜା କରିବାର ନିଜସ୍ୱ ମହତ୍ତ୍ୱ ଅଛି । କୁହାଯାଏ ଯେ ଏହା ଗୁରୁ ବୃହସ୍ପତିଙ୍କୁ ପ୍ରସନ୍ନ କରେ ଏବଂ ସମସ୍ତ ଇଚ୍ଛା ପୂରଣ କରେ । କଦଳୀ ଗଛ ସମ୍ପର୍କରେ ଅନେକ ବିଶ୍ୱାସ ହିନ୍ଦୁ ଧର୍ମରେ ବହୁ ଆଗରୁ ରହିଛି । ଏଥି ସହ ଅନେକ ଶୁଭ କାର୍ଯ୍ୟରେ ମଧ୍ୟ କଦଳୀ ପତ୍ରର ବ୍ୟବହାର କରାଯାଏ । ଯେମିତିକି ବିବାହ, ବ୍ରତଘର, ଜନ୍ମଦିନ ଇତ୍ୟାଦି । ଗୁରୁବାର କଦଳୀ ଗଛ ପୂଜା କରାଯାଏ, ଏପରି ପରିସ୍ଥିତିରେ, କଦଳୀ ଗଛ ସହିତ ଜଡିତ ଅନେକ ଉପଚାର ଅଛି । ଯାହାକୁ କରିବା ଦ୍ୱାରା ଆପଣ ଆପଣଙ୍କ ଜୀବନରେ ସୌଭାଗ୍ୟ ବୃଦ୍ଧି କରିପାରିବେ । ତେବେ ଏଥର ଜାଣିବା ଏହାର କିଛି ଆଶ୍ଚର୍ଯ୍ୟଜନକ ଦିଗ ବିଷୟରେ ।

### ଆର୍ଥିକ ଅବସ୍ଥାରେ ଉନ୍ନତି :

ଯଦି କୌଣସି ବ୍ୟକ୍ତିଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ ଏବଂ ସେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ତାଙ୍କୁ ଗଛ ମୂଳ ଚାରିପାଖରେ ୧୧ ଥର ପରିକ୍ରମା କରିବା ଉଚିତ । ଏହା ସହିତ, କଦଳୀ ଗଛ ମୂଳରେ ଗୁଡ଼, ଚଣା ଡାଲି ଏବଂ ହଳଦୀ ଗଣ୍ଠି ଅର୍ପଣ କରିବା ଉଚିତ ।

### ମୁଖ୍ୟ ଦ୍ୱାର ସମାଧାନ :

ଘରର ମୁଖ୍ୟ ଦ୍ୱାରରେ କଦଳୀର ମୂଳ ବାନ୍ଧିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଏପରି କରିବା ଦ୍ୱାରା ଘରୁ ନକାରାତ୍ମକତା ଦୂର ହୋଇଥାଏ ।

### ମଙ୍ଗଳଦୋଷର ପ୍ରତିକାର

ଯଦି କୌଣସି ବ୍ୟକ୍ତିଙ୍କର ମଙ୍ଗଳ ଦୋଷ ଅଛି, ତେବେ ଏଥିରୁ ମୁକ୍ତି ପାଇବା ପାଇଁ, କଦଳୀ ମୂଳ ପୂଜା କରିବା ଉଚିତ ।

**ବିବାହରେ ବାଧା ପାଇଁ ପ୍ରତିକାର :**

ଯଦି କାହାର ବିବାହରେ ବାଧା ଉପୁଜୁଛି, ତେବେ ଗୁରୁବାର ଦିନ ହଳଦିଆ ବସ୍ତ୍ର ପିନ୍ଧି କଦଳୀ ମୂଳ ପୂଜା କରିବା ଉଚିତ ଏବଂ କଦଳୀ ଗଛରେ ହଳଦିଆ ସୂତା ବାନ୍ଧିବା ଉଚିତ । ଏହା କରିବା ଦ୍ୱାରା ଖୁବ୍ ଶୀଘ୍ର ବିବାହର ସମ୍ଭାବନା ରହିବ ।

### କଦଳୀ ଗଛ ପୂଜା:

କଦଳୀ ଗଛକୁ ପୂଜା କରିବା ଦ୍ୱାରା ବିଶେଷ ଆଶୀର୍ବାଦ ମିଳିଥାଏ । ଗୁରୁବାର କଦଳୀ ଗଛକୁ ପାଣି, ହଳଦୀ, ଫୁଲ ଏବଂ ଧୂପ ଦେଇ ପୂଜା କରିବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୁଏ ଏବଂ ଭାଗ୍ୟ ଜାଗ୍ରତ ହୁଏ ।

### କଦଳୀ ମୂଳ ଉପଚାର:

କଦଳୀ ଗଛର ମୂଳକୁ ଗଙ୍ଗା ଜଳରେ ଧୋଇ ହଳଦିଆ ସୂତାରେ ବାନ୍ଧି ସିନ୍ଦୂରରେ କିମ୍ବା ଟଙ୍କା ରଖିଥିବା ସ୍ଥାନରେ ରଖିବା ଦ୍ୱାରା ଧନ ବୃଦ୍ଧି ହୁଏ ।

### ଘରେ କଦଳୀ ଗଛ ଲଗାଇବା :

ଘରେ କଦଳୀ ଗଛ ଲଗାଇବା ଦ୍ୱାରା ବାସ୍ତୁ ଦୋଷ ଦୂର ହୁଏ ଏବଂ ନକରାତ୍ମକ ଶକ୍ତି ଦୂର ହୋଇ ଘରେ ସକାରାତ୍ମକ ଶକ୍ତି ଆସେ ।

### କଦଳୀ ଗଛକୁ ପାଣି ଅର୍ପଣ କରିବା :

କଦଳୀ ଗଛରେ ପାଣି ଅର୍ପଣ କରିବା ସମୟରେ ସେଥିରେ ଚିମୁଟାଏ ହଳଦୀ ଏବଂ ଗୋଟିଏ ମୁଦ୍ରା ମିଶାଇଲେ ସୁଖ ଏବଂ ସମୃଦ୍ଧି ଆସିଥାଏ ।



# ଗ୍ରୀଷ୍ମ ଋତୁରେ ବହୁତ ଉପଯୋଗୀ ପୁଦିନା

## ଡିହାଇଡ୍ରେସନ୍ ସହ ଦୂର ହେବ ଅନେକ ରୋଗ



ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା ରଖିବା ତଥା ସତେଜତା ବଜାୟ ରଖିବା ପାଇଁ ଆମେ ଅନେକ ପଦକ୍ଷେପ ନେଇଥାଉ । ଏହା ମଧ୍ୟରେ ପୁଦିନା ମଧ୍ୟ ସାମିଲ ଅଛି, ଯାହା ଆପଣଙ୍କ ରୋଷେଇ ଘର କିମ୍ବା ବଗିଚାରେ ସହଜରେ ଉପଲବ୍ଧ ହୋଇଯାଏ । ପୁଦିନା କେବଳ ସ୍ୱାଦ ବୃଦ୍ଧି କରୁଥିବା ଏକ ଗଛ ନୁହେଁ ବରଂ ଗ୍ରୀଷ୍ମ ଋତୁରେ ଏହା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ । ପୁଦିନା ଏକ ଗ୍ରୀଷ୍ମକାଳୀନ ସୁପରଫୁଡ୍ ଯାହା କେବଳ ଡିହାଇଡ୍ରେସନ୍ (ନିର୍ଜଳୀକରଣ)ନୁହେଁ ବରଂ ଅନ୍ୟାନ୍ୟ ରୋଗ ସହିତ ଲଢ଼ିବାର ଶକ୍ତି ରଖେ । ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରି ଆପଣ ଗ୍ରୀଷ୍ମ ଋତୁରେ ନିଜକୁ ସୁସ୍ଥ ଏବଂ ଥଣ୍ଡା କରିପାରିବେ । ତେବେ ପୁଦିନା ଖାଇବାର ଲାଭ...

### ୧. ଡିହାଇଡ୍ରେସନ୍ ଦୂର ହେବ:

ପୁଦିନା ପାଣି କିମ୍ବା ପୁଦିନା ଚଟଣି ଶରୀରକୁ ଥଣ୍ଡା କରିଥାଏ ଏବଂ ଡିହାଇଡ୍ରେସନରୁ ରକ୍ଷା କରିଥାଏ । ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ସ ଶରୀରକୁ ହାଇଡ୍ରେଟ୍ ରଖିଥାଏ ।

### ୨. ପାଚନ ତନ୍ତ୍ରକୁ ସୁସ୍ଥ ରଖେ:

ପୁଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମେନ୍ଥଲ ରହିଥାଏ ଯାହା ଗ୍ୟାସ, ଏସିଡିଟି ଏବଂ ବଦହଜମୀ ଭଳି ଅନେକ ରୋଗରୁ ମୁକ୍ତି ଦିଏ । ପେଟ ଯନ୍ତ୍ରଣା ପାଇଁ ପୁଦିନା ଚା' ମଧ୍ୟ ଖୁବ ପ୍ରଭାବଶାଳୀ ହୋଇଥାଏ ।

### ୩. ଶ୍ୱାସକ୍ରିୟା ସମସ୍ୟାରେ ଆରାମ:

ସାଇନସ୍, କାଶ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ସମସ୍ୟାରେ ମଧ୍ୟ ପୁଦିନା ଲାଭଦାୟକ । ଏହାର ସୁଗନ୍ଧ ଏବଂ ମେନ୍ଥଲ୍ କଫରୁ ମୁକ୍ତ କରିବାରେ ସାହାଯ୍ୟ କରେ, ଯାହା ଶ୍ୱାସକ୍ରିୟାକୁ ସହଜ କରିଥାଏ । ପୁଦିନା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଅନେକ ସମସ୍ୟାକୁ ଦୂରେଇ ରଖିବାରେ ସାହାଯ୍ୟ କରେ ।

### ୪. ଚର୍ମ ପାଇଁ ମଧ୍ୟ ଲାଭଦାୟକ:

ଗ୍ରୀଷ୍ମ ଋତୁରେ ଚର୍ମରେ ରାସେସ୍, ସନବର୍ଣ୍ଣ କିମ୍ବା ବ୍ରଣ ହେବା ସ୍ୱାଭାବିକ । ଏଥିରୁ ରକ୍ଷା ପାଇବା ପାଇଁ ପୁଦିନା ବହୁତ ଉପଯୋଗୀ ହୋଇଥାଏ । ପୁଦିନା ପେଷ୍ଟ ଲଗାଇବା ଦ୍ୱାରା ଚର୍ମ ଥଣ୍ଡା ରହିଥାଏ ଏବଂ ସଂକ୍ରମଣରୁ ମଧ୍ୟ ମୁକ୍ତି ମିଳିଥାଏ ।

### ୫. ପାଟିର ଦୁର୍ଗନ୍ଧ ଏବଂ ଓରାଲ୍ ହେଲ୍‌ଥ:

ପୁଦିନା ଏକ ନ୍ୟାଚୁରାଲ୍ ମାଉଥ୍ ଫ୍ରେସନର୍ ଭାବରେ କାମ କରେ । ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଅଛି ଯାହା ମୁଖର ଜୀବାଣୁକୁ ମାରିଦିଏ ଏବଂ ଶ୍ୱାସକୁ ସତେଜ ରଖେ । ଏହା ପାଟିର ଦୁର୍ଗନ୍ଧ ଦୂର କରେ ଏବଂ ଓରାଲ୍ ହେଲ୍‌ଥରେ ମଧ୍ୟ ଉନ୍ନତି ଆଣେ ।

### ୬. ଚାପ କମ୍ ଥକ୍‌କାପଣ ଦୂର କରେ

ପୁଦିନାର ବାସ୍ନା ମନକୁ ଥଣ୍ଡା କରିଥାଏ ଏବଂ ଷ୍ଟ୍ରେସ କମ କରିଥାଏ । ଏହା ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍ ଭାବରେ କାମ କରେ । ଏକ କପ୍ ପୁଦିନା ଚା' କିମ୍ବା ସରବତ ଆପଣଙ୍କ ଥକାପଣ ଦୂର କରିପାରିବ ।

### କିପରି ସେବନ କରିବେ ପୁଦିନା:

ପୁଦିନା ପାଣି କିମ୍ବା ସରବତ ତିଆରି କରି ପିଅନ୍ତୁ । ଦହିରେ ପୁଦିନା ଚଟଣି ମିଶାନ୍ତୁ । ସାଲାଡରେ ପୁଦିନା ପତ୍ର ମିଶେଇପାରିବେ । ପୁଦିନା ଚା'ରୁ ଆପଣଙ୍କ ଦିନର ଆରମ୍ଭ କରନ୍ତୁ । ପୁଦିନା କେବଳ ଯେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ତା' ନୁହେଁ ଏହା ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଖୁବ ଲାଭକାରୀ ହୋଇଥାଏ । ତେଣୁ ନିଜ ତ୍ୱଚାରେ ମଧ୍ୟ ପୁଦିନା ପେଷ୍ଟ ଲଗାଇପାରିବେ ଯାହାଦ୍ୱାରା ଆପଣଙ୍କ ଚର୍ମ ଥଣ୍ଡା ରହିଥାଏ ।

# କାହିଁକି ହୁଏ ଚନ୍ଦନ ଯାତ୍ରା

## ଚନ୍ଦନ ଯାତ୍ରାର ଇତିହାସ



ମଣିଷକୁ ଯେମିତି ଅଧିକ ଗରମ ଲାଗିଲେ ଜଳକ୍ରୀଡା କରେ ଶରୀରକୁ ଥଣ୍ଡା ରଖିବାକୁ ଚେଷ୍ଟା କରେ । ମହାପ୍ରଭୁ ବି ଠିକ୍ ସେମିତି ମଣିଷ ଭଳି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ନିଜର ଶ୍ରୀଅଙ୍ଗକୁ ସୁରକ୍ଷା ଦେଇଥାନ୍ତି । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପ୍ରଭୁ ମଦନମୋହନ ଶ୍ରୀଦେବୀ, ଭୂଦେବୀଙ୍କ ସହ ନରେନ୍ଦ୍ର ସରୋବରକୁ ଯାଇ ଚାପ ଡଙ୍ଗାରେ ଜଳକ୍ରୀଡା ତଥା ନୌବିହାର କରି ପ୍ରବଳ ଗ୍ରୀଷ୍ମ ଦାଉରୁ ନିଜ ଶରୀରକୁ ସୁରକ୍ଷା ଦେଇଥାନ୍ତି । ଏଥିପାଇଁ ଅନୁଷ୍ଠିତ ହୁଏ ଚନ୍ଦନ ଯାତ୍ରା । ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପରେ ଶ୍ରୀମନ୍ଦିର ଭିତରେ ୨୧ ଦିନ ସ୍ନାନ ପୂର୍ଣ୍ଣିମା ପୂର୍ବ ଦିନ ଯାଏ ଏହି ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଯୁଗ ଯୁଗ ଧରି ବୈଶାଖ ଶୁକ୍ଳ ତୃତୀୟା ତଥା ଅକ୍ଷୟ ତୃତୀୟା ଠାରୁ ୪୨ ଦିନ ବ୍ୟାପୀ ଏହି ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ । ତନ୍ମଧ୍ୟରୁ ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ଧରି ବାହାର ବାହାର ଚନ୍ଦନ ଯାତ୍ରା ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମାନେ ନରେନ୍ଦ୍ର ପୁଷ୍କରିଣୀକୁ ଗମନ କରନ୍ତି । ଏଥି ସହିତ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିବା ପଞ୍ଚୁ ପାଣ୍ଡବ ଜମ୍ବେଶ୍ୱର, ଲୋକନାଥ, କପାଳମୋଚନ, ମାର୍କଣ୍ଡେୟ, ନୀଳକଣ୍ଠ ଏମାନେ ମଣି ବିମାନ ଗମନ କରି ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚି ଥାଆନ୍ତି । ନରେନ୍ଦ୍ର ସରୋବର ଦୁଇଟି ଚାପ ଡଙ୍ଗା ଯଥା ନନ୍ଦା, ଭଦ୍ରାରେ ଠାକୁରମାନେ ବିରାଜ ମାନ କରି ନୌବିହାର କରିଥାନ୍ତି । ନନ୍ଦା ଚାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପ୍ରଭୁ ମଦନମୋହନଙ୍କ ସହ ଭୂଦେବୀ, ଶ୍ରୀଦେବୀ ବିରାଜମାନ କରିଥାନ୍ତି ।

## ୧୬ କୁଶଳୀ ଶ୍ରମିକ ସମ୍ମାନିତ

ଟାଙ୍ଗୀ,(ନିପ୍ର): ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ସିପିଆଇ(ଏମ୍) ଆଞ୍ଚଳିକ କମିଟି ପକ୍ଷରୁ ଟାଙ୍ଗୀ ବଳରାମ ଦେବ ମଣ୍ଡପ ନିକଟରୁ ଶତାଧିକ ଶ୍ରମିକମାନଙ୍କୁ ନେଇ ଶୋଭାଯାତ୍ରା ବାହାରି ଟାଙ୍ଗୀ ଗ୍ରାମ ପରିକ୍ରମା କରି ସାରି ମଧୁମଙ୍ଗଳ ପଡ଼ିଆରେ ପହଞ୍ଚି ଶ୍ରମିକ ଦିବସ ଉପଲକ୍ଷେ ଲାଲ୍ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ସଦାଶିବ ବେହେରା ପତାକା ଉତ୍ତୋଳନ କରିଥିଲେ । ଆୟୋଜିତ ସଭାକାର୍ଯ୍ୟରେ ଖୋର୍ଦ୍ଧା ଜିଲ୍ଲା ସିପିଆଇ (ଏମ୍) ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାରେ ବିଧୁଭୂଷଣ ମହାରଣା, ସମ୍ପାଦକ ,ସିପିଆଇ (ଏମ୍) ଆଞ୍ଚଳିକ କମିଟି, ଟାଙ୍ଗୀ, ସଦାଶିବ ବେହେରା, ପିତାମ୍ବର ରଣା ଉପସ୍ଥିତ ରହି ବିଶ୍ୱ ଶ୍ରମିକ ଦିବସ ସମ୍ପର୍କରେ ଓ ଆଜିର ଦିନରେ ଶ୍ରମିକମାନେ ଅଧିକାର ପାଇଁ ଏକାଠି ହେବାକୁ ଉଦ୍‌ବୋଧନ ଦେଇଥିଲେ । ଆସନ୍ତା ୨୦ ତାରିଖରେ ସର୍ବଭାରତୀୟ ଭାରତ ବନ୍ଦ ଆନ୍ଦୋଳନକୁ ସଫଳ କରିବାକୁ ସମସ୍ତଙ୍କୁ ଯୋଗଦାନ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ନିର୍ମାଣ ଶ୍ରମିକ କାର୍ଡ ୨୮ ଜଣଙ୍କୁ ପ୍ରଦାନ କରାଯିବ ସହ ୧୬ ଜଣ କୁଶଳୀ ଶ୍ରମିକମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ନିର୍ମାଣ ଶ୍ରମିକଙ୍କୁ ମାନପତ୍ର ଓ ସମ୍ବର୍ଦ୍ଧନା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ ଶ୍ରୀରାମ ମନ୍ଦିରରେ ଥିବା ପାଠାଘର କକ୍ଷରେ ଗୁରୁବାର ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ପଦ୍ମଲାଭ ବିଶ୍ୱାଳ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବରିଷ୍ଠ ନେତା ତଥା ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂହ,ମୁଖ୍ୟ ବକ୍ତା ସାହିତିକ୍ୟ ଡ଼ ପୂର୍ଣଚନ୍ଦ୍ର ଦାଶ, ଅବସରପ୍ରାପ୍ତ ଅଧାପକ ଡ ଚନ୍ଦ୍ର ଶେଖର ଦାଶ, ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥିଭାବରେ ଯୋଗ ଦେଇ ଦୁଇ ଜଣ ନିର୍ମାଣ ଶ୍ରମିକଙ୍କୁ ମାନପତ୍ର, ଫୁଲଗୁଚ୍ଛ ଓ ଉପଢୌକାନ ଦେଇ



ସମ୍ବର୍ଦ୍ଧନା କରିଥିଲେ। ଶେଷରେ ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତିରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଖରିରେ ବୁଡ଼ି ନାବାଳକର ମୃତ୍ୟୁ

ବୁଗୁଡ଼ା,(ନିପ୍ର): ପୋଖରୀ ପାଣିରେ ବୁଡି ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗୋପି ବେହେରା। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବୁଗୁଡା ବ୍ଲକ ଅଧୀନସ୍ଥ ବିରଞ୍ଚିପୁର ଗ୍ରାମରେ । ସୂଚନା ମୁତାବକ ସବୁଦିନ ଭଳି ଆଜି ମଧ ଗୋପି ନିଜ ଗ୍ରାମରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ କୌଣସି ଅସାବଧାନତା ହେତୁ ସେ ଗଭୀର ଜଳ ଭିତରକୁ ଚାଲିଯାଇଥିଲେ । ଗଭୀରଜଳ ଭିତରୁ ବାହାରିବା ପାଇଁ ବହୁ ଚେଷ୍ଟା କରିଥିଲେ ମଧ ଗୋପୀ ବାହାରି ପାରିନଥିଲା।

## ନୀଳାଚଳ କୃଷକ ମହାସଂଘର ପ୍ରତିଷ୍ଠା ଦିବସ

କୋଣାର୍କ,(ନି: ପ୍ର),କୋଣାର୍କ ଥାନା ଅଧୀନସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତର ବାଲିଦୋକାନ ହାଟ ପରିସରରେ ପୁରୀ ଜିଲ୍ଲାର ଅଗ୍ରଣୀ କୃଷକ ସଂଗଠନ ନୀଳାଚଳ କୃଷକ ମହାସଂଘର ୪୦ତମ ପ୍ରତିଷ୍ଠା ଦିବସ ଓ କୃଷକ ଦିବସ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କୃଷିର ପର୍ବ ହେଉଛି ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ କାଠ ଅନୁକୂଳ ଧାର୍ମିକ ରୀତିନୀତି ଓ ପରମ୍ପରାର ସହିତ ଅନୁଷ୍ଠିତ ହୋଇଥାଏ। ପବିତ୍ର ଦିବସ ଉପଲକ୍ଷେ କୁରୁଜଙ୍ଗ ଗ୍ରାମପଞ୍ଚାୟତର ଗୟଳ ଗ୍ରାମ ଠାରେ ବୁଧବାର ଅଖୀମୁଠି ଅନୁକୂଳ ସମାରୋହ ଅନୁଷ୍ଠିତ ହୋଇଥିଲା। ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ କୃଷି କ୍ଷେତ୍ରରେ ହୋମ ଯଜ୍ଞ ଓ ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନ ପରେ ହଳବଳଦ ସାହାଯ୍ୟରେ ଚାଷ ଜମିରେ ଧାନ ବିହନ ବୁଣାଯାଇ ଅଖିମୁଠି ଅନୁକୂଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ନୀଳାଚଳ କୃଷକ ମହାସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ଗୋପିନାଥ ମିଶ୍ର, ସଂଗଠନର ସଂପାଦକ ବିପ୍ରବର ପାତ୍ର, ଗୋପ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, କାକଟପୁର ବ୍ଲକ ସଭାପତି ଶିଶିର କାନ୍ତ ବିଶ୍ୱାଳ, କୃଷକ ନେତା ରବିନ୍ଦ୍ର କୁମାର ସ୍ୱାଇଁ, ସମେତ ପୁରୀ ଜିଲ୍ଲାର କୃଷକ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ନୀଳାଚଳ କୃଷକ ମହାସଂଘର ସଭାପତି ଆଇନଜୀବୀ ଗୋପିନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ ମହିଳା କୃଷି ଗବେଷଣା ସଂସ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମୃଦୁଳା ଦେବୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅଖିଳ କୃଷ୍ଣ ମହାପାତ୍ର, ଜନ ସୁରକ୍ଷା ଜନମଞ୍ଚର ଆବାହକ ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ଦାସ, କୃଷି ବୈଜ୍ଞାନିକ ଡଃ ସୂର୍ଯ୍ୟ ନାରାୟଣ ମିଶ୍ର, ପୁରୀ ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶିକା ଡଃ ମଞ୍ଜୁଳା ତ୍ରିପାଠୀ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକ କଲ୍ୟାଣ ମାନଙ୍କ ପାଇଁ ନୀଳାଚଳ କୃଷକ ମହାସଂଘର ନିରନ୍ତର ଓ ନିରବଚ୍ଛିନ୍ନ ସେବା କାର୍ଯ୍ୟ କୃଷକ ମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସଦୃଶ ବୋଲି ଅଭିହିତ କରିଥିଲେ।

## ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି ରାସ୍ତା କଡ଼ରେ ଚାଲିଛି ଇଟାପୋଡା



ଆସିକା,(ନିପ୍ର): ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି ସରକାରୀ ଜାଗାରେ ରାସ୍ତା କଡରେ ଚାଲିଛି ଇଟାଭାଟି ପୋଡା। ଆସିକା ତହସିଲ ଅନ୍ତର୍ଗତ ବରଗା ଠାରୁ ପଡାଳ ଯିବା ରାସ୍ତା କଡରେ ଇଟାଭାଟି ପୋଡା ହେଉଛି । ରାସ୍ତା କଡରେ ଇଟା ପ୍ରସ୍ତୁତ କରି ଭାଟି ପୋଡିବା ସହିତ ସରକାରୀ ଜାଗାକୁ ମାଡି ବସିଛନ୍ତି ଜୈନିକ ଇଟାଭାଟି ମାଲିକ। ଗୋଟିଏ ପଟେ ବର୍ତ୍ତମାନର କ୍ଷମତାସୀନ ସରକାର ସରକାରୀ ଜାଗାରେ କୌଣସି ପ୍ରକାର ଜବରଦଖଲ ବରଦାସ୍ତ କରାଯିବନି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ତାର ଖୋଲା ଖୋଲି ଉଲ୍ଲଂଘନ ହୋଇଛି।କାହା ଅନୁମତିରେ ଦୀର୍ଘ ବର୍ଷ ହେଲା ସରକାରୀ ଜାଗା ଜବରଦଖଲ କରି ଇଟାଭାଟି ନିର୍ମାଣ ହୋଇଛି ବୋଲି ଅଞ୍ଚଳବାସୀଙ୍କ ମନରେ ବର୍ତ୍ତମାନ ପ୍ରଶ୍ନ ଉଠିଛି। ବିଶେଷ କରି ବରଗାଁ ଠାରୁ ପଡାଳ ଯିବା ବାଟରେ ରାସ୍ତା କଡ଼କୁ ଲାଗି ଇଟାଭାଟି ତିଆରି କରି ଇଟା ପୋଡିବା ଫଳରେ ସେଥିରୁ ଉଡୁଥିବା ଧୂଳି ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷଣ ଦିନକୁ ଦିନ ବଢିବାକୁ ଲାଗିଛି । ଦୈନିକ ଉକ୍ତ ରାସ୍ତା ଦେଇ ହଜାର ହଜାର ଜନସାଧାରଣଠୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ର ଛାତ୍ରୀ, ବୃଦ୍ଧବୃଦ୍ଧା ଯିବା ଆସିବା କରିବା ସମୟରେ ଧୂଳି ଧୂଆଁ ଯୋଗୁଁ ଅତିଷ୍ଠ ହୋଇଗଲେଣି।ପ୍ରଦୂଷଣ ବଢିବା କାରଣରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲାଣି।ସରକାରୀ ନିୟମ ଅନୁଯାୟୀ ମାଟି ନିର୍ମିତ ଇଟା ନିଷିଦ୍ଧ। କିନ୍ତୁ ଏଠାରେ କାହା ଅନୁମତିରେ ଏହି ଇଟା ଭାଟି ନିର୍ମାଣ ହୋଇଛି ? ସ୍ଥାନୀୟ ପ୍ରଶାସନ, ପରବେଶ ପ୍ରଦୂଷଣ ବୋର୍ଡ, ଗ୍ରୀନ ଟ୍ରିବୁନାଲ କଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତି ଶୀଘ୍ର ଏହି ଇଟା ଭାଟିକୁ ବନ୍ଦ ନକରାଯାଏ ତେବେ ଆଗାମୀ ଦିନରେ ଏହାର ପ୍ରତିବାଦରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତି କରୁଥିବା ଶୁଣିବାକୁ ମିଳୁଛି।

## ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି

କେନ୍ଦୁଝର,(ନିପ୍ର): ଗତ ଅପ୍ରେଲ ୩୦ ତାରିଖରୁ ମେ ୧ ତାରିଖ ପର୍ଯ୍ୟନ୍ତ ଦୁଇଦିନ ଧରି କେନ୍ଦୁଝର ସଦର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଶିବିର ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଗୋବିନ୍ଦପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗ ଦେଇ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସଦର ବ୍ଲକର ଅତିରିକ୍ତ ଗୋଷୀ ଶିକ୍ଷା ଅଧିକାରୀ ତଥା ବି. ଆର. ସି.ସି. ମାନସ କୁମାର ମିଶ୍ର ଯୋଗଦେଇ ବିଭିନ୍ନ ପ୍ରକାର ଟି.ଏଲ.ଏମ. ପ୍ରସ୍ତୁତି ସମୟରେ ବିନା ମୂଲ୍ୟ ଓ ସ୍ୱଳ୍ପ ମୂଲ୍ୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷକ ବିଜୟ କୁମାର ମିଶ୍ର ଏକ ଉତ୍ତମ ଶିକ୍ଷଣ ସାମଗ୍ରୀର ଗୁଣାବଳୀ ସମ୍ପର୍କରେ କହିଥିବା ବେଳେ ଶିକ୍ଷକ ସୁଧାକର କୁଅଁର ବିଭିନ୍ନ ଦକ୍ଷତା ଓ ଉପଦକ୍ଷତା ସମ୍ପର୍କରେ କହିଥିଲେ। ସାଧନ କର୍ମୀ ତିଲୋତ୍ତମା ସାହୁ ଏକ ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିର ନିୟମ ତଥା କୌଶଳ ଉପରେ ବ୍ୟାଖ୍ୟା କରିଥିଲେ। ଅନ୍ୟତମ ସାଧନ କର୍ମୀ ରାମକୃଷ୍ଣ ମହାନ୍ତ ଯୋଗ ଦେଇ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିର ଉପାୟ ଜଣାଇଥିଲେ। ଏହି ଦୁଇ ଦିନରେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ଓ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ।

## ଚିଲିକା ଅଞ୍ଚଳ ବିକାଶରେ ସ୍ୱର୍ଗତ ଉଦୟ ନାଥ ଜେନା ପରିଚିତ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ତିତିପ ଚାରିଛକ ବଜାର ଠାରେ ସ୍ଥାନୀୟ ଅଞ୍ଚଳରେ ଚିଲିକା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଉଦୟ ନାଥ ଜେନାଙ୍କ ୧୨୧ ତମ ଜୟନ୍ତୀ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଶ୍ରୀ ଶ୍ରୀ କମଳେଶ୍ୱର ଦେବ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହା ଆୟୋଜନ ହୋଇଥିଲା । ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ରାଜ୍ୟ ମୁଖପାତ୍ର ସଜନ କୁମାର ଶର୍ମା, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଦୁଷ୍ମନ୍ତ କୁମାର ନାୟକ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ,୩୫ ମୌଜା ପରିଚାଳନା କମିଟି ସମ୍ପାଦକ ତଥା ଜୟ ଦୁର୍ଗା ସଂସ୍କୃତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାଶ ଶିକ୍ଷାବିତ୍ ବ୍ରଜ କିଶୋର ଜେନା, ଉଦୟନାଥଙ୍କ ନାତି ମଳୟ କୁମାର ଜେନା ପ୍ରମୁଖ ଯୋଗଦେଇ ପାରିକୁଦ ଅଞ୍ଚଳର କର୍ଣ୍ଣଧାର ଉଦୟନାଥଙ୍କ ଅଞ୍ଚଳ ପ୍ରତି ଅପୂରଣୀୟ ଅବଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଡ଼ଃ ଦେବେନ୍ଦ୍ର ନାଥ ତରେଇ ଯୋଗଦେଇ ଚିଲିକା ଅଞ୍ଚଳର ବିକାଶରେ କର୍ମବୀର ଭାବେ ସ୍ୱର୍ଗତ ଜେନା ପରିଚିତ ହୋଇଥିବାରୁ ତାଙ୍କୁ ଚିଲିକା ଗାନ୍ଧୀ ଆଖ୍ୟା ଦିଆଯାଇଥିବା କହିଥିଲେ । ଶିକ୍ଷକ ଅକ୍ଷୟ କୁମାର ସାମନ୍ତ ସିଂହାର ମଞ୍ଚ କାର୍ଯ୍ୟ ପରିଚାଳନା କରିଥିବା ବେଳେ ନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୩୫ ମୌଜା ପରିଚାଳନା କମିଟିର ସମସ୍ତ ସଦସ୍ୟ, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗଣ୍ଡଗୋଳରୁ ଗୁଳିକାଣ୍ଡ, ୪ ନାଁରେ ମାମଲା

ରାଜଗାଙ୍ଗପୁର,(ନିପ୍ର): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ବାଣ୍ଟୁ ପଡ଼ାରେ ଘଟିଥିବା ଗୁଳିକାଣ୍ଡ ଘଟଣାକୁ ୨୪ ଘଣ୍ଟା ବିତିଗଲାଣି । ମାତ୍ର ପୁଲିସର ହାତ ଖାଲି। ଗୁଳିକାଣ୍ଡରେ ଏମ୍‌ଜି ସମଶେର ଗୁରୁତର ହୋଇଥିଲେ। ସମଶେରଙ୍କ ବଡ଼ଭାଇଙ୍କ ଏତଲା ପରେ ଘଟଣାଟି ନୂଆ ମୋଡ଼ ନେଇଛି। ପୁଲିସ ୪ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରିଥିବା ବେଳେ ନିଜ ନିଜ ଭିତରେ ଗଣ୍ଡଗୋଳରୁ ଗୁଳିକାଣ୍ଡ ଘଟିଥିବା ସୂଚନା ମିଳିଛି । ଏହି ଘଟଣା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ରହିଛି।

ସୂଚନା ମୁତାବକ ଏମ୍‌ଡି ଗୁଲାବ ଦେଇଥିଲା ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଭାଇ ଏମ୍‌ଡି ସମଶେର ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ସହରର ୱାର୍ଡ ନଂ.୧୮ ବାଣ୍ଟୁପଡ଼ା ସ୍ଥିତ ଏକ ପଡ଼ିଆକୁ ଯାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୪ ଜଣ କଥାବାର୍ତ୍ତା ହେଉଥିଲେ। ସେଠାରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ହୋଇଥିଲା ଯୁକ୍ତିତର୍କ । ଏଥିରେ ଉତ୍ତେଜିତ ହୋଇ ୪ ଜଣ ସମଶେରଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ହଠାତ ଏମ୍‌ଡି ସମଶେରଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ପ୍ରଥମ ଗୁଳିଟି ଲକ୍ଷ୍ୟ ଭ୍ରଷ୍ଟ ହୋଇଥିବା ବେଳେ ଦ୍ୱିତୀୟଟି ସମଶେରଙ୍କ ବାମ ହାତରେ ବାଜିଥିଲା । ଗୁଳି ବାଜିବା ପରେ ସମଶେର ତଳେ ପଡ଼ି ଯାଇଥିଲେ। ଏହା ପରେ ଅନ୍ୟମାନେ ସେଠାରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟ କିଛି ଲୋକ ସମଶେରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ଲାଗି ରାଉରକେଲା ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଭାପୁର ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ

ଭାପୁର,(ନିପ୍ର): ଭାପୁର ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ,ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଏବଂ ଧର୍ମେନ୍ଦ୍ର କୁମାର ଧଳ, ୨୦ ଗୋଟି ପଂଚାୟତର




ଜନପ୍ରତିନିଧି ତଥା ଭାପୁର ବ୍ଲକର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲକ ଉପାଧକ୍ଷଙ୍କ ଅନୁମତି କ୍ରମେ ଗୋଷୀ ଉନ୍ନୟନ ଅଧିକାରୀ ଅଧିବେଶନକୁ ପରିଚାଳନା କରିଥିଲେ। ଉପସ୍ଥିତ ଥିବା ସମସ୍ତ ଜନପ୍ରତିନିଧି ନବମ ଅଧିବେଶନରେ ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ ପରେ ଗ୍ରାମପଞ୍ଚାୟତ ଅଧିକାରୀ ଅବିନାଶ ପତି ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ।ଉକ୍ତ ଅଧିବେଶନରେ ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ ଯୋଗାଣ,କୃଷି ଓ ଉଦ୍ୟାନ,ମତ୍ସ୍ୟ,ପଶୁପାଳନ,ଜଙ୍ଗଲ ଓ ପରିବେଶ,ଜଳସେଚନ,କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସନ୍ କାର୍ଡ ସମ୍ପର୍କିତ,ଆବାସ ଯୋଜନା, ରାସ୍ତାଘାଟର ଉନ୍ନତିକରଣ, ମହାତ୍ମାଗାନ୍ଧୀ ନିଶ୍ଚିତ ଜାତୀୟ କର୍ମନିଯୁକ୍ତି ଯୋଜନା ତଥା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଅଧିବେଶନରେ ବିଧାୟକ ଶ୍ରୀ ସ୍ୱାଇଁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ପଚାରି ବୁଝିବା ସହ ଉପସ୍ଥିତ ଥିବା ଜନପ୍ରତିନିଧି ମାନଙ୍କୁ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ଗୁଡିକୁ ଲିଖିତ ଭାବେ ଜଣାଇବା ପାଇଁ କହିଥିଲେ। ଆଗମୀ ଦିନରେ ଭାପୁର ବ୍ଲକର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବା ସହ ମିଳିମିଶି କାମ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ।

## ସିଆଇଟିୟୁ ତରଫରୁ ରଣପୁରରେ ବିଶ୍ୱ ଶ୍ରମିକ ଦିବସ

ରଣପୁର,(ନିପ୍ର): ମେ ପହିଲା ବିଶ୍ୱ ଶ୍ରମିକ ଦିବସ ରେ ସିଆଇଟିୟୁ ତରଫରୁ ରଣପୁର ଗୋଡ଼ି ପାଟଣା ସାହି ସ୍ଥିତ ସହିଦ୍ ରଘୁ ଦିବାକର ଭବନ ଠାରେ ଏକ ଆଲୋଚନା ସଭା ଆୟୋଜିତ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ ସିଆଇଟିୟୁର ଲାଲ ଝଣ୍ଡାକୁ ବ୍ଲକ ଆବାହକ ତଥା ବିଶିଷ୍ଟ ଶ୍ରମିକ ନେତା ସାଥୀ ଭିକାରୀ ଚରଣ ସାହୁ ଆନୁଷ୍ଠାନିକ ଭାବେ ଉତ୍ତୋଳନ କରିଥିଲେ। । ଉପସ୍ଥିତ ସାଥୀ ମାନେ ଶହୀଦ ବେଦୀରେ ମାଲ୍ୟାର୍ପଣ କଲା ପରେ ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସଭାରେ ବକ୍ତା ମାନେ ଶ୍ରମିକ ଦିବସର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ସରକାରଙ୍କର ଶ୍ରମିକ ବିରୋଧି ଚାରୋଟି ଶ୍ରମକୋଡ ତୁରନ୍ତ ବାତିଲ,୮ ଘଣ୍ଟା କାର୍ଯ୍ୟ ନୀତିକୁ କାଏମ ରଖିବା, ଆଶାକର୍ମୀ ଓ ପାଚିକାଙ୍କ ସହ ଅନ୍ୟ ସ୍କିମ ଶ୍ରମିକଙ୍କୁ ନିୟମିତ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମାସିକ ଦରମା ୨୬୦୦୦ ଟଙ୍କା ଓ ସାମାଜିକ ସୁରକ୍ଷା, ମୃତ୍ୟୁ ଓ ଅବସରକାଳୀନ ସହାୟତା ଦଶ ଲକ୍ଷ ଟଙ୍କା, ୧୦ ହଜାର ଟଙ୍କା ପେନସନ,ଦରଦାମ ବୃଦ୍ଧି ନିୟନ୍ତ୍ରଣ, ସରକାରୀ ବ୍ୟବସ୍ଥାକୁ ଘରୋଇକରଣ କରିବା ବନ୍ଦ କରିବା, ମୂଲିଆ ମଜୁରିଆଙ୍କୁ ବର୍ଷକୁ ୨୦୦ ଦିନ କାର୍ଯ୍ୟ ଓ ଦୈନିକ ମଜୁରୀ ୬୦୦ ଟଙ୍କା,ଚାଷି ଫସଲର ଉଚିତ ଦର ଆଦି ଦାବିଗୁଡିକକୁ କାର୍ଯ୍ୟ କାରିବାକୁ



ବକ୍ତାମାନେ ଦାବି କରିଥିଲେ। ସରକାର ଦେଇ ଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରି ଧାରାବାହିକ ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ନୀତି ଗ୍ରହଣ କରି ଚାଲିଥିବାରୁ ଏହାକୁ ଲଗାମ ଦେବା ପାଇଁ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଡ଼ାକରାରେ ଆଗାମୀ ମେ ୨୦ ତାରିଖରେ ଅନୁଷ୍ଠିତ ସାଧାରଣ ଧର୍ମଘଟକୁ ରଣପୁରରେ ସଫଳ କରିବାକୁ ସଙ୍ଗଠନ ତରଫରୁ ଆହ୍ୱାନ ଦିଆ ଯିବା ସହ ବ୍ୟାପକ ପ୍ରଚାର ପ୍ରସାର ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

## ଦୁଇ ଜଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନିରାକାରପୁର,(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ବଡପୋଖରିଆ ପଂଚାୟତ ନୀଳଗିରିପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ଦାଶ ଓ ସହକାରୀ ଶିକ୍ଷକ ଜଳନ୍ଧର ଭଟ୍ଟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ସରପଂଚ ସାଗର ବଳିଆରସିଂହଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଶିକ୍ଷକ କିଶୋର କୁମାର ଦାଶ, ପରିଚାଳନା କମିଟିର ସଭାପତି ନନ୍ଦକିଶୋର ରଣସିଂହ, ସିଆରସିସି ସୁଶାନ୍ତ କୁମାର ମଲ୍ଲିକ, ଶିକ୍ଷକ ଅମର କୁମାର ଜୟସିଂହ, ନିଲାଦ୍ରି ସିଂ, ଅତିଥି ଭାବରେ ଉପସ୍ଥିତ ଥିଲେ। ଏବଂ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଚମ୍ପୁଆ,(ନିପ୍ର):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାସ, ବିଦ୍ୟାଳୟ ପରିଚାଳନା ସଭାପତି ରମାକାଂ ପ୍ରଧାନ, ପୂର୍ବତନ ସମ୍ପାଦକ ଗଙ୍ଗାଧର କର, ବରିଷ୍ଠ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଓ ବିଦାୟ ପ୍ରଧାନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ୧୬/୦୭/୨୦୦୯ ମସିହାରେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭାବେ ଦାୟିତ୍ୱ ଗ୍ରହଣ କରି ୧୭ଟି ବସନ୍ତ ଅତିକ୍ରମ କରିଥିବାରୁ ଉପସ୍ଥିତ ଅଧିକାରୀ ଓ ଜନ ସାଧାରଣ ଏହି ବିଦାୟ ସମ୍ବର୍ଦ୍ଧନାରେ ଭାବ ବିହ୍ୱଳ ହୋଇଉଠିଥିଲେ। ୧୭ ବର୍ଷ ଧରି ଅହରହ ସଂଗ୍ରମ ଚଳାଇ ଶିକ୍ଷାନୁଷ୍ଠାନକୁ ଆଗ ଧାଡିର ଶିକ୍ଷାନୁଷ୍ଠାନର ମାନ୍ୟତା ପ୍ରଦାନ କରିବାରେ ଧରଣୀଧର ଦାସଙ୍କ ଭୂମିକା ନେଇ ଆଲୋଚନା ହୋଇଥିଲା। ତାଙ୍କ ଲୋକ ପ୍ରିୟତାକୁ ନେଇ ଅତିଥିମାନେ ଚମ୍ପୁଆ ଭିତରେ ଥିବା ଶିଶୁ ମନ୍ଦିର ନୁହଁ ବରଂ ଶିଶୁ ମନ୍ଦିର ଭିତରେ ଚମ୍ପୁଆକୁ ଅନୁଭବ କରାଯାଇଥାଏ ବୋଲି ମତଦେବା ସହିତ ଏକାଧାରାରେ ଶିକ୍ଷକ ଲେଖକ, ସଂଗ୍ରାହକ, ସେବକ, ସଙ୍ଗଠକ ଓ ପ୍ରାବନ୍ଧିକ ଭାବରେ ଧରଣିଧର ଦାସ ନିଜ ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି କହିଥିଲେ।

## ‘ନୈତିକ ମୂଲ୍ୟବୋଧ ଜାତୀୟ ଶିକ୍ଷାନୀତିରେ ପ୍ରୟୋଗ ହେଉ’

ତାଳଚେର,(ନିପ୍ର): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି । ତାଳଚେର ସଙ୍କୁଳ ସଂଯୋଜକ ତଥା ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳମଛୁଇଁ, ବଡଯୋରଡା, ଆମ୍ବମୁଣ୍ଡା, ତାଳଚେର, ଦେଉଳବେଡା, ବିକ୍ରମପୁର, ନୂଆଁ ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭୨ ଜଣ ଆଚାର୍ଯ୍ୟ,ଆଚାର୍ଯ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମଧ ସଂଭାଗର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ରୀୟ ସଂଗଠନ ସଂପାଦକ ନାରାୟଣ ନାୟକ, ଅତିଥି ଭାବରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସଂପାଦକ ବିକ୍ରମ ଜେନା, କୋଷାଧକ୍ଷ ପଂଚାନନ ବେହେରା ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଶ୍ରୀ ନାୟକ ନିଜ ଅଭିଭାଷଣରେ ଆଧ୍ୟାତ୍ମିକ ତତ୍ତ୍ୱ ଭିତରେ ଶିକ୍ଷାର ମାନ ବିକାଶ କରିବା ସହ ନୈତିକ ମୂଲ୍ୟବୋଧକୁ ଜାତୀୟ ଶିକ୍ଷାନୀତିରେ ପ୍ରୟୋଗ କରି ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ। ଏହାସହିତ ସେ ଭାରତର ବୈଭବଶାଳୀ ସଂସ୍କୃତି, ପରମ୍ପରା



ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷା ବିକାଶ ସମିତି,ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ଏହି କାର୍ଯ୍ୟଶାଳାରେ ପଂଚପଦୀ ଶିକ୍ଷଣ ବ୍ୟବସ୍ଥା ସହ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ଆଚାର୍ଯ୍ୟ,ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । କାର୍ଯ୍ୟକ୍ରମ ପରିଚାଳନାରେ ଆମ୍ବମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ମାୟାଧର ସାହୁ,ଦେଉଳବେଡା ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ବାବୁଲି ସାମଲ,ବଡ ଯୋରଡା ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ,ନୂଆ ଗାଁ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଦୀପ ଦାସ,ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଜ୍ଞାନରଞ୍ଜନ ଦାଶ ପ୍ରମୁଖ ସହଯୋଗ କରୁଛନ୍ତି।

## ଶ୍ରମିକମାନେ ହିଁ ରାଷ୍ଟ୍ର ନିର୍ମାଣର ‘ବିଶ୍ୱକର୍ମା’

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ସଦର ମହାକୁମାରେ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ ହୋଇଛିଯାଇଛି। କଲେଜ ଛକ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାନ୍ୟବର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଲୋକଙ୍କ ସରକାର ଆସିବାର ସ୍ୱଳ୍ପ ଅବଧି ମଧ୍ୟରେ ଦୁଇ ଥର ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି। ଏହାସହ ନିର୍ମାଣ ଶ୍ରମିକଙ୍କ ପାଇଁ ସ୍ୱାଭାବିକ ମୃତ୍ୟୁ ସହାୟତା ୨ ଲକ୍ଷରୁ ୩ ଲକ୍ଷ ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ୪ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି କରାଯାଇଛି ଯାହାକି ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ ସାମଗ୍ରିକ ଉନ୍ନତିକୁ ସୁନିଶ୍ଚିତ କରିପାରିଛି। ଶ୍ରମିକମାନେ ହେଉଛନ୍ତି ବିକାଶର ମୁଖ୍ୟ ଆଧାର,ରାଜ୍ୟ ସରକାର ସେମାନଙ୍କ କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ। ସେହିପରି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ସମସ୍ତ ଶ୍ରମିକ ସମଗ୍ର ଦେଶର ୨୯,୦୦୦ରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସାର ସୁବିଧା ପାଇପାରିବେ । ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇବେ । ସେହିପରି ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିତ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ହିତାଧିକାରୀଙ୍କୁ ମିଳିବ ବୋଲି ସେ କହିଛନ୍ତି ।

ସଭାରେ ପୌରପରିଷଦ ଅଧକ୍ଷା ଲିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରମିକ ମାନେ ସେମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ ର ତାତ୍ପର୍ଯ୍ୟ ଓ ବଲାଙ୍ଗିର ଜିଲ୍ଲାରେ ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିବାହ ସହାୟତା ପାଇଁ ୮୬ ଜଣଙ୍କୁ ୪୩,୦୦,୦୦୦ ଟଙ୍କା, ହିତାଧିକାରୀଙ୍କୁ ମୃତ୍ୟୁ କାଳୀନ ସହାୟତା ପାଇଁ ୧୬ ଜଣଙ୍କୁ ୩୭,୦୦,୦୦୦ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୧୪ ଜଣଙ୍କୁ ୭୦,୦୦୦ ଟଙ୍କା, ଶିଶୁ ଜନ୍ମ ସହାୟତା ବାବଦରେ ୦୮ ଜଣଙ୍କୁ ୮୦,୦୦୦ ଟଙ୍କା, ପାଠ ପଢା ସହାୟତା ବାବଦରେ ୧୩ ଜଣଙ୍କୁ ୯୮,୪୦୦ ଟଙ୍କା ସମୁଦାୟ ୧୩୭ ଜଣଙ୍କୁ ୮୨,୪୮,୪୦୦ ଟଙ୍କାର ସହାୟତା ରାଶି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ବଣ୍ଟନ କରିଥିଲେ । ୨୦୦ ଜଣ ହିତାଧିକାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ,ଶ୍ରମିକ,ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ମଦ ଜବତ, ଜଣେ ଗିରଫ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ଅବକାରୀ ବିଭାଗ ପକ୍ଷରୁ ଯୋଗିଆପଲ୍ଲୀ ଗ୍ରାମରେ ଶୁକ୍ରବାର ଚଢାଉ କରାଯାଇ ସୁଶାନ୍ତ କୁମାର ସାହୁଙ୍କ ଘରୁ ୩୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଚୋରା କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ତାକୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ଜଣାପଡିଛି । ଖଣ୍ଡପଡା ଅବକାରୀ ବିଭାଗ ଅଧିକାରୀ ଦୀପକ କୁମାର ଜେନାଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ କର୍ମଚାରୀମାନେ ଚଢାଉ ଅଭିଯାନରେ ସାମିଲ ହୋଇଥିଲେ। ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

ତିଥି : (ଷଷ୍ଠୀ) : (ପୁର୍ନବସୁ ମିଥୁନ)
ଅମୃତବେଳା: ଦିବା ଘ୯ ।୨୦ ଗତେ ଘ ୧୨ ।୩୨ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମ କଲାବେଳେ ସଦା କର୍ତ୍ତାପଣ ତେଜି
କର୍ମ କରି ଯାଅ,ଏହା ଧର୍ମ ବୋଲି ହେଜି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ମାର୍ଗଦର୍ଶୀ ହେଉ

ଦେଶରେ ଆଗାମୀ ଜନଗଣନାରେ ଜାତିଭିତ୍ତିକ ଜନଗଣନାକୁ କେନ୍ଦ୍ର ସରକାର ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି ଯାହା ସ୍ୱାଗତଯୋଗ୍ୟ। ଖୋଦ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାକୁ ଐତିହାସିକ ଭାବେ ଅଭିହିତ କରିବା ସହ ପଛୁଆବର୍ଗଙ୍କୁ ସଶକ୍ତ କରିବ ବୋଲି ବିବୃତି ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ଦେଶରେ ଏବେ ବି ଏହି ବର୍ଗ ନାନା ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି। ଜାତିଭିତ୍ତିକ ଜନଗଣନା ହେଲେ କେଉଁ କେଉଁ କ୍ଷେତ୍ରରେ କେଉଁ କେଉଁ ଜାତିର ସମସ୍ୟାମାନ ରହିଛି ତାହା ସାମ୍ନାକୁ ଆସିବ। ତାହାରି ଆଧାରରେ ବିକାଶର ନକ୍ସା ତିଆରି କରିହେବ। ଉପନିବେଶୀ ଶାସକ ବ୍ରିଟିଶ ଶାସନ କାଳରେ ଜନଗଣନା ୧୮୭୨ରୁ ଆରମ୍ଭ କରି ୧୯୩୧ ପର୍ଯ୍ୟନ୍ତ ଚାଲିଥିଲା। ୧୯୫୧ ପରଠାରୁ ସ୍ୱାଧୀନ ଭାରତରେ କେବଳ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗଣନା କରାଯାଇ ଆସୁଥିବାବେଳେ ଅନ୍ୟ କେତେକ ଜାତିକୁ ସ୍ୱାଧୀନ ଭାବରେ ବିବେଚନା କରାଯାଛି। ୨୦୨୧ରେ ଦେଶରେ ଜନଗଣନା ଆରମ୍ଭ ହୋଇଥିଲେ ହେଁ ତାହା କୋଭିଡ -୧୯ କାରଣରୁ ବାଧାପ୍ରାପ୍ତ ହେଲା। ୨୦୧୧ରେ ହୋଇଥିବା ଜନଗଣନାରେ ଦେଶରେ ଅନୁସୂଚିତ ଜାତିର ଲୋକ ସଂଖ୍ୟା ୨୦୧୧ ନିୟୁତ ଓ ଜନଜାତିର ୧୦୪ ନିୟୁତ ହୋଇଥିବା ଜଣାପଡ଼ିଛି। ଏହି ଦୁଇ ଜାତି ନାନା କାରଣରୁ ବିକାଶ କ୍ଷେତ୍ରରେ ଆଶାନୁରୂପ ଆଗୁସାର ହୋଇପାରୁନାହାନ୍ତି। ଡକ୍ଟର ବାବା ସାହେବ ଆମ୍ବେଦକର ସମ୍ବିଧାନରେ ଏହା ଉପରେ ଗୁରୁତ୍ୱ ଦେଇଥିବା ସର୍ବଜନବିଦିତ। ଜାତିଭିତ୍ତିକ ଜନଗଣନା ବହୁ ଦୃଷ୍ଟିରୁ ଗୁରୁତ୍ୱ ରଖେ। କାରଣ ସାମାଜିକ ବ୍ୟବସ୍ଥାରେ ସୃଷ୍ଟ ବିଭିନ୍ନ ଜାତି ମଧ୍ୟରୁ କିଛି ବିକଶିତ ଥିବାବେଳେ କେତେକ ଅବହେଳିତ ଅବସ୍ଥାରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ରହିଛନ୍ତି। ଦେଶରେ ବିଭିନ୍ନ ସରକାର ସାମାଜିକ ବିକାଶ ଲାଗି ବହୁ କାର୍ଯ୍ୟକ୍ରମ କରିଆସୁଥିଲେ ମଧ୍ୟ ଠିକଣା ଭାବରେ କାର୍ଯ୍ୟକାରୀ କରିପାରୁନଥିବା ହେତୁ ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍ ଭଳି ମୌଳିକ ସେବା ପାଇବାରୁ ଏବେ ବି ବହୁ ଲୋକ ବଞ୍ଚିତ ଅଛନ୍ତି। ଦୁର୍ଗମ ଅଞ୍ଚଳରେ ଏ ସମସ୍ୟା କେତେ ତାହା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିରେ ଖୁବ୍ କମ୍ ଆସେ। ସହରାଞ୍ଚଳକୁ ଗୁରୁତ୍ୱ ଦେବା ଫଳରେ ଗ୍ରାମାଞ୍ଚଳ, ଦୁର୍ଗମ ଅଞ୍ଚଳ ଏବଂ ବନାଞ୍ଚଳରେ ରହୁଥିବା ଲୋକେ ବିଭିନ୍ନ କ୍ଷେତ୍ରରେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଆସୁଛନ୍ତି। ବିଭିନ୍ନ ଜାତିର ସ୍ଥିତି କିଭଳି ରହିଛି ସେମାନଙ୍କ ପାଇଁ କେଉଁ ସବୁ ପଦକ୍ଷେପ ନିଆଯିବା ଦରକାର ତାହା ଜାତିଭିତ୍ତିକ ଜନଗଣନା ଆଧାରରେ ନିଷ୍ପାପର ପଦକ୍ଷେପ ନିଆଗଲେ ସେମାନେ ଉପକୃତ ହୋଇପାରିବେ। ଅତୀତରେ ସରକାରମାନେ ଯୁକ୍ତି ଉଠାଇଛନ୍ତି ଯେ ଏହା ସାମାଜିକ ଅସ୍ଥିରତାର କାରଣ ହୋଇପାରେ। କିନ୍ତୁ ଯେଉଁମାନେ ଏ ବ୍ୟବସ୍ଥାର ସମର୍ଥକ ସେମାନଙ୍କ କହିବା ଠିକଣା ଭାବରେ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଲେ ସବୁ ବର୍ଗର ଲୋକେ ଯଥେଷ୍ଟ ଉପକୃତ ହୋଇପାରିବେ। ଏ ଦିଗରେ ରାଜନୈତିକ ଇଚ୍ଛାଶକ୍ତି ନିତାନ୍ତ ଆବଶ୍ୟକ।

କୁହାଯାଉଛି ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ଦେଉଛନ୍ତି। କାରଣ ଜାତି ଆଧାରିତ ରାଜନୀତି ଅତୀତ ଭାବରେ ବିହାର ରାଜ୍ୟରେ ଦେଖାଦେଇଥାଏ। ସରକାରଙ୍କ ସଦ୍ୟ ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେବ ତାହାର ରୋଡ ମ୍ୟାପ୍ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ଏହା ଆଗକୁ କିଭଳି ପ୍ରକଟିତ ହେବ ତାହା ସମୟ କହିବ। କିନ୍ତୁ ଆମେ ଆଶା ରଖିବା ବିକାଶରେ ସମତୁଲତା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେଉଁବର୍ଗଗୁଡ଼ିକ ସାମାଜିକ, ରାଜନୈତିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ରହୁଛନ୍ତି ସେମାନଙ୍କ ନିକଟରେ ଯୋଜନାର ସୁଫଳ ଠିକ୍ ଭାବରେ ପହଞ୍ଚାଇବା ଆମେ ଆଶା ରଖିବା। ଏ ଦିଗରେ ଜାତିଭିତ୍ତିକ ଜନଗଣନା ମାଗଦର୍ଶୀ ହେଉ।

# ଇତିହାସ ଏକ ଐତିହାସିକତା

## ଗୋପାଳ ମହାପାତ୍ର

ଏବେ ଆମ ଦେଶରେ ଇତିହାସର ପୁନଃଲିଖନକୁ ନେଇ ଚର୍ଚ୍ଚା ଚାଲିଛି। ଏବେ ଆମେ ଯେଉଁ ଇତିହାସ ପଢୁଛେ ତାହା ତ୍ରୁଟିପୂର୍ଣ୍ଣ ବୋଲି କୁହାଯାଉଛି । ଏଥିରେ ପ୍ରକୃତ ତଥ୍ୟ ଉପସ୍ଥାପନ କରାଯାଇନାହିଁ ବୋଲି ଅନେକଙ୍କ ମତ। ଏକଥା ହୁଏତ ସତ୍ୟ ହୋଇପାରେ। ଇତିହାସ ଲିଖନରେ ବ୍ୟକ୍ତି ଫରକ ଲେଖନର ସମ୍ଭାବନା ସବୁବେଳେ ରହିଛି। ଅଧିକଥର ଇତିହାସ ବିଜେତାଙ୍କ ଦ୍ୱାରା ଲେଖାଯାଇଛି, ଯେଉଁଥିପାଇଁ ଏଥିରେ ବିଜେତାଙ୍କ ମହିମା ମଣ୍ଡନ କରାଯାଇଛି ଅଥବା ସେମାନଙ୍କୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ଉଦ୍ୟମ କରାଯାଇଛି। କିନ୍ତୁ ଯେଉଁଠି କୌଣସି ଲେଖକ ପକ୍ଷଭୁକ୍ତ ହୋଇ ଲେଖିଛନ୍ତି ସେଭଳି ଲେଖକଙ୍କ ଦ୍ୱାରା ଲିଖିତ ଇତିହାସର ବସ୍ତୁନିଷ୍ଠତା, ବିଶ୍ୱାସନୀୟତା ତୁଳନାତ୍ମକ ଭାବେ ସନ୍ଦେହର ପରିସରକୁ ଆସିଛି। ଭାରତରେ ପ୍ରଚଳିତ ଇତିହାସ ମୁସଲିମ ଆକ୍ରମଣକାରୀ, ଇଂରେଜ ଶାସନ ଏବଂ ବାମପନ୍ଥୀ ବିଚାରଧାରା ସହ ଜଡ଼ିତ ଐତିହାସିକମାନଙ୍କ ଦ୍ୱାରା ଲେଖାଯାଇଛି। ଏଭଳି ଇତିହାସ ଲେଖିବା ପାଇଁ ଐତିହାସିକମାନେ ଅନେକ କଷ୍ଟ ତ କରିଛନ୍ତି କିନ୍ତୁ ଏଥିରେ ନିରପେକ୍ଷତାକୁ ନେଇ ମଧ୍ୟ ସନ୍ଦେହ ରହିଛି। ଏଭଳି ଇତିହାସ ଲେଖିଥିବା ଏତିହାସିକମାନଙ୍କର କିଛି ସ୍ୱାର୍ଥ ଥାଇପାରେ ଅଥବା ଭାରତକୁ ଦେଖିବାର ଦୃଷ୍ଟିଭଙ୍ଗୀ ମଧ୍ୟ ଭିନ୍ନ ହୋଇପାରେ ଯାହା କୌଣସି ବାହାର ବ୍ୟକ୍ତି ପାଇଁ ସ୍ୱାଭାବିକ ଅଟେ। ମୁସଲିମ ଆକ୍ରମଣକାରୀମାନେ ଏଭଳି ଦେଶରୁ ଆସିଥିଲେ ଯେଉଁଠାରେ ଖାଦ୍ୟ ଓ ଜିଇଁବାର ସାଧନ ପର୍ଯ୍ୟାପ୍ତ ନ ଥିଲା। ଏଣୁ ଲୁଟ୍ କରିବା ସହ ସେମାନଙ୍କର ଦ୍ୱିତୀୟ ଲକ୍ଷ୍ୟ ଥିଲା ଭାରତରେ ଶାସନ କରି ବସବାସ କରି ଏଠାକାର ସବୁ ସୁଖସୁବିଧାକୁ ନିଜର ଇଛା ଅନୁସାରେ ଉପଭୋଗ କରିବା। ସେମାନଙ୍କ ପାଇଁ ଅନ୍ୟ ଦେଶରେ ଇସଲାମ ଧର୍ମର ପ୍ରସାର କରିବା ମଧ୍ୟ ପୁଣ୍ୟ କାର୍ଯ୍ୟ ଥିଲା ଏଣୁ ଅନେକ ଦେଶକୁ ଜିତିବା ସହ ଇସଲାମ ଧର୍ମର ପ୍ରସାର ତାଙ୍କର ଲକ୍ଷ୍ୟ ଥିଲା।

ଇଂରେଜମାନଙ୍କର ଲକ୍ଷ୍ୟ ମଧ୍ୟ ମୋଗଲ ଆକ୍ରମଣକାରୀଙ୍କ ଅନୁରୂପ ଥିଲା। ଇଂରେଜମାନେ ଖ୍ରୀଷ୍ଟଧର୍ମର ପ୍ରସାର ପାଇଁ ଉଦ୍ୟମ କରିଥିଲେ। ୟୁରୋପୀୟମାନେ ଭାରତକୁ ଆସିବାର କାରଣ ହେଉଛି ପ୍ରାକୃତିକ ସଂସାଧନର ଅଭାବ ଓ ସେଠାକାର ଥଣ୍ଡା ଜଳବାୟୁ। ସଂଶୋଧନର ଅଭାବ ପୂରଣ ପାଇଁ ସେମାନେ ଉପନିବେଶବାଦର ସହାୟତା ନେଇଥିଲେ ଏବଂ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅନେକ ଦେଶ ଉପରେ କବ୍ଜା କରିବା ପାଇଁ ସେମାନେ ଉଦ୍ୟମ କରିଥିଲେ। ଏମାନେ କେତେକ ଦେଶର ଲୋକଙ୍କ ପୂରା ନଷ୍ଟ କରି ସେଠାକାର ମାଲିକ ମଧ୍ୟ ପାଲଟି ଯାଇଥିଲେ। ଆମେରିକା ଓ ଅଷ୍ଟ୍ରେଲିଆ ଏହାର ଜ୍ୱଳନ୍ତ ଉଦାହରଣ। ଯେଉଁଠି ସେମାନଙ୍କ ପାଇଁ ପୂରା ଲୋକଙ୍କୁ ପ୍ରତିସ୍ଥାପିତ କରିବା ସମ୍ଭବ ହେଉନଥିଲା ସେଠାରେ ସେମାନେ ସେଠାକାର ସ୍ଥାନୀୟ ସଭ୍ୟତା ଓ ସଂସ୍କୃତିକୁ ଭୁଲ ବା ନିମ୍ନଧରଣର ସାବ୍ୟସ୍ତ କରି ପାଶ୍ଚାତ୍ୟ ସଭ୍ୟତାକୁ ସ୍ଥାପିତ କରି ତାଙ୍କ ଶାସନକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଉଦ୍ୟମ କରୁଥିଲେ।

ଇତିହାସ ଲିଖନରେ ଇଂରେଜମାନଙ୍କ ଦୃଷ୍ଟିଭଙ୍ଗୀକୁ ସ୍ୱଷ୍ଟ ପ୍ରତିଫଳିତ କରିବାର ଉଦ୍ୟମ କରାଯାଇଥିଲା। ଇଂରେଜମାନେ ସେମାନଙ୍କ ଲକ୍ଷ ପୂରଣ ଦିଗରେ ସତର୍କ ଥିଲେ। ଯେଉଁ ତଥ୍ୟ ବା ଘଟଣା ତାଙ୍କୁ ଠିକ୍ ଲାଗୁନଥିଲା ସେ ସବୁକୁ ଇତିହାସରେ ସ୍ଥାନିତ କରାଗଲା ନାହିଁ ଅଥବା ଅଣଦେଖା କରାଗଲା। ଯଦିଓ ସେମାନେ ତଥ୍ୟାତ୍ମକ ଏବଂ ବାସ୍ତବିକତାକୁ ଆଧାର କରି ବୈଜ୍ଞାନିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଉଥିଲେ କିନ୍ତୁ ତଥ୍ୟ ଏବଂ ଘଟଣାର ବ୍ୟାଖ୍ୟା ୟୁରୋପୀୟ ଦୃଷ୍ଟିକୋଣରୁ କରିଥିଲେ। ଫଳତଃ ଜାଣତରେ ହେଉ ବା ଅଜାଣତରେ ହେଉ ଅନେକ ତ୍ରୁଟି ରହିଯାଇଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଉଦାହରଣ ହେଉଛି ଇତିହାସରେ ଭାରତର ସ୍ଥିତିକୁ ଦୟନୀୟ ଦର୍ଶାଯାଇ ସେମାନଙ୍କ ସ୍ଥିତିକୁ ଉନ୍ନତ ବୋଲି ପ୍ରମାଣିତ କରାଯାଇଛି। ଅନେକ ବ୍ରିଟିଶ ଦସ୍ତାବିଜ୍‌ରୁ ଏକଥା ପ୍ରମାଣିତ ହୋଇଛି। ଅନେକ ବ୍ରିଟିଶ ଦସ୍ତାବିଜ୍‌କୁ ମଧ୍ୟ ଇତିହାସରେ ତ୍ରୁଟିପୂର୍ଣ୍ଣ ଭାବରେ ସ୍ଥାନିତ କରାଯାଇଛି। ୧୮୨୨-୨୫ର ମାଦ୍ରାସ ପ୍ରେସିଡ଼େନସି ପାଇଁ ଇଂରେଜମାନେ ଯେଉଁ ସର୍ବେକ୍ଷଣ କରାଇଥିଲେ ତଦ୍‌ନୁସାରେ ସେ ସମୟରେ ମାଦ୍ରାସ ପ୍ରେସିଡ଼େନସି ଅଧୀନସ୍ଥ ଅଞ୍ଚଳରେ ୧୧୫୭୫ ସ୍କୁଲ ଏବଂ ୧୦୯୪ କଲେଜ ଥିଲା ଯେଉଁଠି କ୍ରମଶଃ ୧୫୭୧୯୫ ଏବଂ ୫୪୩୧ ବିଦ୍ୟାର୍ଥୀ ପାଠ ପଢୁଥିଲେ। ସେହିପରି ମାଦ୍ରାସ ପ୍ରେସିଡେନସି ଅଞ୍ଚଳର ଜାତି ବାବଦରେ ମଧ୍ୟ ଇଂରେଜମାନେ ତ୍ରୁଟିପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି। (ପ୍ରଥମ ଭାଗ)

ରାମଚନ୍ଦ୍ରପୁର, ରଣପୁର, ମୋ: ୯୪୩୮୪୮୫୦୯୪

# ସିନ୍ଧୁ ନଦୀର ଇତିହାସ ଓ ଭାରତ -ପାକିସ୍ତାନ ମୂଳ ଚୁକ୍ତି

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

> "ତେବେ ଆଜି ଏହି ପବିତ୍ର ନଦୀକୁ ନେଇ ସମଗ୍ର ବିଶ୍ୱର ନଜର ରହିଛି । କାରଣ ନିକଟରେ ଜାମ୍ମୁ କାଶ୍ମୀରରେ ପାକିସ୍ତାନ ଆତଙ୍କବାଦୀ ଦ୍ୱାରା ହୋଇଥିବା ନିରୀହ ଲୋକଙ୍କ ଉପରେ ବର୍ବର ଗୁଳିକାଣ୍ଡକୁ ନେଇ ଭାରତ ସରକାର ଶକ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଡର ଦେଇଛି । ଫଳ ସ୍ୱରୂପ ସିନ୍ଧୁ ନଦୀର ପାଣି ପାକିସ୍ତାନକୁ ଟୋପେ ବି ନ ଦିଆଯିବାକୁ ସଂକଳ୍ପ ହୋଇଛି। ଯାହା ଦ୍ୱାରା ପାକିସ୍ତାନର ସରକାର ଠାରୁ ଆରମ୍ଭ କରି ସାଧାରଣ ଜନତା ଛାନିଆ ହୋଇଛନ୍ତି । କାରଣ ସିନ୍ଧୁ ନଦୀର ପାଣି ଉପରେ ପାକିସ୍ତାନର ଚାଷ, ଇଲେକ୍ଟ୍ରିସିଟି ଓ ଅର୍ଥନୈତିକ ବ୍ୟବସ୍ଥା ନିର୍ଭର କରେ । ଭାରତ ସରକାରର ଏ ନିଷ୍ପତ୍ତି ମଧ୍ୟ ସଠିକ କାରଣ ସୀମା ସେପଟରୁ ଆତଙ୍କବାଦକୁ ମୂଳ ନିପାତ କରିବାକୁ ହେଲେ ତାକୁ ଅର୍ଥନୈତିକ ଦୃଷ୍ଟି କୋଣରୁ ପ୍ରହାର ଦିଆଯିବା ଉଚିତ.। ତେବେ ପାକିସ୍ତାନ ତାହାର ଆତଙ୍କବାଦୀ ସଂଗଠନକୁ ନିୟନ୍ତ୍ରଣ କରିବ ଓ ଦୁଇ ଦେଶ ଭିତରେ ଶାନ୍ତି ସ୍ଥାପନ ହେବ।

ଭାରତର ଇଂରାଜୀ ନାମ ଇଣ୍ଡିଆ ମଧ୍ୟ ସିନ୍ଧୁ ନଦୀର ଇଂରାଜୀ ନାମ ଇଣ୍ଡସ୍‌ରୁ ଉଦ୍ଧୃତ । ସଂସ୍କୃତ ଭାଷାରେ ଏହି ନଦୀକୁ ସିନ୍ଧୁ ଓ ପାର୍ସୀ ଭାଷାରେ ଏହି ନଦୀକୁ ହିନ୍ଦୁ ବୋଲି କୁହାଯାଏ । ସଂସ୍କୃତରେ ସିନ୍ଧୁ ଶବ୍ଦର ଅର୍ଥ ହେଲା ସାଗର, ମହାସାଗର ଅଥବା କୌଣସି ବୃହତ୍ ଜଳାଶୟ । ପରବର୍ତ୍ତୀ ସମୟରେ ପାରସ୍ୟ ଭାଷାରେ ସିନ୍ଧୁ ନଦୀକୁ ଦରିଆ ବୋଲି ମଧ୍ୟ ନାମିତ କରାଯାଇଛି । ଦରିଆ ଶବ୍ଦଟି ମଧ୍ୟ କୌଣସି ବୃହତ୍ ଜଳାଶୟ ଅଥବା ସାଗରକୁ ସୂଚାଇଥାଏ । ସ୍ଥଳପଥରେ ବାହାରୁ ଭାରତକୁ ଆସୁଥିବା ଲୋକେ ସିନ୍ଧୁ ନଦୀକୁ ସୀମାନ୍ତ ନଦୀ ବା ସୀମାରେ ଥିବା ନଦୀ ବୋଲି କହୁଥିଲେ । ପ୍ରାଚୀନ ଇରାନୀୟ ଭାଷାରେ ସ ଧ୍ୱନି ହ ବୋଲି ଉଚ୍ଚାରିତ ହେଉଥିବାରୁ ଏପରି ଦୁଇଟି ନାମ ସୃଷ୍ଟି ହୋଇଥିଲା । ଆସ୍କୋ ପାର୍ପୋଲାଙ୍କ ମତରେ ଆନୁମାନିକ ଖ୍ରୀଷ୍ଟପୂର୍ବ ୮୫୦-୬୦୦ ବେଳକୁ ଏହି ଦୁଇ ନାମର ପ୍ରଚଳନ ଆରମ୍ଭ ହୋଇଥିଲା । ପାରସ୍ୟର ଆକେମେନିଡ୍ ସାମ୍ରାଜ୍ୟରୁ ଗ୍ରୀକ୍ ଲୋକେ ଏହି ନଦୀର ନାମ ଜାଣିବା ପରେ ତାହାକୁ ନିଜ ଭାଷାରେ ଇଣ୍ଡୋସ୍ ବୋଲି ଉଚ୍ଚାରଣ କଲେ । ପରେ ପ୍ରାଚୀନ ରୋମ୍ ସଭ୍ୟତାରେ ଏହି ନାମ ସାମାନ୍ୟ ଅପଭ୍ରଷ୍ଟ ହୋଇ ଇଣ୍ଡସ୍ ବୋଲାଇଲା । ପ୍ରଚଳିତ ଇଂରାଜୀ ଭାଷାରେ ମଧ୍ୟ ଇଣ୍ଡସ୍ ନାମ ରହିଛି । ଋକବେଦରେ ଅନେକ ନଦୀର ଉଲ୍ଲେଖ ରହିଛି ଯାହା ମଧ୍ୟରୁ 'ସିନ୍ଧୁ' ନଦୀ ଅନ୍ୟତମ । ଋକବେଦରେ ୧୭୬ ଥର ଏକବଚନ ଶବ୍ଦ 'ସିନ୍ଧୁ' ଓ ୯୪ ଥର ବହୁବଚନ ଶବ୍ଦ 'ସିନ୍ଧବଃ' ଉଲ୍ଲିଖିତ ଅଛି । ସିନ୍ଧୁ ଶବ୍ଦଟି ଅଧିକାଂଶ ସମୟରେ ନଦୀ ପାଇଁ ହିଁ ବ୍ୟବହୃତ ହୋଇଛି । ପରବର୍ତ୍ତୀ କାଳରେ ରଚିତ ଓ ଋକବେଦରେ ସମ୍ମିଳିତ ସ୍ତୋତ୍ର ସବୁରେ ସିନ୍ଧୁ ଶବ୍ଦ କେବଳ ସିନ୍ଧୁ ନଦୀ ପାଇଁ ବ୍ୟବହୃତ ହୋଇଛି । ଉଦାହରଣ ସ୍ୱରୂପ ନଦୀସ୍ତୁତି ସୂକ୍ତ । ଋକବେଦର ଶ୍ଳୋକରେ ବ୍ରହ୍ମପୁତ୍ର ବ୍ୟତୀତ ଅନ୍ୟ ସମସ୍ତ ନଦୀଙ୍କୁ ସ୍ତ୍ରୀଲିଙ୍ଗବାଚୀ ଶବ୍ଦରେ ସମ୍ବୋଧନ କରାଯାଇଛି।

ପାକିସ୍ତାନର ଅର୍ଥନୀତିରେ ସିନ୍ଧୁ ନଦୀର ଜଳ ସମ୍ବଳର ବିଶେଷ ଭୂମିକା ରହିଛି । ମୁଖ୍ୟତଃ ପାକିସ୍ତାନର ପଞ୍ଜାବ ଓ ସିନ୍ଧ ଅଞ୍ଚଳ ସିନ୍ଧୁ ନଦୀଦ୍ୱାରା ବିଶେଷ ରୂପେ ଉପକୃତ ହୋଇଥାନ୍ତି । ପଞ୍ଜାବ ଶବ୍ଦର ଅର୍ଥ ହେଲା – 'ପାଞ୍ଚ ନଦୀର ଦେଶ' । ଏଠାରେ ପାଞ୍ଚଟି ନଦୀ ହେଲେ ଝେଲମ, ଚେନାବ, ରାଭି, ବେଆସ୍ ଓ ଶତଲେଜ ଯାହା ମିଳିତ ଭାବେ ସିନ୍ଧୁ ନଦୀରେ ନିଷ୍କାସିତ ହୋଇଥାନ୍ତି । ଏତତ୍‌ବ୍ୟତୀତ ସିନ୍ଧୁ ନଦୀ ପାକିସ୍ତାନର ବହୁ ଉଦ୍ୟୋଗକୁ ଆବଶ୍ୟକ ପାଣି ଓ ଅନ୍ୟାନ୍ୟ ସହର ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଯୋଗାଇଥାଏ । ପାକିସ୍ତାନ ଗଠିତ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଏହା ଯୋଗୁଁ ଉପରମୁଣ୍ଡ ଭାରତରେ ଥିଲେ ହେଁ ପାକିସ୍ତାନକୁ ସିନ୍ଧୁ, ଝେଲମ୍ ଓ ଚେନାବ ନଦୀର ସିଂହଭାଗ ଜଳ ମିଳିଲା । ପରିକଳ୍ପିତ ସିନ୍ଧୁ ଅବବାହିକା ଯୋଜନା ଅନୁସାରେ ଝେଲମ ନଦୀ ଉପରେ ମଙ୍ଗଲା ବନ୍ଧ ଏବଂ ସିନ୍ଧୁ ନଦୀ ଉପରେ ତର୍ବେଲା ବନ୍ଧ ଏବଂ କିଛି କ୍ଷୁଦ୍ର ସହାୟକ ନଦୀବନ୍ଧ ନିର୍ମିତ ହେବାର ଥିଲା । ପାକିସ୍ତାନର ଜଳ ଓ ଶକ୍ତି ଉନ୍ନୟନ ବିଭାଗ ଚସମା ଓ ଝେଲମ ଯୋଡ଼ ସେଚନ କେନାଲର କାର୍ଯ୍ୟ ଆରମ୍ଭ କରିଥିଲା । ପାକିସ୍ତାନର ଅର୍ଥନୀତି ଓ ଜନଜୀବନ ପାଇଁ ସିନ୍ଧୁ ନଦୀ ଅତି ଗୁରୁତ୍ୱପୂର୍ଣ୍ଣ। ଇଂରେଜ ଶାସନର ସମାପ୍ତି ପରେ ଭାରତ ଓ ପାକିସ୍ତାନ ସ୍ୱାଧୀନ ହୋଇଥିଲେ, କିନ୍ତୁ ସିନ୍ଧୁ ଓ ପୂର୍ବ ପଟର ପାଞ୍ଚ ଉପନଦୀର ଜଳକୁ ନେଇ ଘୋର ବିବାଦ ସୃଷ୍ଟି ହେଲା । ଶତଲେଜ ନଦୀର ଜଳସେଚନ ନାଳ ଓ ବାରି ଦୋଆବର ନାଳଗୁଡ଼ିକ ପାକିସ୍ତାନ ପଟରେ ରହିଗଲା । କିନ୍ତୁ ତାହାର ନିୟନ୍ତ୍ରଣ କରୁଥିବା ବନ୍ଧ ଭାରତ ପଟରେ ରହିଲା । ଫଳରେ ପାକିସ୍ତାନରେ ଜଳସେଚନ ବାଧାପ୍ରାପ୍ତ ହେଲା । ପୁଣି ପଞ୍ଜାବ ଅଞ୍ଚଳରେ ଭାରତ ନୂତନ ବନ୍ଧ ନିର୍ମାଣ କରିବା ଦ୍ୱାରା ପାକିସ୍ତାନକୁ ଜଳ ଯୋଗାଣ କମିଯିବାର ଆଶଙ୍କା ହେଲା । ଯୁଦ୍ଧ ସମୟରେ ଭାରତ ନଦୀମାନଙ୍କ ପାଣିକୁ ନିଜ ପାଇଁ ବ୍ୟବହାର ଓ ପାକିସ୍ତାନକୁ ହଇରାଣ କରିପାରେ ବୋଲି ପାକିସ୍ତାନରେ ଏକ ରାଜନୈତିକ ଚିନ୍ତା ସୃଷ୍ଟି କଲା । ତେଣୁ ୧୯୬୦ ମସିହାରେ ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଆଲୋଚନା ହୋଇ ଉଭୟ ରାଷ୍ଟ୍ରଙ୍କଦ୍ୱାରା ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅନୁସାରେ ଭାରତ ପାଖରେ ଶତଲେଜ, ବେଆସ୍ ଏବଂ ରାଭି ନଦୀର ଜଳକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଥିବା ବେଳେ ପାକିସ୍ତାନ ପାଖରେ ଝେଲମ, ଚେନାବ ଓ ସିନ୍ଧୁ ନଦୀର ଜଳ ନିୟନ୍ତ୍ରଣ କରିବାର କ୍ଷମତା ରହିଲା । ଭାରତ ପାଖରେ ପଶ୍ଚିମ ନଦୀ ତିନୋଟିକୁ ଜଳସେଚନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାର ଅଧିକାର ରହିଲା ।

ଇତିହାସରୁ ଜଣାଯାଏ ଯେ ସିନ୍ଧୁ ନଦୀ ଏସିଆ ମହାଦେଶର ଦୀର୍ଘତମ ନଦୀମାନଙ୍କ ମଧ୍ୟରୁ ଅନ୍ୟତମ । ତିବ୍ବତ ମାଳଭୂମିରେ ମାନସରୋବର ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରୁ ଏହି ନଦୀର ଉତ୍ପତ୍ତି । ନିଜ ଉତ୍ପତ୍ତିସ୍ଥଳରୁ ବାହାରି ଏହି ନଦୀ ଲଦାଖ ଅଞ୍ଚଳ ଅତିକ୍ରମ କରି ଗିଲ୍‌ଗିଟ୍ - ବାଲ୍‌ଟିସ୍ତାନରେ ହିନ୍ଦୁକୁଶ ପର୍ବତମାଳାର ଉପତ୍ୟକାରେ ପ୍ରବେଶ କରିଛି । ତାହା ପରେ ଏହା ଦକ୍ଷିଣମୁଖୀ ହୋଇ ପାକିସ୍ତାନରେ ପ୍ରବାହିତ ହୋଇ ବନ୍ଦର ନଗରୀ କରାଚୀ ନିକଟରେ ଆରବ ସାଗର ସହିତ ସମ୍ମିଳିତ ହୋଇଛି । ସିନ୍ଧୁ ନଦୀ ପାକିସ୍ତାନର ଦୀର୍ଘତମ ନଦୀ ଓ ଏହାକୁ ପାକିସ୍ତାନର ଜାତୀୟ ନଦୀ ବୋଲି କୁହାଯାଏ । ସିନ୍ଧୁ ନଦୀର ଅବବାହିକା ୧୧,୬୫,୦୦୦ ବର୍ଗ କିଲୋମିଟର୍ ଅଞ୍ଚଳରେ ବ୍ୟାପ୍ତ । ଏହାର ବାର୍ଷିକ ପ୍ରବାହ ହାରାହାରି ୨୪୩ ଘନ କିଲୋମିଟର୍ ଯାହା ନୀଳ ନଦୀର ବାର୍ଷିକ ପ୍ରବାହର ୨ ଗୁଣ ଓ ୟୁଫ୍ରେଟିସ୍-ଟାଇଗ୍ରିସ୍ ନଦୀର ମିଳିତ ପ୍ରବାହର ୩ ଗୁଣ । ଏହି କାରଣରୁ ଜଳ ନିଷ୍କାସନ ହାର ଦେଖିଲେ ସିନ୍ଧୁ ନଦୀକୁ ବିଶ୍ୱର ବୃହତ୍ତମ ନଦୀମାନଙ୍କ ଶ୍ରେଣୀରେ ଗଣନା କରାଯାଇପାରେ । ଲଦାଖରେ ଜାନ୍‌ସ୍କାର ନଦୀ ଏହାର ବାମ ତୀରର ଉପନଦୀ । ସମତଳ ଅଞ୍ଚଳକୁ ପ୍ରବେଶ କରିବା ପରେ ସିନ୍ଧୁର ବାମ ତୀରରେ ପଞ୍ଚନଦ ଏହାର ମୁଖ୍ୟ ଉପନଦୀ ଯାହା ଚେନାବ, ଝେଲମ୍, ରାଭି, ବେଆସ୍ ଓ ଶତଲେଜ୍ ନଦୀର ମିଳନରୁ ସୃଷ୍ଟ । ଡାହାଣ ତୀରରେ ମିଶୁଥିବା ଉପନଦୀମାନଙ୍କ ମଧ୍ୟରେ ଶ୍ୟୋକ୍, ଗିଲ୍‌ଗିଟ୍, କାବୁଲ୍, ଗୋମଲ୍ ଓ କୁର୍ରମ୍ ନଦୀ ପ୍ରଧାନ । ଏକ କ୍ଷୁଦ୍ର ପାହାଡ଼ିଆ ଝରଣା ରୂପେ ସୃଷ୍ଟ ସିନ୍ଧୁ ନଦୀ ହିମସ୍ରୋତ, ତଥା ହିମାଳୟ, କାରାକୋରମ୍ ଓ ହିନ୍ଦୁକୁଶର ନଦୀ ମାନଙ୍କ ଦ୍ୱାରା ପରିବୃଦ୍ଧ ହୋଇଛି । ସିନ୍ଧୁ ଉପତ୍ୟକାର ଉତ୍ତର ପାର୍ଶ୍ୱ "ପଞ୍ଜାବ ଅଞ୍ଚଳ" ଏବଂ ନିମ୍ନାଂଶ "ସିନ୍ଧ ଅଞ୍ଚଳ" ରୂପେ ପରିଚିତ । ଏହି ଅଞ୍ଚଳରେ ବସବାସ କରିଆସିଥିବା ଅତୀତର ବିଭିନ୍ନ ସଂସ୍କୃତିରେ ସିନ୍ଧୁ ନଦୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖ୍ରୀଷ୍ଟପୂର୍ବ ୩୦୦୦ରେ ସିନ୍ଧୁ ଉପତ୍ୟକାରେ ସିନ୍ଧୁ ସଭ୍ୟତା ଗଢ଼ି ଉଠିଥିଲା । ଏହା କାଂସ୍ୟ ଯୁଗର ଏକ ପ୍ରମୁଖ ନଗର ସଭ୍ୟତା ଭାବେ ପରିଚିତ । ଖ୍ରୀଷ୍ଟପୂର୍ବ ୨୦୦୦ ବେଳକୁ ରଚିତ ଋକବେଦରେ ପଞ୍ଜାବ ଅଞ୍ଚଳକୁ ସପ୍ତ ସିନ୍ଧୁ ବୋଲି କୁହାଯାଇଛି । ପାର୍ସୀମାନଙ୍କ ଅବେସ୍ତାରେ ଏହି ଅଞ୍ଚଳକୁ ହପ୍ତ ହିନ୍ଦୁ ବୋଲି ଅଭିହିତ କରାଯାଇଛି । ଉଭୟ ଶବ୍ଦର ଅର୍ଥ ହେଲା ସାତ ନଦୀ । ଐତିହାସିକ ରାଜ୍ୟ ବା ସାମ୍ରାଜ୍ୟମାନଙ୍କ ମଧ୍ୟରୁ ଗାନ୍ଧାର, ରୋର ଓ ଶୌବୀର ପ୍ରଭୃତି ରାଜ୍ୟ ସିନ୍ଧୁ ଉପତ୍ୟକାରେ ଅବସ୍ଥିତ ଥିଲା । ପାରସ୍ୟର ରାଜା ଡାରିୟସ୍ ଜଣେ ଦୂତଙ୍କୁ ଖ୍ରୀଷ୍ଟପୂର୍ବ ୫୧୫ରେ ଏହି ନଦୀ ବିଷୟରେ ଅଧିକ ଜାଣିବାକୁ ପଠାଇଥିଲେ । ତାହା ପରଠାରୁ ପାଶ୍ଚାତ୍ୟ ଦେଶର ଲୋକେ ସିନ୍ଧୁ ନଦୀ ବିଷୟରେ ଜାଣିବାକୁ ପାଇଲେ । ସିନ୍ଧୁ ନଦୀର ଜଳ ପଞ୍ଜାବ ଓ ସିନ୍ଧର ସମତଳ ଅଞ୍ଚଳରେ ଖାଦ୍ୟ, ପାନୀୟ ଓ କୃଷିର ମେରୁଦଣ୍ଡ ପରି । ସିନ୍ଧୁ ଉପତ୍ୟକାର ନିମ୍ନାଂଶରେ ବୃଷ୍ଟିପାତର ମାତ୍ରା କମ୍ ଥିବାରୁ ସେଠାରେ ସିନ୍ଧୁ ନଦୀର ମହତ୍ତ୍ୱ ଆହୁରି ବଢ଼ିଯାଏ । ସିନ୍ଧୁ ସଭ୍ୟତା ସମୟରୁ ଲୋକେ ସିନ୍ଧୁ ନଦୀରୁ ଜଳସେଚନ ପାଇଁ କେନାଲ୍ ଖୋଳି ବ୍ୟବହାର କରିଆସୁଛନ୍ତି । ପରବର୍ତ୍ତୀ ସମୟରେ କୁଶାଣ ଓ ମୋଗଲ ସାମ୍ରାଜ୍ୟର ଲୋକେ ଅନେକ ଜଳସେଚନ କେନାଲ୍ ନିର୍ମାଣ କରିଥିଲେ । ଇଂରେଜ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସମୟରେ ୧୮୫୦ ମସିହାରେ କିଛି ଆଧୁନିକ କେନାଲ୍‌ର ନିର୍ମାଣ ଓ ଅନେକ ପୁରାତନ କେନାଲ୍‌ର ମରାମତି କରାଯାଇଥିଲା । ଇଂରେଜମାନେ ଏଠାରେ ବିଶ୍ୱର ଜଟିଳ ସେଚନ ବ୍ୟବସ୍ଥାର ନିର୍ମାଣ କରାଇଥିଲେ । ଗୁଡ୍ଡୁ ବ୍ୟାରେଜ୍ ୧୩୫୦ ମିଟର୍ ଲମ୍ବା ଓ ଏହା ସୁକ୍କୁର, ଜାକବାବାଦ, ଲର୍କାନା, କଲାତ ଆଦି ଅଞ୍ଚଳକୁ ସେଚିତ କରିଥାଏ । ସୁକ୍କୁର ବ୍ୟାରେଜ୍ ୨୦,୦୦୦ ବର୍ଗ କି.ମି.ରୁ ବଡ଼ ଅଞ୍ଚଳରେ ଜଳସେଚନର ସୁବିଧା ପହଞ୍ଚାଇ ଥାଏ ।

ତେବେ ଆଜି ଏହି ପବିତ୍ର ନଦୀକୁ ନେଇ ସମଗ୍ର ବିଶ୍ୱର ନଜର ରହିଛି । କାରଣ ନିକଟରେ ଜାମ୍ମୁ କାଶ୍ମୀରରେ ପାକିସ୍ତାନ ଆତଙ୍କବାଦୀ ଦ୍ୱାରା ହୋଇଥିବା ନିରୀହ ଲୋକଙ୍କ ଉପରେ ବର୍ବର ଗୁଳିକାଣ୍ଡକୁ ନେଇ ଭାରତ ସରକାର ଶକ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଡର ଦେଇଛି । ଫଳ ସ୍ୱରୂପ ସିନ୍ଧୁ ନଦୀର ପାଣି ପାକିସ୍ତାନକୁ ଟୋପେ ବି ନ ଦିଆଯିବାକୁ ସଂକଳ୍ପ ହୋଇଛି। ଯାହା ଦ୍ୱାରା ପାକିସ୍ତାନର ସରକାର ଠାରୁ ଆରମ୍ଭ କରି ସାଧାରଣ ଜନତା ଛାନିଆ ହୋଇଛନ୍ତି । କାରଣ ସିନ୍ଧୁ ନଦୀର ପାଣି ଉପରେ ପାକିସ୍ତାନର ଚାଷ, ଇଲେକ୍ଟ୍ରିସିଟି ଓ ଅର୍ଥନୈତିକ ବ୍ୟବସ୍ଥା ନିର୍ଭର କରେ । ଭାରତ ସରକାରର ଏ ନିଷ୍ପତ୍ତି ମଧ୍ୟ ସଠିକ କାରଣ ସୀମା ସେପଟରୁ ଆତଙ୍କବାଦକୁ ମୂଳ ନିପାତ କରିବାକୁ ହେଲେ ତାକୁ ଅର୍ଥନୈତିକ ଦୃଷ୍ଟି କୋଣରୁ ପ୍ରହାର ଦିଆଯିବା ଉଚିତ୍.। ତେବେ ପାକିସ୍ତାନ ତାହାର ଆତଙ୍କବାଦୀ ସଂଗଠନକୁ ନିୟନ୍ତ୍ରଣ କରିବ ଓ ଦୁଇ ଦେଶ ଭିତରେ ଶାନ୍ତି ସ୍ଥାପନ ହେବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

## ଅକ୍ଷୟ କୁମାର ରାଉତ

> "ଓଡ଼ିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡ଼ିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁଁ ଆରମ୍ଭ ହୋଇଗଲା ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା। ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍‌ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶି।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'ଘ' ଅକ୍ଷରଟି ଉତ୍ତର ଦିଗ, 'ର' ଅକ୍ଷରଟି ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ କୁ ବୁଝାଯାଏ। ଏଥିରୁ ସ୍ୱଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ। ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା – ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶି। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୁଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନୀ ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧିଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନୀତି ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡ଼ିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

3.05.2025.pmd 1 5/2/2025, 6:03 PM

CMYK



## କେନ୍ଦୁଝରେ ଉପଜିଲ୍ଲାପାଳଙ୍କ ଅଫିସ ପାର୍ଶ୍ୱ ନଳକୂପ ଅଚଳ

କେନ୍ଦୁଝର,୨ ।୫ (ନିପ୍ର):କେନ୍ଦୁଝର ସହର ତହସିଲ ଛକରେ ରହିଛି ଗୁରୁତ୍ୱପୂର୍ଣ୍ଣ ସଦର,ଉପଜିଲ୍ଲାପାଳଙ୍କ ଅଫିସ ପାଖରେ କୋର୍ଟ ଓ ତହସିଲ ଅଫିସ୍ ଅନେକ ଦୋକାନ ମଧ୍ୟ ରହିଛି । ଏହି ସ୍ଥାନରେ ପ୍ରତିଦିନ ବହୁ ଲୋକଙ୍କ ସମାଗମ ହୁଏ। ଏଠାରେ ଏକ ନଳ କୂଅ ଥିଲା ପଥଚାରୀ ବାଟୋଇ ସବୁ ଶୋଷ ମେଣ୍ଟାଉ ଥିଲେ। ହେଲେ ଏବେ ଡ୍ରେନ ହୋଇ ରାସ୍ତା ଉଚ୍ଚା ହେଲା। ନଳକୂପ ପାଚେରି କଡ଼ରେ ଖାଲରେ ରହିଗଲା। କ୍ରମେ ଏହି ନଳକୂଅକୁ ଯାଇ ଲୋକେ ସୁବିଧାରେ ପାଣି ପିଇ ପାରିଲେ ନାହିଁ ପାଣି ଗଡି ଯିବାକୁ ବାଟ ମଧ୍ୟ ନାହିଁ । କିନ୍ତୁ ପାଖରେ ଲେଖାଯାଇଛି ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନା। ତେଣୁ



ଏହା ଏବେ ଅବହେଳିତ ହୋଇ ପଡ଼ିଲା । ଏଣେ ବହୁ ଲୋକ କାମରେ ଆସିଲା ବେଳେ ଖରାରେ ଶୋଷରେ ପାଣି ଲାଗି ଆଉଟୁପାଉଟୁ ହେଉଛନ୍ତି। ଧନୀ ଲୋକେ ବୋତଲ ପାଣି ପିଇ ଚାଲିଯାଉଛନ୍ତି ହେଲେ ସାଧାରଣ ଗରିବ ଲୋକ ଏହି ନଳ କୂଅରୁ ପାଣି ପିଇ ପାରନ୍ତେ ଯାହା ହୋଇ ପାରୁନି। ଉପଜିଲ୍ଲାପାଳ, ତହସିଲଦାର ଚାହିଁଲେ କେବେଠାରୁ ଏହି ନଳ କୂଅ ସଜଡ଼ା ଯାଇ ବ୍ୟବହୃତ ହୋଇ ସାରନ୍ତାଣି। ତେଣୁ ବୁଦ୍ଧିଜୀବୀମାନେ କେନ୍ଦୁଝର ସହରରେ ଏପରି ପଡ଼ି ରହିଥିବା ନଳ କୂଅ ଗୁଡ଼ିକୁ ସଜାଡିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ମେରଘରା ମାଝୀପଡାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଧର୍ମଗଡ,୨ ।୫ (ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଧୀନସ୍ଥ ମେରଘରା ଗ୍ରାମରେ ଷୋହଳ ପ୍ରହର ନାମ ଯଜ୍ଞ ଆରମ୍ଭ ହୋଯାଇଛି । କର୍ତ୍ତା ଭାବେ ଲକ୍ଷ୍ମଣ ଭୋଇ ଓ ଧର୍ମ ପତ୍ନୀ ମଞ୍ଜୁଲତା ଭୋଇ ଓ ପୂଜକ ଭାବେ ସୁବ୍ରତ ମୁଣ୍ଡ ପୂଜାର୍ଚ୍ଚନା କରୁଛନ୍ତି । ମେରଘରା ମାଝୀ ପଡାରେ ଚାଲିଥିବା ଷୋହଳ ପ୍ରହର ନାମ ଯଜ୍ଞ ର ସଭାପତି ବବ୍ରୁବାହାନ ଭୋଇଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ କଳସୀ ଶୋଭାଯାତ୍ରା ହୋଇଥିଲା । ଷୋହଳ ପ୍ରହର ନାମଯଜ୍ଞରେ ନିମନ୍ତ୍ରିତ ସଂକୀର୍ତ୍ତନ ଦଳ ମଧ୍ୟରେ ରେଂନଗୁଡା ଗ୍ରାମ ମହିଳା ସଂକୀର୍ତ୍ତନ ଦଳରେ ଦର୍ଶକଙ୍କ ପ୍ରବଳ ଭିଡ ରହିଥିବା ବେଳେ , ମେରଘରା କୀର୍ତ୍ତନ ଦଳ, ତରଞ୍ଜୀ ବାଳିକା କୀର୍ତ୍ତନ ଦଳ, ଗମ୍ଭାରୀ ଗୁଡା, ବିନ୍ଧାଣି ଗୁଡା, ସେମଳା ଓ ରଣମାଲ ସଂକୀର୍ତ୍ତନ ଦଳ ଉପସ୍ଥିତ ହୋଇଥିଲେ ।

## କାଳବୈଶାଖୀରେ ଭାଙ୍ଗିଲା ୫ ଘର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

ଦାମନଯୋଡି,୨ ।୫ (ନିପ୍ର) :ମଙ୍ଗଳବାର ରାତିରେ ଦାମନଯୋଡି ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା । ଏହାର ପ୍ରଭାବରେ ସ୍ଥାନୀୟ ଲିଟିଗୁଡା ପଞ୍ଚାୟତ ଅନ୍ତର୍ଗତ ଆମ୍ବଗାଁ ଗ୍ରାମରେ ୫ଜଣଙ୍କ ଘର ଭାଙ୍ଗିଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ମଙ୍ଗଳବାର ମଧ୍ୟରାତିରେ କାଳବୈଶାଖୀ ପ୍ରଭାବରେ ବହୁ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା । ଏଥିରେ ଆମ୍ବଗାଁ ଗ୍ରାମର ଯଦୁ ଟାକ୍ରୀ,ଅନିଲ ଖୋସ୍ଲା,ଜୟଦାନ ଖୋସ୍ଲା,କିଶୋର ଖୋସ୍ଲା ଓ ଲକ୍ଷ୍ମଣ ଡଙ୍ଗରି ପ୍ରମୁଖ ୫ଜଣଙ୍କ



ଘର ଭାଙ୍ଗିଥିଲା । ପରିବାର ଲୋକଙ୍କ କହିବା ଅନୁଯାୟୀ,ବିଳମ୍ବିତ ରାତିରେ ସମସ୍ତ ପରିବାର ଲୋକେ ଘରେ ଶୋଇଥିଲେ। ହଠାତ ଘଡ଼ଘଡ଼ି ବର୍ଷା ସାଙ୍ଗକୁ ବହୁ ଜୋରରେ ପବନ ହେବାରୁ ସେମାନେ ରହୁଥିବା ସବୁ ଘରର ଟିଣ ଛପର ଉଡାଇ ନେଇଥିଲା। ଛପର ପଡିଯିବାରୁ ଘରର ଆସବାବପତ୍ର ବର୍ଷାରେ ନଷ୍ଟ ହେବା ସହ ସାରା ରାତି ପରିବାର ଲୋକେ ବର୍ଷାରେ ଭିଜିଥିଲେ। କୁଲି ବୃତ୍ତି କରି ମୁଣ୍ଡ ଗୁଞ୍ଜିବା ପାଇଁ କରିଥିବା ଘର ଭାଙ୍ଗିଯିବା ପରେ ଅସହାୟ ହୋଇ ପଡିଛନ୍ତି ଆମ୍ବଗାଁର ୫ ପରିବାର ।

## ଗାୟତ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଗୁଣପୁର,୨ ।୫ (ନିପ୍ର): ଗୁଣପୁର ସ୍ଥିତ ଗାୟତ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଆର୍ -ଏକ୍ସ ଫେଷ୍ଟ ୨୦୨୫ ' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଆଇଆରବି ଏନ୍ କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ ଓ ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୟ ସାହୁ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିବା ବେଳେ ପ୍ରଫେସର ମନରଞ୍ଜନ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଚେୟାରମେନ ଅକ୍ଷୟ ଦାଶ ନିଜ ବାର୍ତ୍ତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବ ଅବସରରେ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଫାର୍ମାସି ବିଭାଗର ପ୍ରିନ୍ସିପଲ୍ ଡଃ.କାହ୍ନୁ ଚରଣ ପାଣିଗ୍ରାହୀ,କମ୍ପ୍ୟୁଟର ବିଭାଗର ପ୍ରିନ୍ସିପାଲ ସମରଜିତ କର, ବି.ଏସ.ସି. ନର୍ସିଂ ବିଭାଗର ପ୍ରିନ୍ସିପାଲ ମନୋଜ କୁମାର ସାହୁ,ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ମାନସ ରଞ୍ଜନ ସାମଲ, ପ୍ରଫେସର ଧବଳେଶ୍ୱର ପଟ୍ଟନାୟକ, ପ୍ରଫେସର ଜଗଦିଶ ଖୁଣ୍ଟିଆ, ପ୍ରଶାସନିକ ଅଧିକାରୀ ପି.ଭି କୋଟେଶ୍ୱର ରାଓ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରିୟଙ୍କା ପାଢି ଓ ଅର୍ଚ୍ଚନା ପ୍ରିୟଦର୍ଶିନୀ ଚାନ୍ଦ ସଂଯୋଜନା କରିଥିଲେ।ବୈଠକ ଶେଷରେ ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରେଢାଖୋଲ,୨ ।୫ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ରେ ବିଜୁ ପଟନାୟକ କଲ୍ୟାଣ ମଣ୍ଡପ ଠାରେ ପ୍ରାଥମିକ ଶିକ୍ଷକ ସଙ୍ଘ ରେଢ଼ାଖୋଲ ଦ୍ୱାରା ୩୮୭ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକଙ୍କର ବ୍ଲକସ୍ତରୀୟ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ସଭାରେ ମୁଖ୍ୟ ଅତିଥି ଭାବରେ ରଶ୍ମିରଂଜନ ମହନ୍ତ,ଉପ ଜିଲ୍ଲାପାଳ ରେଢ଼ାଖୋଲ , ସମ୍ମାନିତ ଅତିଥି ଭାବରେ ପ୍ରଦୀପ କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରେଢ଼ାଖୋଲ, ଶିବରାମ ସାହୁ, ଅଧ୍ୟକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ, ନରଉମ ପୁରୋହିତ, ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ରେଢ଼ାଖୋଲ, ଯାଜ୍ଞସେନୀ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ରେଢ଼ାଖୋଲ, ସିଆରସିସି ମନରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ବେଣୁଧର ବରିହା, ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ରେଢ଼ାଖୋଲ ଯୋଗଦାନ ଦେଇଥିଲେ।

# ସାମ୍ବାଦିକଙ୍କ ପେନ୍‌ସନ୍,ସୁରକ୍ଷା ନେଇ ଓୟୁଜେ ପକ୍ଷରୁ ଦାବି



ରେଢ଼ାଖୋଲ,୨ ।୫ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପ୍ରେସ କ୍ଲବ ଠାରେ ଓୟୁଜେ ରେଢ଼ାଖୋଲ ଶାଖା ତରଫରୁ ସମ୍ପାଦକ ସରୋଜ ସାହୁଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଛି । ସାମ୍ବାଦିକ ଯିଏ ସବୁବେଳେ ଖବରଟିଏ ପାଇଁ ଘଟଣା ସ୍ଥଳରେ ପହଞ୍ଚି ଖବରଟିକୁ ଲୋକଙ୍କ ଗହଣରେ ପହଞ୍ଚାଇ ଥାଏ । ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ମଧ ପଡ଼ିଥାଏ । ତଥାପି ସେ ଖବର ସଂଗ୍ରହ କରି ପ୍ରକାଶ କରିଥାଏ। ଏଥିପାଇଁ ତାକୁ ନା ମିଳିଥାଏ ପାଉଣା ନା ମାସିକ ଦରମା । ହେଲେ ବେଳେ ବେଳେ ସାମ୍ବାଦିକ ମାନଙ୍କୁ ଆଜିକାଲି ବଡ଼ବଡ଼ ଅଧିକାରୀ ତଥା ଜନସାଧାରଣଙ୍କ ଠାରୁ ବିଭିନ୍ନ କଥା ଶୁଣିବା ସହ ନିଜକୁ ଅସୁରକ୍ଷିତ ଲଜ୍ଜିତ ହୋଇ ସେଠାରୁ ବାହାରି ଆସିଥାଏ । ତେଣୁ ଏହାର ସୁବିଧା ନିମନ୍ତେ ସାମ୍ବାଦିକ ପେନସନ,ସୁରକ୍ଷା ଓ ଆକ୍ରିଡେସନ ଦାବିରେ ରାଜ୍ୟ ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନ କ୍ରମେ ସମସ୍ତ ସାମ୍ବାଦିକ କଳାବ୍ୟାଜ ପିନ୍ଧି ମେ ୧ ତାରିଖ ଶ୍ରମିକ ଦିବସକୁ କଳାଦିବସ ତଥା ପ୍ରତିବାଦ ଦିବସ ରୂପେ ପାଳନ କରିଥିଲା ରେଢ଼ାଖୋଲ ଓୟୁଜେ ସାମ୍ବାଦିକ ସଂଘ । ଏଥିରେ ସାମ୍ବାଦିକଙ୍କ ସୁରକ୍ଷାନେଇ ରାଜ୍ୟ ସରକାର ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାମ୍ବାଦିକ ମାନେ ସରକାରଙ୍କ ଦୃଷ୍ଟି ଗୋଚର କରିଥିଲେ । ଏହି ପ୍ରତିବାଦ ସଭାରେ ରେଢ଼ାଖୋଲ ଉପଖଣ୍ଡ ସାମ୍ବାଦିକ ରମାକାନ୍ତ ମହାନନ୍ଦ, ପ୍ରସନ୍ନ ପ୍ରଧାନ, ରଶ୍ମିରଂଜନ ଖଡ଼ିରର, ଯଶୋବନ୍ତ ସାହୁ, ଶଙ୍କର ପୃଷ୍ଟି , ଅନିଲ ପୃଷ୍ଟି, ତପନ ବିଶ୍ୱାଳ, ମମତା ପାତ୍ର, ରଶ୍ମିତା ରାଉତ,ସରୋଜ ରାଉତ, ଜୟନ୍ତ ଖଡ଼ିରନ୍ , ସୁଧୀର ସୁନା,ସୁଶାନ୍ତ ନାଗ, ଗଜାନନ ଭେସରା, ମଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ କବି ଜୟଦେବ ଜୟନ୍ତୀ

ଭବାନୀପାଟଣା, ୨/୫ (ନି.ପ୍ର)- ଜିଲ୍ଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡିଙ୍କ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରଓ୍ୱାନଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଅତିଥି ମାନଙ୍କ ଦ୍ୱାର କବି ଜୟଦେବଙ୍କ ଫୋଟ ଚିତ୍ରରେ ପୂଜ୍ୟ ପୂଜା, ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ କବି ଜୟଦେବଙ୍କ ସ୍ମୃତି ଚାରଣ ସଭା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ଶିକ୍ଷାବିତ୍ ଲିଙ୍ଗରାଜ ମିଶ୍ର, ଡଃ ଉମେଶଚନ୍ଦ୍ର ଶତପଥି, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାର ରଞ୍ଜନ ପଣ୍ଡା,ଅଧ୍ୟାପିକା ଡଃ. ପଲିଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କବି ଶ୍ରୀ ଜୟଦେବଙ୍କ ଜୀବନୀ ଏବଂ ତାଙ୍କ ଦ୍ୱାରା ରଚିତ ଗୀତା ଗୋବିନ୍ଦ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ।

## ହୃଦ୍‌ଘାତର ଜରୁରୀକାଳୀନ ଚିକିତ୍ସା ସମ୍ବନ୍ଧୀୟ ତାଲିମ

କେନ୍ଦୁଝର,୨ ।୫ (ନିପ୍ର): ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଡାକ୍ତର ଖାନା ପରିସରରେ ମଙ୍ଗଳବାର କୃତ୍ରିମ ଉପାୟରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରମାଣପତ୍ର ପାଠ୍ୟକ୍ରମ ଏବଂ ସ୍ୱାସ୍ଥ୍ୟସେବା, ବୃତ୍ତିଗତ ଜନ ସୁରକ୍ଷା କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ପ୍ରତିକ୍ରିୟାକାରୀଙ୍କ ଦ୍ୱାରା ବୟସ୍କ, ପିଲା ଏବଂ ଶିଶୁଙ୍କ ଶ୍ୱାସକ୍ରିୟା ଏବଂ ହୃଦଘାତର ଜରୁରୀକାଳୀନ ପରିସ୍ଥିତି ପରିଚାଳନା ପାଇଁ ବ୍ୟବହୃତ ଜୀବନ ରକ୍ଷାକାରୀ କୌଶଳ ବିଷୟରେ ଲୋକଙ୍କୁ ବୁଝାଯାଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଡାକ୍ତର, ନର୍ସିଂ ଅଧିକାରୀ, ଫାର୍ମାସିଷ୍ଟ, ଲ୍ୟାବ ଟେକ୍ନିସିଆନ୍, ରେଡିଓଗ୍ରାଫର, ସାନିଟାରୀ, କର୍ମଚାରୀ, ସୁରକ୍ଷା କର୍ମୀ, ରକ୍ଷଣାବେକ୍ଷଣ କର୍ମଚାରୀ ଗଣ ଯୋଗ ଦେଇଥିଲେ । ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ଡକ୍ଟର ଚିନ୍ମୟୀ ମହାପାତ୍ର, ପ୍ରଫେସର ଡକ୍ଟର ମହେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ସୁଚାରୁ ରୁପେ ଅନୁଷ୍ଠିତ ହୋଇଥିବାବେଳେ ପ୍ରଫେସର ଡକ୍ଟର ପ୍ରଭାତ କୁମାର ଥାଟୋଇ କୃତ୍ରିମ ଶ୍ୱାସକ୍ରିୟା ସଂକ୍ରାନ୍ତୀୟ ବିଭିନ୍ନ ମଡେଲ ଗୁଡ଼ିକୁ ଦେଖାଇ ଲୋକଙ୍କୁ ବୁଝାଇଥିଲେ।

## ଡାବୁଗାଁରେ ଅଘୋଷିତ ବିଜୁଳି କାଟ୍ ଯୋଗୁଁ ଲୋକେ ହନ୍ତସନ୍ତ

ଡାବୁଗାଁ,୨ ।୫ (ନିପ୍ର); ଡାବୁଗାଁ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ତାହା ପୁଣି ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ହେଉ ଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ସୂଚନା ମୁତାବକ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜୁଳି ଦେୟ ବାକି ବା ଯେକୌଣସି ଧରଣର ଅନିନିୟମିତତା ପାଇଁ କର୍ତ୍ତୃପକ୍ଷ ମୋଟା ଅଙ୍କର ଜରିମାନା ଏବଂ ତୁରନ୍ତ ବିଚ୍ଛିନ୍ନ କରି ଦେଉ ଥିବା ବେଳେ ଉପଭୋକ୍ତାମାନଙ୍କ ସୁବିଧା ସୁଯୋଗ ପ୍ରତି ଘୋର ଅବହେଳା କରୁଛନ୍ତି। ବିଶେଷ କରି ଗ୍ରୀଷ୍ମ ପ୍ରବାହ ସମୟରେ ବିନା ସୂଚନାରେ ସାମୟିକ ପବନ ଏବଂ ବର୍ଷାରେ ବିଜୁଳି କଟ୍ କରିଦେଉଛନ୍ତି। ତେବେ ଏ ସଂକ୍ରାନ୍ତରେ ଡାବୁଗାଁ ବିଦ୍ୟୁତ ବିଭାଗ ସମେତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବିଭିନ୍ନ ମହଲ ପକ୍ଷରୁ ଅଭିଯୋଗ କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସୂଚନା ମିଳୁଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଡାବୁଗାଁ ବିଦ୍ୟୁତ୍ ବିଭାଗର ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ସହ ଯୋଜାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

# ସାତଶଙ୍ଖ ନୂତନ ମେଡିକାଲ ବିଲଡିଂ ଭିଜିଲାନ୍ସ ତଦନ୍ତ କେବେ ?

ପିପିଲି,୨ ।୫ (ନିପ୍ର): ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ମଧ୍ୟମ ସାତଶଙ୍ଖ ବଜାର ପାର୍ଶ୍ୱରେ ଥିବା ବହୁ ପୁରାତନ ସାତଶଙ୍ଖ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମଧ୍ୟରେ ନିର୍ମାଣ ହେଉ ଥିବା ନୂତନ ବିଲଡିଂ କୋଠାକୁ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସି ଦାବି କରିଛନ୍ତି। ଏହି କୋଠା ନିର୍ମାଣରେ ନିଯୁକ୍ତି ଥିବା ସହକାରୀ ଯନ୍ତ୍ରୀ ବ୍ୟାପକ ହରିଲୁଟ କରି ଥିବା ଭଳି ସଂଗୀନ ଅଭିଯୋଗ ହେଉ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଅଛି। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟହେଉ ଥିବା ବେଳେ ତାଙ୍କ ପାଖରେ ନାହିଁ ଏଗ୍ରିମେଣ୍ଟ ଓ ଆନୁସଙ୍ଗିକ କାଗଜପତ୍ର ନଥିବା କୁହାଯାଉଛି। ଏହି ନୂତନ ବିଲଡିଂ ନିର୍ମାଣ ନିମନ୍ତେ ପୁରୀ ଜିଲ୍ଲା ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ୭୦ ଲକ୍ଷ ଟଙ୍କା ଏଷ୍ଟିମେଣ୍ଟ କରାଯାଇ ଟେଣ୍ଡର ପ୍ରକାଶ ପାଇ ଥିବା ବେଳେ ଏହାର ଏଷ୍ଟିମେଣ୍ଟ ଧାର୍ଯ୍ୟ ହୋଇଛି ଏକ କୋଟିରୁ ଉର୍ଦ୍ଧ୍ୱ । ଜନୈକ ସହକାରୀ ଯନ୍ତ୍ରୀ ଏହା କହି ଥିବା ବେଳେ ତାଙ୍କୁ ଅଧିକ୍ଷଣ ଯନ୍ତ୍ରୀ ଏଗ୍ରିମେଣ୍ଟ ଓ ଏଷ୍ଟିମେଣ୍ଟ ଦେଇ ନଥିବା କୁହାଯାଉଛି। ଏଠାରେ ପ୍ରଶ୍ନ ଉଠିଅଛି ନିଯୁକ୍ତି ଥିବା ସହକାରୀ ଯନ୍ତ୍ରୀ ଜଣଙ୍କ ନିକଟରେ କୌଣସି କାଗଜପତ୍ର ନଥିବା ବେଳେ ନିଯୁକ୍ତ ଥିବା



ସହକାରୀ ଯନ୍ତ୍ରୀ କାର୍ଯ୍ୟରେ କିଭଳି ତଦାରଖ କରୁ ଛନ୍ତି ତାହା ବିଭାଗକୁ କାର୍ଯ୍ୟକାରୀତାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଅଛି। ଏହି କାର୍ଯ୍ୟ ପାଇଁ ଜଣେ ଏଜେନ୍ସି ( ଠିକାଦାର ) ନିଯୁକ୍ତି ହୋଇ ଛନ୍ତି। କାର୍ଯ୍ୟ ଚାଲୁ ରହି ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ସର୍ବଦା ଅନୁପସ୍ଥିତ ରହିବା ଦ୍ୱାରା ଉକ୍ତ କାର୍ଯ୍ୟକୁ ଭୂତ ତଦାରଖ କରି କାର୍ଯ୍ୟ ନିର୍ମାଣ ହେଉଛି , ଏପରି ମନେ ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇ ଅଛି। ଏହି ନିର୍ମାଣାଧିନ କୋଠାରେ ଯେନତେନ ପ୍ରକାର ନିମ୍ନମାନର ରଡ଼. ଗୋଡି ଓ ସିମେଣ୍ଟ ବ୍ୟବହାର କରଯାଉ ଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଏନେଇ ସ୍ଥାନୀୟ ଲୋକେ ଏହି ପ୍ରତିନିଧିଙ୍କୁ ଜଣାଇବାରେ କାର୍ଯ୍ୟ ସମ୍ପର୍କରେ ତଥ୍ୟ ପ୍ରାପ୍ତି ନିମନ୍ତେ ପୁରୀ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ମତାମତ ଲୋଡ଼ିଥିବା ବେଳେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ଦାୟିତ୍ୱ ମୋର କିନ୍ତୁ କୌଣସି କାଗଜ ମୋ ପାଖରେ ନାହିଁ ସବୁ ଡିଭିଜନ ଅଫିସରେ ରହିଛି। ତେଣୁ ଏଦିଗରେ ଭିଜିଲାନ୍ସର ତଦନ୍ତ ହେଲେ ବାସ୍ତବରେ ଏହି ବିଲିଡିଂ ନିର୍ମାଣ ଲାଗି କେତେ ଅର୍ଥ ଖର୍ଚ୍ଚ ହେଉଛି କେଉଁ ମାନର ସାମଗ୍ରୀ ନିର୍ମାଣ ଲାଗୁଛି ତାହା ଜଣାପଡ଼ି ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ

ପାରଳାଖେମୁଣ୍ଡି,୨ ।୫ (ନିପ୍ର): ଗଜପତି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସଦର ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ,ଅଧକ୍ଷ, ଜିଲ୍ଲା ପରିଷଦ ଗଜପତି , ନିର୍ମଳା ସେଠୀ, ଅଧକ୍ଷା ପୌରପରିଷଦ ପାରଳାଖେମୁଣ୍ଡି, ଭାରତୀ ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ଗଜପତି , ଅମିତ କୁମାର ନାୟକ, ସହକାରୀ ଶ୍ରମ ଅଧିକାରୀ ମୋହନା, ମଦନ ମୋହନ ଟୁଡୁ, ସହକାରୀ ଶ୍ରମ ଅଧିକାରୀ ରାୟଗଡ ପ୍ରମୁଖ ଯୋଗଦେଇ ଶ୍ରମ ଦିବସର ଗୁରୁତ୍ୱ ବିଷୟରେ ଉପସ୍ଥାପନ କରିବା ସହ ଜିଲ୍ଲାର ସମସ୍ତ ବର୍ଗର ଶ୍ରମିକଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି କହିଥିଲେ ସେହିପରି ଜିଲ୍ଲାପାଳ ଶ୍ରମିକମାନଙ୍କୁ କହିଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ତରଫରୁ ଅଣ ସଙ୍ଗଠିତ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଉଛି। ଶ୍ରମିକମାନେ ପଞ୍ଜିକରଣ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ରହିଅଛି। ଏଣୁ ଅଣ ସଙ୍ଗଠିତ ଶ୍ରମିକ ମାନେ ବିନା ମୂଲ୍ୟରେ ପଞ୍ଜିକରଣ କରିପାରିବେ, କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ। ଶ୍ରମିକମାନେ ପଞ୍ଜିକରଣ କରିବା ପାଇଁ ନିଜ ଆଧାର କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସ ବୁକ୍ ଓ ନିଜ ପାସ ଫୋଟ ସହିତ ହିତାଧିକାରୀମାନେ ଅନଲାଇନ୍ ମାଧ୍ୟମରେ କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରେ ଆବେଦନ କରିପାରିବେ ଏବଂ ନିଜେ ଏହି ବିଷୟରେ ଜାଣି ଅନ୍ୟମାନଙ୍କୁ ମଧ୍ୟ ସଚେତନତା କରିବା ପାଇଁ ଅନୁରୋଧ କରିଥିଲେ।

# କେନ୍ଦୁଝରରେ ଖୁବ୍‌ଶୀଘ୍ର ଚାଲିବ ବିଦ୍ୟୁତ୍ ଚାଳିତ ବସ୍

କେନ୍ଦୁଝର.୨ ।୫ (ନିପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ, କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ସହିତ ମିଳିତ ଭାବରେ, ଜିଲ୍ଲାର ସହରାଞ୍ଚଳରେ ଗମନାଗମନ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ ପରିବେଶ ଅନୁକୂଳ ଏକ ବୈଦ୍ୟୁତିକ ବସ୍ ସେବା ଆରମ୍ଭ କରିବାକୁ ଯାଉଛି। ଏହି ସେବାକୁ ଆଗାମୀ ଦୁଇ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଯୋଜନା କରାଯାଇଛି। ଯାହା ଓଡ଼ିଶା ସରକାରଙ୍କ 'ବିକଶିତ ଓଡ଼ିଶା' ଦୃଷ୍ଟିକୋଣ ଅଧୀନରେ ସବୁଜ ପରିବହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପଦକ୍ଷେପର ଏକ ଅଂଶ ଭାବରେ, ବୈଦ୍ୟୁତିକ ବସ୍ ସେବାକୁ ଜିଲ୍ଲାରେ ସଫଳ କରିବା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ଆବଶ୍ୟକୀୟ ଭିତ୍ତିଭୂମି ଗୁଡିକର ବିକାଶ କରାଯିବ, ଯାହାର ପ୍ରମୁଖ ହବ୍ କେନ୍ଦୁଝର ଏବଂ ବଡ଼ବିଲ ମ୍ୟୁନିସିପାଲିଟି ବସଷ୍ଟାଣ୍ଡରେ ଅବସ୍ଥିତ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅଧୀନରେ, ପ୍ରାୟ ୩୦ଟି ବୈଦ୍ୟୁତିକ ବସ୍ କ୍ରୟ ପାଇଁ ଯୋଜନା କରାଯାଇଛି ଏବଂ ଏହା ନିମ୍ନଲିଖିତ ପାଞ୍ଚଟି ପ୍ରମୁଖ ସ୍ଥାନ ମଧ୍ୟରେ ଚଳାଚଳ କରିବ: ୧. ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ – ବେବର୍ତ୍ତାପୋଷୀ ୨. ସାନଘାଘରା ପାର୍କ – ଚକ ଡ୍ୟାମ୍ ୩. ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ – ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୪. କେନ୍ଦୁଝର ବସ୍ ଷ୍ଟାଣ୍ଡ – ବୋଦାପଲସା ବସ୍ ଷ୍ଟପ୍ ୫. କେନ୍ଦୁଝର ବସ୍ ଷ୍ଟାଣ୍ଡ – ଝୁମ୍ପୁରା ବସ୍ ଷ୍ଟାଣ୍ଡ ପ୍ରଥମ ପର୍ଯ୍ୟାୟର ସଫଳ କାର୍ଯ୍ୟାନ୍ୱୟନ ପରେ, ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଏହି ସେବାକୁ ଅନ୍ୟ ପ୍ରମୁଖ ସ୍ଥାନ ଗୁଡିକ ପର୍ଯ୍ୟନ୍ତ ବିସ୍ତାରିତ କରାଯିବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସ୍ୱଚ୍ଛ, ଦକ୍ଷ ଏବଂ ସୁଲଭ ସାର୍ବଜନୀନ ପରିବହନ ପ୍ରଦାନ କରିବା, ଜିଲ୍ଲାର କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ସହରାଞ୍ଚଳର ଗତିଶୀଳତା ସହ ତାଳ ଦେଇ ସାର୍ବଜନୀନ ପରିବହନକୁ ଉନ୍ନତ କରିବା। ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି କେନ୍ଦୁଝର ଜିଲ୍ଲା ପ୍ରଶାସନ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ କେନ୍ଦୁଝର ଜିଲ୍ଲାବାସୀମାନଙ୍କ ପାଇଁ ସୁବିଧାଜନକ ପରିବହନ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ।

## ଆମ୍ବୁଲାନ୍ସ ଧକ୍କାରେ ଜଣେ ମୃତ

ଧର୍ମଗଡ଼ ,୨ ।୫ (ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ବିଜୁ ଏକ୍ସପ୍ରେସ ଛକ ନିକଟରେ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଛନ୍ନାଣବାହେଲି ପଞ୍ଚାୟତ ରାବନଗୁଡା ଗ୍ରାମର ଗଣ୍ତାରାମ ଗୋପାଳ ।ସେ ବେହେରା ସ୍ଥିତ ଏକ ଫାଷ୍ଟ ଫୁଡ୍ ଦୋକାନ କାମ କରନ୍ତି। ।ସକାଳ ସକାଳୁ ସାଇକେଲ ଯୋଗେ ନିଜ ଗାଁରୁ ବେହେରା ଆସୁଥିବା ବେଳେ ବିଷ୍ଣୁ ବିଜୁ ଏକ୍ସପ୍ରେସ ଛକ ନିକଟରେ ହଠାତ ଆମ୍ବୁଲାନ୍ସ ମାଡି ଆସି ଧକ୍କା ନାଁ ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଓ ସେହି ଆମ୍ବୁଲାନ୍ସ କର୍ମଚାରୀ ଉଦ୍ଧାର କରି ଦୁର୍ଘଟଣା ଘଟାଇଥିବା ବା ଆମ୍ବୁଲାନ୍ସ ରେ ପର୍ଲା ଡାକ୍ତର ଖାନା ଆଣିଥିଲେ।ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି।ପରିବାର ଓ ସ୍ଥାନୀୟ ଲୋକ କ୍ଷତି ପୂରଣ ଦାବି ନେଇ ବେହେରା ଓ ପର୍ଲା ନିକଟରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଘଟଣା ସ୍ଥଳରେ ଉପଜିଲ୍ଲାପା ଲ୍ଲାପାଳ ସମେତ ଧର୍ମଗଡ ତହସିଲଦାର, କୋକସରା ତହସିଲଦାର,କୋକସରା ପୋଲିସ ଧର୍ମଗଡ ପୋଲିସ ଆସି ଲୋକଙ୍କୁ ବୁଝାସୁଝା କରିଥିଲେ।

## 'ଘର ପାଖରେ ଭତ୍ତା ଟଙ୍କା ପ୍ରଦାନ କରାଗଲେ ଉପକୃତ ହେବେ ବୃଦ୍ଧବୃଦ୍ଧା'

ରାୟଗଡା,୨ ।୫ (ନିପ୍ର): ଘର ପାଖରେ ଭତ୍ତା ଟଙ୍କା ପ୍ରଦାନ କରାଗଲେ ଉପକୃତ ହେବେ ବୃଦ୍ଧବୃଦ୍ଧା, ଏପରି ଦାବି କରିଛନ୍ତି ବୃଦ୍ଧାବୃଦ୍ଧା। ଭତ୍ତା ୧୦୦୦ ଟଙ୍କା କୁ ଗାଡି ଭଡ଼ା ୩୦୦ ।ଭତ୍ତା ଟଙ୍କା ଆଣିବା ପାଇଁ ୧୧ କି. ମି. ଚାଲନ୍ତି ବୃଦ୍ଧ ବୃଦ୍ଧା। ପରିଣତ ବୟସ, ଶରୀର ଦୁର୍ବଳ, ଅଣ୍ଟା ନଇଁ ଗଲାଣି. ଚାରି ପାହୁଣ୍ଡ ଗଲେ ଥକି ଯାଆନ୍ତି। ପାଖରେ ଜ୍ଞାତି କୁଟୁମ୍ବ କେହି ନାହାନ୍ତି। ଜୀବନ ଧାରଣ ପାଇଁ ଭତ୍ତା ବାବଦକୁ ମିଳୁଥିବା ଏହି ହଜାରେ ଟଙ୍କା ମୁଖ୍ୟ ଆଧାର। ସେମାନେ ଅତି କଷ୍ଟରେ ଆଣୁଥିବା ଏହି ୧୦୦୦ ଟଙ୍କାରୁ ଓଟୋ ଭଡ଼ା ବାବଦକୁ ଗଣିବାକୁ ହେବ ୩୦୦ ଟଙ୍କା। ନହଲେ ୧୧ କି. ମି. ଚାଲିବାକୁ ପଡିବ। ବଳକା ୭୦୦ ଟଙ୍କାରେ ଆଜିକାଲି ଘର କିପରି ଚଳେଇ ହେବ, ସେମାନଙ୍କର ଘର ସଂସାର। ଗୁଜରାଣ ମେଣ୍ଟାଇବା ପାଇଁ ଏହି ବଳକା ଭତ୍ତା ଟଙ୍କା ଯଥେଷ୍ଟ ନିଅଣ୍ଟ ପଡିବ ବୋଲି ପ୍ରକାଶ କରିଛନ୍ତି ସେମାନେ। ଏଣୁ ସେମାନେ ୧୧ କି. ମି. ରାସ୍ତା ଚାଲି ଚାଲି ଯାଇ ଥାଆନ୍ତି ଭତ୍ତା ଟଙ୍କା ଆଣିବା ପାଇଁ । ତେଣୁ ଘର ପାଖରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲେ ସେମାନେ ବିଶେଷ ଭାବେ ଉପକୃତ ହୋଇ ପାରନ୍ତେ ବୋଲି କହିଛନ୍ତି। ନିକଟରେ ରାୟଗଡା ସଦର ବ୍ଲକ ତାଡମା ପଞ୍ଚାୟତ ଅନ୍ତର୍ଗତ ଲୁହାଖାଲ ଗ୍ରାମରୁ ଭତ୍ତା ପାଇଁ ରାୟଗଡା ବ୍ୟାଙ୍କକୁ ଆସି ଖରାରେ ଫେରୁଥିବା ୬-୭ ଜଣ ବୃଦ୍ଧ ବୃଦ୍ଧାଙ୍କୁ ଅଟ ଭଡ଼ା କରି ଗାଁକୁ ପଠାଇଛନ୍ତି। ରାୟଗଡା ବିଧାୟକ ଆପଲା ସ୍ୱାମୀ କାଡ୍ରାକା। ଏହି ଘଟଣା ଚାରିଆଡେ ପ୍ରଘଟ ହେବା ପରେ ବିଧାୟକଙ୍କୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଘଟଣାରୁ ପ୍ରକାଶ ଯେ, ତାଡମା ପଞ୍ଚାୟତର ଲୁହାକାଲ ଗାଁରୁ କିଛି ବୃଦ୍ଧ ବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ନେବା ପାଇଁ ରାୟଗଡା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ ଭତ୍ତା ନେବା ପରେ ନିଜ ଗାଁକୁ ଚାଲି ଚାଲି ଫେରୁଥିଲେ। ଠିକ ଏତିକି ବେଳେ ରାୟଗଡା ବିଧାୟକ ଶ୍ରୀ କାଡ୍ରାକା ଫ୍ଲାଏ ଓଭର ଉପରେ ସେମାନଙ୍କୁ ଦେଖି ଗାଡି ଅଟକାଇ କଥା ହୋଇଥିଲେ। ସେମାନେ ଚାଲି ଚାଲି ଗାଁକୁ ଫେରୁଥିବା ଜାଣିବା ପରେ ଅଟୋ ଭଡ଼ା କରି ସେମାନଙ୍କୁ ପଠାଇ ନିଜ ସହୃଦୟତା ଦେଖାଇ, ଆଉ ସେମାନଙ୍କ କଷ୍ଟ ଅନୁଭବ କରି ନିଜର ମାନବିକତା ଦେଖାଇଛନ୍ତି ବିଧାୟକ। ସେ ସମସ୍ତ ଭତ୍ତାଧାରୀ ବୃଦ୍ଧବୃଦ୍ଧାଙ୍କ ପାଇଁ ଘରେ ଘରେ ଭତ୍ତା ଟଙ୍କା ଯୋଗାଇବା ପାଇଁ ବିଧାୟକ ଆପଲାସ୍ୱାମୀ ଦାବି କରିଛନ୍ତି। ।

# ଶ୍ରମିକଙ୍କୁ ଦିଆଯାଉଥିବା ସହାୟତା ସମ୍ପର୍କରେ ଆଲୋଚନା

ରାୟଗଡା,୨ ।୫ (ନିପ୍ର); ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସ୍ଥାନୀୟ-ଟାଉନ ହଲ, ମୁନିସିପାଲିଟି ରାୟଗଡ ଠାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ବିଧାୟକ, ରାୟଗଡ଼ା ଆପାଲାସ୍ୱାମୀ କାଡ୍ରାକା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଆଦି ଯୋଗଦାନ କରି ନିର୍ମାଣ ଶ୍ରମିକମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବାଷ ଚନ୍ଦ୍ର ମଣ୍ଡଳ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବିଭିନ୍ନ ଶ୍ରମ ଆଇନ୍ ବିଶେଷକରି ସର୍ବ ନିମ୍ନ ଆଇନ୍, ମଜୁରି ପ୍ରଦାନ ଆଇନ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରି ଶ୍ରମିକ ଦିବସର ତାତ୍ପର୍ଯ୍ୟତା ଓ ଜିଲ୍ଲାରେ ପଞ୍ଜୀକୃତ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ । ସମସ୍ତ ଆମନ୍ତ୍ରିତ ଅତିଥିଗଣ ଶ୍ରମିକ ମାନଙ୍କର ଅଧିକାର ଓ ଶ୍ରମ ଦିବସ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ରାୟଗଡ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆଜି ପର୍ଯ୍ୟନ୍ତ ମୋଟ ୧,୧୮,୬୯୮ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି । ଶ୍ରମିକ ଦିବସ ଅବସରରେ ଯୋଗ୍ୟ



ହିତାଧିକାରୀଙ୍କୁ ଶିକ୍ଷା ସହାୟତା ନିମନ୍ତେ ୫୭ ଜଣ ହିତାଧିକାରୀଙ୍କୁ ୪,୮୫,୬୦୦/- ଟଙ୍କା, ୯ ଜଣଙ୍କୁ ବିବାହ ସହାୟତା ପାଇଁ ୪,୫୦,୦୦୦/- ଟଙ୍କା, ପ୍ରସୂତୀକାଳିନ ସହାୟତା ୪ ଜଣଙ୍କୁ ୪୦,୦୦୦/-ଟଙ୍କା, ମୃତ୍ୟୁ କାଳୀନ ସହାୟତା ପାଇଁ ୪୨ ଜଣଙ୍କୁ ୮୮,୦୦,୦୦୦/- ଟଙ୍କା ଏବଂ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୫୩ ଜଣଙ୍କୁ ୨,୬୫,୦୦୦/- ଟଙ୍କା ସର୍ବମୋଟ ୧୬୫ ଜଣ ହିତାଧିକାରୀଙ୍କୁ ୧,୦୦,୪୦,୬୦୦/- ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଅଣସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ମାଧ୍ୟମରେ ୮ ଜଣ ମୃତ ହିତାଧିକାରୀଙ୍କ ଦୟାଦଙ୍କୁ ୧୬,୦୦,୦୦୦/- ଟଙ୍କା ପ୍ରଦାନ କରାଯାଇଛି । ନୂତନ ଭାବେ ପଞ୍ଜୀକୃତ ୧୨୮ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ସେହିପରି ଓଡିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ, ଭୁବନେଶ୍ୱର, ରାୟଗଡ ଜିଲ୍ଲାରେ ପଞ୍ଜୀକୃତ ହୋଇଥିବା ଅଣ ସଙ୍ଗଠିତ ଶ୍ରମିକ ବର୍ଗର ପଞ୍ଜୀକୃତ ହୋଇଥିବା ଅଣ ସଙ୍ଗଠିତ ଶ୍ରମିକ ଯଥା ବୁଲା ବିକାଳି, କ୍ଷୁଦ୍ରବେପାରୀ, ଘରୋଇ ଶ୍ରମିକ, ରିକ୍ସା ଚାଳକ, ଅଟୋ ଚାଳକ, ମୋଚି, କୃଷି ଶ୍ରମିକ, ଜଙ୍ଗଲ ଶ୍ରମିକ, ଖବର କାଗଜ ବିକାଳି, ସଫେଇ ବାଲା ଆଦି ୬୦ ପ୍ରକାରର ମୋଟ ୯୫୨୪ ଜଣ ପଞ୍ଜୀକୃତ ଶ୍ରମିକ ଅଛନ୍ତି।

CMYK

03.05.2025.pmd 1 5/2/2025, 5:00 PM

## ଖୋଲିଲା କେଦାରନାଥ ଧାମ: ମୋବାଇଲ-କ୍ୟାମେରା ଉପରେ କଟକଣା

ଡେରାଡୁନ, ୨/୫: କେଦାରନାଥ ଧାମରେ ଫଟୋ ଉଠାଉଥିଲେ କିମ୍ବା ରିଲ୍ସ କରୁଥିଲେ ସାବଧାନ । କାରଣ କେଦାରନାଥ ମନ୍ଦିରର ୩୦ ମିଟର ପରିସର ଭିତରେ ଲାଗିଛି କଟକଣା । ଯେଉଁ ୩୦ ମିଟର ଭିତରେ ଫଟୋ ଉଠାଇବା ଏବେ ଭିଡିଓ କରିବା ଉପରେ ରୋକ ଲଗାଯାଇଛି । ଯଦି କେହି ଏହି ନିୟମକୁ ଭାଙ୍ଗି ରିଲ୍ସ କରିବାର କିମ୍ବା ଫଟୋ ଉଠାଇବାର ନଜର ଆସିବ ତାହାଲେ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ତାଙ୍କ ମୋବାଇଲ କିମ୍ବା କ୍ୟାମେରା ଜବତ କରାଯିବା ସହ ତାଙ୍କ ଉପରେ ୫୦୦୦ ଟଙ୍କାର ଜୋରିମନା ପଡିବ । ତେଣୁ କେଦାରନାଥ ଯାଉଥିଲେ ଏସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ସତର୍କ କରାଯାଇଛି । କେଦାରନାଥ ମନ୍ଦିର କମିଟି ପକ୍ଷରୁ ଏହି ନିଷ୍ପତ୍ତି ହୋଇଥିବା ବେଳେ ମୋବାଇଲ, କ୍ୟାମେରା ସହ କୌଣସି ବୈଦ୍ୟୁତିକ ଯନ୍ତ୍ର ନେଇ ମନ୍ଦିର ଭିତରକୁ ଯିବାକୁ ମନା କରାଯାଇଛି । ଗତବର୍ଷ ବହୁଳ ମାତ୍ରାରେ ଲୋକଙ୍କୁ ଭିଡିଓ ଏବଂ ରିଲ୍ସ କରିବାର ଦେଖିବାକୁ ମିଳିଥିଲା ଯାହା ଦ୍ୱାରା ମନ୍ଦିର ସାମ୍ନାରେ ଗହଳି ଲାଗିବା କାରଣରୁ ଅନ୍ୟ ଶ୍ରଦ୍ଧାଳୁଙ୍କୁ ସମସ୍ୟା ହେଉଥିଲା । ତେଣୁ ଏବର୍ଷ ଏଥିରେ ରୋକ ଲଗାଯାଇଛି । ସେପଟେ ଆଜି ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛି ବାବା କେଦାରନାଥଙ୍କ କବାଟ । ଶୁକ୍ରବାର ସକାଳ ୭ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ କେଦାରନାଥଙ୍କ କବାଟ ଖୋଲି ଦିଆଯାଇଛି । ପ୍ରାୟ ୧୫ ହଜାର ଭକ୍ତ ବାବାଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

## ଦକ୍ଷିଣ କାଶ୍ମୀରରେ ଲୁଚିକି ରହିଛନ୍ତି ଆତଙ୍କବାଦୀ: ସୂତ୍ର

**ନୂଆଦିଲ୍ଲୀ, ୨ ।୫:** ୨୨ ଏପ୍ରିଲରେ ଦକ୍ଷିଣ କାଶ୍ମୀରର ପହଲଗାମରେ ୨୬ ଜଣଙ୍କୁ ଗୁଳି କରି ହତ୍ୟା କରିଥିବା ଚାରି ଜଣ ଆତଙ୍କବାଦୀ ଏବେ ବି ଖୋଜା ଚାଲିଛି । ତେବେ ଜାତୀୟ ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ସେମାନେ ସମ୍ଭବତଃ ସେହି ଅଞ୍ଚଳରେ ଅଛନ୍ତି ବୋଲି ସୂଚନା ରହିଛି । ସେମାନଙ୍କ ପାଖରେ ବଞ୍ଚିରହିବା ପାଇଁ ଆବଶ୍ୟକୀୟ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ରହିଛି । ଏନ୍ଆଇଏ ସୂତ୍ର କହିଛି ଯେ ଆତଙ୍କବାଦୀମାନେ ଘନ ଜଙ୍ଗଲରେ ଲୁଚି ଥାଇପାରନ୍ତି । ଆତଙ୍କବାଦ ବିରୋଧୀ ସଂସ୍ଥା ଏନ୍ଆଇଏ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତରେ ହୋଇଥିବା ସବୁଠାରୁ ଶୋଚନୀୟ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଦାୟିତ୍ୱ ନେଇଛି । ଯିଏକି ୨୦୧୯ ମସିହାରେ ହୋଇଥିବା ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଆକ୍ରମଣର ଦାୟିତ୍ୱ ବହନ କରିଥିଲେ । ପୁଲଓ୍ୱାମା ଆକ୍ରମଣରେ ୪୦ ଜଣ ସୈନିକ ସହିଦ ହୋଇଥିଲେ । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ପହଲଗାମ୍ ଆକ୍ରମଣର ଆତଙ୍କବାଦୀମାନେ ବୈସାରନ ଉପତ୍ୟକାରେ ଉପସ୍ଥିତ ଥିଲେ । ପହଲଗାମରେ ଆକ୍ରମଣ କରିବାର ପ୍ରାୟ ୪୮ ଘଣ୍ଟା ପୂର୍ବରୁ ସେମାନେ ସେଠାରେ ଲୁଚି ରହିଥିଲେ । ଉଲ୍ଲେଖଯୋଗ୍ୟ, ଡରରେ ଗୁଳି ମାରୁଛି ପାକିସ୍ତାନ । ଏଲଓସିରେ ଜାରି ରହିଛି ଉତ୍ତେଜନା । ପୁଣି ଗୁଳି ମାରି ସୀମାକୁ ଅଶାନ୍ତ କରିଛି ପାକିସ୍ତାନ । ଭାରତ-ପାକିସ୍ତାନ ସୀମାରେ ଲଗାତାର ଅଷ୍ଟମ ଦିନରେ ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ।

## ପାକିସ୍ତାନ ବିମାନ ପଥ ବନ୍ଦ : ଏୟାର ଇଣ୍ଡିଆକୁ ମିଳିପାରେ ୫୦୦୦ କୋଟିର ଝଟକା

ନୂଆଦିଲ୍ଲୀ, ୨ ।୫ : ଏୟାର ଇଣ୍ଡିଆକୁ ଜବରଦସ୍ତ ଝଟକା ଲାଗିଛି । ବିରାଟ କ୍ଷତି ମୁଣ୍ଡାଇ ପାରେ ଏୟାର ଇଣ୍ଡିଆ । ପହଲଗାମ୍ ଆତଙ୍କୀ ହମଲା ପରେ ଭାରତର ପାକିସ୍ତାନ ଉପରେ ପ୍ରତିଶୋଧର ପ୍ରଭାବ ଏୟାର ଇଣ୍ଡିଆ ଉପରେ ପଡିପାରେ । ପାକିସ୍ତାନର ଏୟାରସ୍ପେସ୍ ବନ୍ଦ ହେବା ପରେ କ୍ଷତି ସହିବ ଏୟାର ଇଣ୍ଡିଆ । କୋଟିଏ କି ଦୁଇ କୋଟି ନୁହେଁ ବରଂ ଶହ ଶହ କୋଟିର କ୍ଷତି ମୁଣ୍ଡାଇବ, ଏପରି ଆକଳନ କରାଯାଇଛି । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଯେଉଁ କାରଣରୁ ଭାରତ ଏବଂ ପାକିସ୍ତାନ ନିଜ ନିଜ ଦେଶର ଏୟାରସ୍ପେସକୁ ବନ୍ଦ କରିଦେଇଛନ୍ତି । ଭାରତ ପାକିସ୍ତାନ ପାଇଁ ମେ ୨୩ ଯାଏଁ ଏୟାରସ୍ପେସ୍ ବନ୍ଦ ରଖିଥିବା ବେଳେ ପାକିସ୍ତାନ ମେ ଶେଷ ଯାଏଁ ବନ୍ଦ ରଖିଛି । ଏହାରି ଭିତରେ ଚର୍ଚ୍ଚା ହେଉଛି, ଯଦି ପାକିସ୍ତାନୀ ଏୟାରସ୍ପେସ୍ ୧ ବର୍ଷ ପାଇଁ ବନ୍ଦ ରହେ, ତେବେ ଏହାଦ୍ୱାରା ଏୟାରଇଣ୍ଡିଆକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିପାରେ । ଏୟାର ଇଣ୍ଡିଆ ଦାବି କରୁଛି ଯେ, ଏହାଦ୍ୱାରା କମ୍ପାନୀ ବର୍ଷକୁ ପ୍ରାୟ ୫୦୫୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚର ସାମ୍ନା କରିବ । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, କମ୍ପାନୀ ଏହାର କ୍ଷତିପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ଆବେଦନ କରିଛି । ଏପ୍ରିଲ ୨୭ ତାରିଖରେ ଏୟାର ଇଣ୍ଡିଆ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ପଠାଇଥିବା ଏକ ଚିଠିରେ, ଏୟାରଲାଇନ୍ସ ଏହାର ଆର୍ଥିକ କ୍ଷତିପୂରଣ ପାଇଁ ଭାରତ ସରକାରଙ୍କ ଠାରୁ ଏକ ସବସିଡି ମଡେଲ ମାଗିଥିଲା । ଏଥିରେ କମ୍ପାନୀ ଆକଳନ କରିଥିଲା ଯେ, ଏୟାରସ୍ପେସ୍ କଟକଣା ଯୋଗୁଁ ପ୍ରତିବର୍ଷ କମ୍ପାନୀର ୫୦ ବିଲିୟନ ଭାରତୀୟ ଟଙ୍କାରୁ ଅଧିକ କ୍ଷତି ହେବ । ଏୟାର ଇଣ୍ଡିଆର ଏହି ଚିଠିରେ କୁହାଯାଇଛି ଯେ, ପ୍ରଭାବିତ ହେବାକୁ ଥିବା ଅନ୍ତର୍ଜାତୀୟ ବିମାନ ପାଇଁ ସବସିଡି ଏକ ଭଲ, ପରିବର୍ତ୍ତନଶୀଳ ଏବଂ ଯୁକ୍ତିଯୁକ୍ତ ବିକଳ୍ପ । ତେବେ ପରିସ୍ଥିତିରେ ଉନ୍ନତି ଆସିଲେ ସବସିଡି ପ୍ରତ୍ୟାହାର କରାଯାଇପାରିବ । ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ସମେତ ଅନେକ ଏୟାରଲାଇନ୍ସ ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ଏୟାରସ୍ପେସ ବନ୍ଦ କରିବାର ପ୍ରଭାବ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ସେମାନଙ୍କର ମତାମତ ଏବଂ ପରାମର୍ଶ ଦେଇଛନ୍ତି । ଆଉ ମନ୍ତ୍ରାଳୟ ଏହି ସମସ୍ୟାର ସମାଧାନ ନେଇ ଚିନ୍ତା କରୁଛି ।

## ଭାରତ ଉପରେ ୧୦ ଲକ୍ଷରୁ ଅଧିକ ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୨ ।୫: ମହାରାଷ୍ଟ୍ର ସାଇବର, ରାଜ୍ୟ ପୋଲିସର ସାଇବର ଅପରାଧ ବିଭାଗ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସିଷ୍ଟମ ଉପରେ ପାକିସ୍ତାନ ସମେତ ବିଭିନ୍ନ ଦେଶରୁ ହ୍ୟାକିଂ ଗ୍ରୁପମାନଙ୍କ ଦ୍ୱାରା ୧୦ ଲକ୍ଷରୁ ଅଧିକ ସାଇବର ଆକ୍ରମଣ ରେକର୍ଡ କରିଛି ବୋଲି ଅଧିକାରୀମାନେ କହିଛନ୍ତି ।ଗୁରୁବାର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ, କାଶ୍ମୀରରେ ଏପ୍ରିଲ ୨୨ ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଡିଜିଟାଲ ଆକ୍ରମଣର ଘଟଣା ବୃଦ୍ଧି ପାଇଛି । "ପହଲଗାମ ଆକ୍ରମଣ ପରେ ଭାରତ ଉପରେ ୧୦ ଲକ୍ଷରୁ ଅଧିକ ସାଇବର ଆକ୍ରମଣ ହୋଇଛି," ମହାରାଷ୍ଟ୍ର ସାଇବର ବିଭାଗର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଯଶସ୍ୱୀ ଯାଦବ କହିଛନ୍ତି । ଏହି ଆକ୍ରମଣଗୁଡ଼ିକ ଭାରତୀୟ ୱେବସାଇଟ୍ ଏବଂ ପୋର୍ଟାଲଗୁଡ଼ିକୁ ଟାର୍ଗେଟ କରି ପାକିସ୍ତାନ, ମଧ୍ୟପ୍ରାଚ୍ୟ, ଇଣ୍ଡୋନେସିଆ ଏବଂ ମରୋକୋରୁ କରାଯାଇଛି ବୋଲି ସେ କହିଛନ୍ତି । ଅନେକ ହ୍ୟାକିଂ ଗ୍ରୁପ ନିଜକୁ ଇସଲାମିକ ଗ୍ରୁପ ବୋଲି ଦାବି କରିଛନ୍ତି, ଏହା ସମ୍ଭବତଃ ଏକ ସାଇବର ଯୁଦ୍ଧ ହୋଇପାରେ ବୋଲି ସେ କହିଛନ୍ତି । ମହାରାଷ୍ଟ୍ର ସାଇବର ଏହି ଅନେକ ଆକ୍ରମଣକୁ ବିଫଳ କରିଛି ବୋଲି ଅଧିକାରୀ କହିଛନ୍ତି । ଏହି ନୋଡାଲ ଅଫିସ ସମସ୍ତ ସରକାରୀ ବିଭାଗଗୁଡ଼ିକୁ ସେମାନଙ୍କ ସାଇବର ଭିତ୍ତିଭୂମିକୁ ମଜଭୁତ କରିବାକୁ ଏକ ପରାମର୍ଶ ପ୍ରସ୍ତୁତ କରିଛି ବୋଲି ସେ କହିଛନ୍ତି ।

## ନାଗରିକଙ୍କୁ ଦେଶକୁ ଫେରାଇନେଲା ପାକିସ୍ତାନ

ଇସ୍ଲାମ୍ବାଦ, ୨ ।୫: ଏପ୍ରିଲ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯିବା ପରେ ଭାରତ ସରକାର ପାକିସ୍ତାନୀମାନଙ୍କର ସ୍ୱଳ୍ପକାଳୀନ ଭିସା ବାତିଲ କରି ଦେଇଥିଲେ । ଏବେ ଭାରତରେ ଫସି ରହିଥିବା ନାଗରିକମାନଙ୍କୁ ଫେରିବାକୁ ଅନୁମତି ଦେବା ସହିତ ପାକିସ୍ତାନ ଶୁକ୍ରବାର ଅଟାରୀ-ୱାଘା ସୀମାରେ ଫାଟକ ଖୋଲି ଦେଇଛି । ଗୁରୁବାର ସୀମା ବନ୍ଦ୍ ଥିବାରୁ ଅନେକ ପାକିସ୍ତାନୀ ନାଗରିକ ଭାରତ ପାର୍ଶ୍ୱରେ ଫସି ରହିଥିଲେ । ସୀମାରେ ଫସି ରହିଥିବା ଲୋକଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ନାଗରିକ ସୂରଜ କୁମାର ମଧ୍ୟ ଅଛନ୍ତି, ଯିଏ ତାଙ୍କ ବୃଦ୍ଧ ମା'ଙ୍କୁ ହରିଦ୍ୱାର ତୀର୍ଥଯାତ୍ରାରେ ନେବା ପାଇଁ ଭାରତ ଆସିଥିଲେ । ଗୁରୁବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ କହନ୍ତି, 'ମୁଁ ଦଶ ଦିନ ପୂର୍ବରୁ ୪୫ ଦିନିଆ ଭିସାରେ ଭାରତ ଆସିଥିଲି, କିନ୍ତୁ ମୋତେ ଶୀଘ୍ର ଚାଲିଯିବାକୁ କୁହାଯାଇଥିଲା । ଆଜି ସକାଳ ୬ଟାରେ ଫେରିବା ପାଇଁ ଯେତେବେଳେ ମୁଁ ଅଟାରୀରେ ପହଞ୍ଚିଲି, ସେତେବେଳେ ମୁଁ ଦେଖିଲି ଯେ ଫାଟକଗୁଡ଼ିକ ବନ୍ଦ ଅଛି,' । ଭାରତରେ ଦୀର୍ଘ ବର୍ଷ ଧରି ରହୁଥିବା ପ୍ରାୟ ୯୦୦ ଲୋକ ଭାରତ ଛାଡ଼ି ପାକିସ୍ତାନ ଯାଇଛନ୍ତି । ସବୁଠାରୁ ଅଲଗା ହେଉଛି ଓସାମା ନାମକ ଜଣେ ବ୍ୟକ୍ତିଙ୍କ କାହାଣୀ । ସେ ଦୀର୍ଘ ୧୭ ବର୍ଷ ଭାରତରେ ରହିଛନ୍ତି । ଭାରତରେ ବୋର୍ଡ ପରୀକ୍ଷା ଦେଇଛନ୍ତି । ଭାରତରେ ତାଙ୍କ ଆଧାର କାର୍ଡ ଅଛି ଏବଂ ଏପରିକି ନିର୍ବାଚନରେ ଭୋଟ୍ ମଧ୍ୟ ଦେଇଛନ୍ତି । ଓସାମାଙ୍କ ପ୍ରକୃତ ଘର ଟ୍ୱିନ୍ସିଟି ରାଓ୍ୱଲପିଣ୍ଡି-ଇସଲାମାବାଦରେ । ଭାରତ ଛାଡ଼ିଥିବା ୯୦୦ ଲୋକଙ୍କ ମଧ୍ୟରେ ସେ ମଧ୍ୟ ଅଛନ୍ତି ।

# ଯୁଦ୍ଧ ଆଶଙ୍କାରେ ପାକିସ୍ତାନ: ଖାଦ୍ୟ, ପାଣି ମହଜୁଦ କରିବାକୁ ଲୋକଙ୍କୁ କହିଲା

ଇସଲାମାବାଦ, ୨/୫: ପାକିସ୍ତାନ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇଯାଇଛି ଯେ ଭାରତ ନିଶ୍ଚିତ ଭାବରେ ତାଙ୍କ ଉପରେ ଆକ୍ରମଣ କରିବ । ତେଣୁ, ଭାରତୀୟ ସେନାର ଆକ୍ରମଣର ସମ୍ମୁଖୀନ ହେବା ପାଇଁ ପାକିସ୍ତାନ ପ୍ରତ୍ୟେକ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଏଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଖାଇବର ପଖତୁନଖ୍ୱାରେ ବିମାନ ଆକ୍ରମଣ ସାଇରନ୍ ଲଗାଇବା ଏବଂ ସୀମାନ୍ତ ଗ୍ରାମଗୁଡିକ ପାଖରେ ବଙ୍କର ନିର୍ମାଣ ପାଇଁ ପ୍ରୟାସ ତୀବ୍ର କରିବା ପରେ, ପାକିସ୍ତାନ ସରକାର ଏବେ ପିଓକେର ନାଗରିକମାନଙ୍କୁ ଦୀର୍ଘ ସମୟ ପାଇଁ ଖାଦ୍ୟ ଶସ୍ୟ ସଂରକ୍ଷଣ କରିବାକୁ ଅନୁରୋଧ କରିଛନ୍ତି । ଖାଇବର ପଖତୁନଖ୍ୱାରେ ବିମାନ



ଆକ୍ରମଣ ସାଇରନ୍ ଲଗାଇବା ଏବଂ ସୀମାନ୍ତ ଗ୍ରାମଗୁଡିକ ପାଖରେ ବଙ୍କର ନିର୍ମାଣ ପାଇଁ ପ୍ରୟାସ ତୀବ୍ର କରିବା ପରେ, ପାକିସ୍ତାନ ସରକାର ଏବେ ପିଓକେର ନାଗରିକମାନଙ୍କୁ ଦୀର୍ଘ ସମୟ ପାଇଁ ଖାଦ୍ୟ ଶସ୍ୟ ସଂରକ୍ଷଣ କରିବାକୁ ଅନୁରୋଧ କରିଛନ୍ତି । ଯାହା ଦ୍ୱାରା ଯୁଦ୍ଧ ହେଲେ ସେଠାକାର ନାଗରିକମାନଙ୍କୁ ଖାଦ୍ୟ ଏବଂ ପାଣିର ଅଭାବର ସମ୍ମୁଖୀନ ହେବାକୁ ପଡିବ ନାହିଁ । ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସହିତ ପ୍ରକୃତ ସୀମା ନିକଟରେ ବୃଦ୍ଧି ପାଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ପାକିସ୍ତାନ-ଶାସିତ କାଶ୍ମୀର ଏହି ନିର୍ଦ୍ଦେଶ ଦେଇଛି । ପାକିସ୍ତାନ ନିୟନ୍ତ୍ରଣ ରେଖାର ବାସିନ୍ଦାଙ୍କୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ସଂରକ୍ଷଣ କରିବାକୁ କହିଛି । ଏହା ଦର୍ଶାଉଛି ଯେ ପାକିସ୍ତାନ ସ୍ୱୀକାର କରିଛି ଯେ ଭାରତୀୟ ସେନା ନିଶ୍ଚିତ ଭାବରେ ଏହି ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବ ।

## ଏବେ ବି ଫେରିନି ୬୨୬୬ କୋଟି ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍

**ମୁମ୍ବାଇ, ୨/୫:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଟଙ୍କାର ନୋଟ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି କିନ୍ତୁ ଏହି ନୋଟଗୁଡ଼ିକର ଏବେ ବି ସଂପୂର୍ଣ୍ଣଭାବେ ରିଜର୍ଭ ବ୍ୟାଙ୍କ ନିକଟକୁ ଫେରିନାହିଁ । ଏଗୁଡ଼ିକର ମୋଟ ମୂଲ୍ୟ ୬୨୬୬କୋଟି ଟଙ୍କା ବୋଲି ଜଣାପଡ଼ିଛି । ଶୁକ୍ରବାର ଦିନ ଆରବିଆଇ ଏହାର ସଦ୍ୟତମ ତଥ୍ୟରେ ଏହି ସୂଚନା ଦେଇଛି । ଆପଣଙ୍କୁ କହିରଖୁଛୁ ଯେ ଦୁଇ ବର୍ଷ ତଳେ ହି ନୋଟ ପ୍ରତ୍ୟାହାର ନିଷ୍ପତ୍ତି ପରେ ମଧ୍ୟ ଟଙ୍କାର ନୋଟ୍ ବୈଧ ରହିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ୧୯ ମଇ୨୦୨୩ ରେ ୨୦୦୦ ଟଙ୍କାର ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର ଘୋଷଣା କରିଥିଲା ।

ରିଜର୍ଭ ବ୍ୟାଙ୍କ୍ ୨ ମଇରେ ଏକ ବିବୃତ୍ତିରେ କହିଛି ଯେ ୧୯ ମଇ ୨୦୨୩ ରେ ବ୍ୟବସାୟ ଶେଷ ହେବା ବେଳକୁ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲାଯାହା ୩୦ ଏପ୍ରିଲ୨୦୨୫ ସୁଦ୍ଧା ହ୍ରାସ ପାଇ ୬୨୬୬ କୋଟି ଟଙ୍କା ହୋଇଯାଇଥିଲା । ତେଣୁ୧୯ ମଇ୨୦୨୩ ସୁଦ୍ଧା ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ୯୮.୨୪ ପ୍ରତିଶତ ଫେରି ଆସିଛିରିଜର୍ଭ ବ୍ୟାଙ୍କ କହିଛି ।

## ବାୟୁବୀରଙ୍କ ଶକ୍ତିପ୍ରଦର୍ଶନ ଦେଖି ଛାନିଆ ହେଲାଣି ପାକିସ୍ତାନ

ଲକ୍ଷ୍ନୌ, ୨/୫: ଭାରତରେ ଗର୍ଜିଲା ବିମାନ, ଲଢୁଆ ବିମାନର ଗର୍ଜନ ଶୁଣି ଥରହର ହେଲାଣି ପାକିସ୍ତାନ । ଆକାଶରେ ଦମ୍ ଦେଖାଇଛନ୍ତି ଭାରତୀୟ ଲଢୁଆ ବିମାନ । ଉତ୍ତରପ୍ରଦେଶ ଶାହଜାହାନପୁରରେ ଶକ୍ତିପ୍ରଦର୍ଶନ କରିଛନ୍ତି ଭାରତୀୟ ବିମାନ । ଗଙ୍ଗା ଏକ୍ସପ୍ରେସ ୱେରେ ରାଫେଲ, ମିରାଜ୍, ସୁଖୋଇ, ଜାଗୁଆର ଭଳି ଲଢୁଆ ବିମାନର ଗର୍ଜନ ଶୁଣି ସେପଟେ ଛାନିଆ ହୋଇଛି ପାକିସ୍ତାନ । ଗଙ୍ଗା ଏକ୍ସପ୍ରେସ ୱେରେ ଯୁଦ୍ଧାଭ୍ୟାସ୍ କରି ଆହ୍ୱାନ ମୋଡକୁ ଆସିଛି ବାୟୁସେନା । ପହଲଗାମ୍ ପ୍ରତିଶୋଧ ନେଇ ଭାରତ-ପାକିସ୍ତାନ ଭିତରେ ଲାଗି ରହିଥିବା ଉତ୍ତେଜନା ମୂଳକ ପରିସ୍ଥିତି କେତେବେଳେ କେଉଁ ରୂପ ନେବ ତାହା କହି ହେଉନି । ତେଣୁ ତା ଆଗରୁ ୟୁପି ଗଙ୍ଗା ଏକ୍ସପ୍ରେସ ୱେରେ ଗର୍ଜନ କରି ପାକିସ୍ତାନକୁ ଆକ୍ରମଣ ଆଭାସ ଦେଇଛନ୍ତି ବାୟୁବୀର ।

## ପାକ୍କୁ ପରାମର୍ଶ ଦେଲେ ମୌଲନା

ପହଲଗାମ, ୨ ।୫: ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଢେର ଅଧିକ ବୃଦ୍ଧି ପାଇଛି । ଏହାରି ମଧ୍ୟରେ ଜାମିୟତ୍ ଉଲେମା ଇସ୍ଲାମ୍ ପାର୍ଟିର ନେତା ମୌଲନା ଫଜଲୁରହମାନ ଅଫଗାନିସ୍ତନକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ଭାରତ ବିରୋଧୀ ନେତା ଫଜଲୁର ରହମାନ ନିଜର ଭାଷଣରେ କହିଛନ୍ତି କି ''ଆମେ କଶ୍ମୀର ବିଷୟରେ କଥା ହେଉଛେ । ମାତ୍ର ଆମକୁ କଶ୍ମୀର ପୂର୍ବରୁ ଆଫଗାନିସ୍ତାନ ବିଷୟରେ ଚିନ୍ତା କରିବାକୁ ହେବ । ଆମକୁ ଚିନ୍ତା କରିବାକୁ ହେବ ଯେ ପାକିସ୍ତାନ, ଆଫଗାନିସ୍ତାନ ସହ ତା'ର ସଂପର୍କ କାହିଁକି ବଢ଼ାଇ ନାହିଁ ।'' ଯଦି ଆମେ ରାଜନୀତି ଜାଣିଥାନ୍ତୁ ତେବେ ଆଜି ଆଫଗାନିସ୍ତାନ ପାକିସ୍ତାନ ସମର୍ଥକ ଆଫଗାନିସ୍ତାନ ହୋଇଥାନ୍ତା । କିନ୍ତୁ ଆମେ ସେପରି କରିନାହୁଁ । ସେ କହିଛନ୍ତି ଯେ ସୀମାର ଉଭୟ ପାର୍ଶ୍ୱରେ ସାମଗ୍ରୀ ବୋଝେଇ ଗାଡ଼ିର ଲମ୍ବା ଧାଡ଼ି ଲାଗିଛି ଏବଂ ଜନସାଧାରଣଙ୍କ ସାମଗ୍ରୀ ନଷ୍ଟ ହେଉଛି । ଏହି ଭୁଲ ନୀତିଗୁଡ଼ିକ ସେତେବେଳେ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ରହିବ ଯେପର୍ଯ୍ୟନ୍ତ ରାଜନୈତିକ ଏବଂ ଅର୍ଥନୈତିକ ଚିନ୍ତାଧାରା ସାମରିକ ଚିନ୍ତାଧାରା ସହିତ ମିଶ୍ରିତ ନହୁଏ । ମୌଲାନା ଫଜଲୁର ରହମାନ କହିଥିଲେ ଯେ କାଶ୍ମୀର ପ୍ରସଙ୍ଗ ଅଛି । କିନ୍ତୁ କାଶ୍ମୀର ପ୍ରସଙ୍ଗ ପୂର୍ବରୁ ଆମକୁ ଆଫଗାନିସ୍ତାନ ବିଷୟରେ ଚିନ୍ତା କରିବାକୁ ପଡିବ ।

## ଆର୍ଜେଣ୍ଟିନାରେ ୭.୪ ତୀବ୍ରତାର ଭୂମିକମ୍ପ, ସୁନାମୀ ସତର୍କତା ଜାରି

ବୁଏନସ ଏରିସ୍, ୨/୫: ଭୂମିକମ୍ପରେ ଥରି ଉଠିଛି ଆର୍ଜେଣ୍ଟିନା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୪ ମାପ କରାଯାଇଥିଲା । ଭୂମିକମ୍ପର ତୀବ୍ରତାକୁ ବିଚାରକୁ ନେଇ ସୁନାମି ସତର୍କତା ଜାରି କରାଯାଇଛି । ଭୂମିକମ୍ପର ତୀବ୍ର ଝଟକା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ଲୋକମାନେ ଘରୁ ବାହାରକୁ ଖୋଲା ଆକାଶ ଆଡକୁ ଦୌଡ଼ିବାକୁ ଲାଗିଥିଲେ । ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ, ଦକ୍ଷିଣ ଆର୍ଜେଣ୍ଟିନାର ଉଶୁଆଇଆର ଦକ୍ଷିଣରେ ୨୧୯ କିଲୋମିଟର ଦୂରରେ ଡ୍ରେକ୍ ପାସେଜରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପ ପରେ ତୁରନ୍ତ ସୁନାମି ସତର୍କତା ଜାରି କରାଯାଇଥିଲା, ଯାହା ପରେ ପ୍ରଶାସନ ଲୋକମାନଙ୍କୁ ଉପକୂଳରୁ ଦୂରେଇ ଯାଇ ସୁରକ୍ଷିତ ସ୍ଥାନକୁ ଯିବାକୁ ଅନୁରୋଧ କରିଥିଲେ । ଭୂମିକମ୍ପର କେନ୍ଦ୍ରସ୍ଥଳରୁ ୩୦୦ କିଲୋମିଟର ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ବିପଦପୂର୍ଣ୍ଣ ଲହରି ଆସିବାର ସତର୍କତା ଆମେରିକା ସୁନାମି ସତର୍କତା ପ୍ରଣାଳୀ ଜାରି କରିଛି । ଆର୍ଜେଣ୍ଟିନା ବ୍ୟତୀତ, ଚିଲିର କିଛି ଅଂଶ ମଧ୍ୟ ଏହାର ଅଧୀନରେ ଆସୁଛି । ଏହି ସମୟରେ, ଚିଲିର ଜାତୀୟ ବିପର୍ଯ୍ୟୟ ନିବାରଣ ଏବଂ ପ୍ରତିକ୍ରିୟା ସେବା କହିଛି ଯେ ସୁନାମି ଆଶଙ୍କା ଯୋଗୁଁ ଦେଶର ଦକ୍ଷିଣ ପ୍ରାନ୍ତରେ ଥିବା ମାଗାଲାନେସ୍ ଅଞ୍ଚଳର ଉପକୂଳବର୍ତ୍ତୀ ଅଞ୍ଚଳକୁ ଖାଲି କରାଯାଉଛି ।

## ସୀମାଙ୍କୁ ଜେଲରେ ରଖ ନଚେତ୍ ପାକିସ୍ତାନ ପଠାଅ: ପାକିସ୍ତାନୀ ସ୍ୱାମୀଙ୍କ ଓକିଲ

**ନୂଆଦିଲ୍ଲୀ, ୨ ।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ବାତାବରଣ ରହିଛି । ପ୍ରତିଶୋଧ ନିଆଁରେ ପ୍ରତ୍ୟେକ ଭାରତବାସୀ ଜଳୁଛନ୍ତି । ସରକାର ବି ଗୋଟିଏ ପରେ ଗୋଟିଏ କଡ଼ା ପଦକ୍ଷେପ ନେବାରେ ଲାଗିଛନ୍ତି । ଭାରତ ତୁରନ୍ତ ପ୍ରଭାବରୁ ପାକିସ୍ତାନୀ ଭିସାକୁ ବାତିଲ କରିଛି । ଏହି ବାତିଲ ପରେ ସମସ୍ତ ପାକିସ୍ତାନୀ ନିଜ ଦେଶକୁ ଫେରି ଯିବାର ପ୍ରକ୍ରିୟା ଜାରି ରହିଛି । ଏଭଳି ସମୟରେ ପାକିସ୍ତାନରୁ ପ୍ରେମ ପାଇଁ ଭାରତ ଆସିଥିବା ସୀମା ହାଇଦରଙ୍କ ପାକିସ୍ତାନୀ ସ୍ୱାମୀ ଗୁଲାମ ହାଇଦରଙ୍କ ଓକିଲ ମୋମିନ୍ ମଲିକ ଭାରତ ସରକାରଙ୍କୁ ଅନୁରୋଧ କରି କହିଛନ୍ତି, 'ନେପାଳ ଦେଇ ଭାରତ ଆସିଥିବା ସୀମା ହାଇଦରଙ୍କୁ ପାକିସ୍ତାନ ଫେରାଇ ନିଆଯାଉ । ମୋ ମତରେ ଏହି ଘଟଣା ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ସହିତ ଜଡିତ ରହିଛି । ସୀମା ହାଇଦର କୌଣସି ଆଇନଗତ କାଗଜପତ୍ର ବିନା ୨୦୨୩ ଜୁଲାଇ ୩ରେ ନେପାଳ ଦେଇ ଭାରତ ଚାଲି ଆସିଛନ୍ତି। ସୀମା ହାଇଦରଙ୍କ ପାଖରେ ପାସପୋର୍ଟ କିମ୍ବା ଭିସା କିଛି ବି ନାହିଁ । ଏହା ସତ୍ତ୍ୱେ ବି ସେ ଭାରତରେ ମୁକ୍ତ ଭାବରେ ବୁଲୁଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଯେତେବେଳେ ଭାରତ ଅନ୍ୟ ପାକିସ୍ତାନୀ ନାଗରିକଙ୍କୁ ଅବୈଧ ପ୍ରବାସ ପାଇଁ ଦେଶାନ୍ତର କରୁଛି, ତେବେ ସୀମା ହାଇଦରଙ୍କୁ କାହିଁକି ଏହି ଛାଡ଼ ଦିଆଯାଉଛି ? ସୀମା ହାଇଦରଙ୍କର ଜମ୍ମୁ କାଶ୍ମୀର ସହିତ ସମ୍ପର୍କ ଅଛି । ସୀମା ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରି ପାରନ୍ତି । ମୁଁ ଦାବିର ସହ କହିବି ସୀମା ହାଇଦରଙ୍କ ତଦନ୍ତ ମାମଲାରେ ଅବହେଳା କରାଯାଉଛି ।ତେଣୁ ମୋର ଅନୁରୋଧ ସୀମାଙ୍କୁ ଜାମିନ ବାତିଲ କରି ଜେଲରେ ରଖଯାଉ ନଚେତ୍ ପାକିସ୍ତାନ

# ବଢିଲା ଗାନ୍ଧୀ ପରିବାରର ଅଡୁଆ, ନ୍ୟାଶନାଲ ହେରାଲ୍ଡ ମାମଲାରେ ସୋନିଆ-ରାହୁଲଙ୍କୁ ନୋଟିସ

ନୂଆଦିଲ୍ଲୀ, ୨ ।୫: ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ କୋର୍ଟ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି । ଦ୍ୱିତୀୟ ଶୁଣାଣି ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ହୋଇଥିଲା । ପୂର୍ବରୁ ଏପ୍ରିଲ ୨୫ରେ କୋର୍ଟ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିବାକୁ ମନା କରିଦେଇଥିଲେ । କୋର୍ଟ ଇଡିକୁ ଅଧିକ ପ୍ରାସଙ୍ଗିକ କାଗଜପତ୍ର ଆଣିବା ଏବଂ ତ୍ରୁଟି ଦୂର କରିବାକୁ କହିଥିଲେ । ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୮ରେ ହେବ । ପୂର୍ବରୁ ନେସନାଲ୍ ହେରାଲ୍ଡ ମାମଲାରେ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଚାରିପାଖରେ ଫାଶ କଡ଼ା କରିବା ପାଇଁ ଇଡି ମନି ଲଣ୍ଡରିଂ ମାମଲାରେ ଏକ ଚାର୍ଜସିଟ ଦାଖଲ କରିଥିଲା । ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଇଡି ଚାର୍ଜସିଟ ଦାଖଲ କରିଥିଲା । ଅର୍ଥ ହେରଫେର ମାମଲାରେ ଇଡି ନେତା ସୋନିଆ ଏବଂ ରାହୁଲଙ୍କୁ ଅଭିଯୁକ୍ତ କରିଛି । ବରିଷ୍ଠ କଂଗ୍ରେସ ନେତା ସାମ ପିଟ୍ରୋଡା, ସୁମନ ଦୁବେଙ୍କ ସମେତ ଅନେକ ନେତାଙ୍କ ନାମ ମଧ୍ୟ ଚାର୍ଜସିଟରେ ଅନ୍ତର୍ଭୁକ୍ତ ।



ନେସନାଲ୍ ହେରାଲ୍ଡ ଖବରକାଗଜ ୧୯୩୮ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହା ସ୍ୱାଧୀନତା ସଂଗ୍ରାମର ଏକ ପ୍ରତୀକ ଥିଲା, ଏହାକୁ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ ଅର୍ଥାତ ଏଜେଏଲ ଦ୍ୱାରା ପ୍ରକାଶିତ କରାଯାଇଥିଲା । ୨୦୦୮ ମସିହାରେ ଆର୍ଥିକ ସଙ୍କଟ ପରେ ଖବରକାଗଜଟି ବନ୍ଦ ହୋଇଯାଇଥିଲା ଏବଂ ଏହିଠାରୁ ଏହି ବିବାଦ ଆରମ୍ଭ ହୋଇଥିଲା । ଏହା ପରେ, ୨୦୧୦ ମସିହାରେ, ୟଙ୍ଗ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଗଠନ କରାଯାଇଥିଲା, ଯେଉଁଥିରେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କର ୩୮-୩୮% ଅଂଶଧନ ଅଛି । ଏହି ମାମଲାରେ, ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ୨୦୧୨ ମସିହାରେ ଅଭିଯୋଗ କରିଥିଲେ ଯେ ୱାଇଏଲ ମାତ୍ର ୫୦ଲକ୍ଷ ଟଙ୍କାରେ ଏଜେଏଲର ୨୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଅଧିଗ୍ରହଣ କରିଛି ଏବଂ ଏହା ଠକେଇ ଏବଂ ମନି ଲଣ୍ଡରିଂ ମାମଲା ।

## ଭାରତରେ ପାକ୍ ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ ଚ୍ୟାନେଲ୍ ନିଷିଦ୍ଧ

**ନୂଆଦିଲ୍ଲୀ, ୨/୫ :** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ବାତାବରଣ ରହିଛି । ଏହି ସମୟରେ, କେନ୍ଦ୍ର ସରକାର ଭାରତରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସରକାରୀ ୟୁଟ୍ୟୁବ୍ ଚ୍ୟାନେଲକୁ ନିଷିଦ୍ଧ କରିଦେଇଛନ୍ତି । ପାକ୍ ପ୍ରଧାନମନ୍ତ୍ରୀଙ୍କ ଭିଡିଓଗୁଡ଼ିକ ଭାରତରେ ଅସ୍ଥିରତା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯିବା ପରେ ସରକାର ଏହି ପଦକ୍ଷେପ ନେଇଛନ୍ତି । ଭାରତ ସରକାର ୧୬ଟି ପ୍ରମୁଖ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ନିଷିଦ୍ଧ କରିବା ପରେ ଏହି ପଦକ୍ଷେପ ନିଆଯାଇଛି । ଏହି ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକ ଭାରତୀୟ ସେନା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟବସ୍ତୁ ସହିତ ମିଥ୍ୟା ଏବଂ ଭ୍ରାମକ ଭିଡିଓ ପ୍ରଦର୍ଶନ କରୁଥିଲେ । ପୂର୍ବରୁ, ଭାରତ ସରକାର ଅନେକ କ୍ରିକେଟରଙ୍କ ସମେତ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଡିଜିଟାଲ ଷ୍ଟ୍ରାଇକ୍ କରିଥିଲେ । ଭାରତ ଶୁକ୍ରବାର (୨ ମଇ, ୨୦୨୫) ଭାରତରେ ବାବର ଆଜମ, ମହମ୍ମଦ ଆମିର, ନସିମ ଶାହ, ଶାହିନ ଆଫ୍ରିଦି, ମହମ୍ମଦ ରିଜୱାନ, ହାରିସ ରୌଫ ଏବଂ ଇମାମ ଉଲ ହକଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟଗୁଡ଼ିକୁ ବ୍ଲକ୍ କରିଛି ।

## ବିଲାୱାଲ ମାନିଲେ, ପାକିସ୍ତାନ ହେଉଛି 'ଆତଙ୍କୀସ୍ତାନ'

**ନୂଆଦିଲ୍ଲୀ, ୨/୫ :** ବାଉଳା ନା ଭୟରେ ବିଳିବିଳିଉଛନ୍ତି ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପିପିପି ଦଳର ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ । ନିଜେ ଜାଣିପାରୁନାହାନ୍ତି କଣ କହୁଛନ୍ତି । ପହଲଗାମ ଆକ୍ରମଣରେ ଭୁଟ୍ଟୋ ଭାରତ ଉପରେ ମନ୍ତବ୍ୟ ଦେଉଛନ୍ତି,କାଲି କହିଥିଲେ ଭାରତ ଆତଙ୍କବାଦୀରେ ପାକିସ୍ତାନର ହାତ ଅଛି ବୋଲି ପ୍ରମାଣ ଦେଉ ଆଉ ଆଜି କହିଛନ୍ତି ପାକିସ୍ତାନରେ ଆତଙ୍କବାଦ ରହିଥିଲା । ପାକିସ୍ତାନ ପିପୁଲ୍ସ ପାର୍ଟି ପିପିପି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଭାରତ ସରକାରଙ୍କୁ ବଡ଼ ଦାବି କରିଛନ୍ତି । ଭୁଟ୍ଟୋ କହିଛନ୍ତି, ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଯଦି ପାକିସ୍ତାନର ସମ୍ପୃକ୍ତି ଥାଏ, ତେବେ ଭାରତ ଏହାର ପ୍ରମାଣ ଦେଖାଇବା ଉଚିତ । ବିଲାୱାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଭାରତ ଯଦି ପାକିସ୍ତାନକୁ ଏହି ଆକ୍ରମଣ ପାଇଁ ଦାୟୀ ମାନୁଛି, ତେବେ ସେମାନେ ନିରପେକ୍ଷ ପ୍ରମାଣ ଉପସ୍ଥାପନ କରନ୍ତୁ । ଆମେ ଏକ ନିରପେକ୍ଷ ତଦନ୍ତ ପାଇଁ ପ୍ରସ୍ତୁତ । ଭୁଟ୍ଟୋ ଆହୁରି କହିଛନ୍ତି, ଭାରତର ଏକପାଖିଆ ଅଭିଯୋଗ ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇବ । ଅନ୍ୟପଟେ ସତ ମାନିଛି ପାକିସ୍ତାନ, ଆତଙ୍କୀଙ୍କୁ ପାଳୁଥିଲା ପାକିସ୍ତାନ । ଆଉ ଏହି ସତ ବାହାରିଛି ପିପିପି ମୁଖ୍ୟ ବିଲାୱାଲଙ୍କ ମୁହଁରୁ । ଭାରତର କଡ଼ା ଆଭିମୁଖ୍ୟ ପରେ ପାକିସ୍ତାନର ଜଣକ ପରେ ଜଣେ ନେତା ସତ ଉଗାରିବା ଆରମ୍ଭ କରିଦେଇଛନ୍ତି । ପ୍ରତିରକ୍ଷାମନ୍ତ୍ରୀଙ୍କ ପରେ ଏବେ ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ସ୍ୱୀକାର କରିଛନ୍ତି , ଦେଶର ଇତିହାସ ଆତଙ୍କବାଦରେ ଭରା । ସ୍କାଏ ନ୍ୟୁଜକୁ ଦେଇଥିବା ସାକ୍ଷାତକାରରେ ଭୁଟ୍ଟୋ କହିଛନ୍ତି, କଟ୍ଟରପନ୍ଥୀଙ୍କ ଯୋଗୁଁ ପାକିସ୍ତାନର କ୍ଷତି ହୋଇଛି, କିନ୍ତୁ ସୁଧାର କରାଯାଇଛି । ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟିର ମୁଖ୍ୟ ବିଲାୱାଲ ଭୁଟ୍ଟୋ ନିକଟରେ ପାକିସ୍ତାନର ଆତଙ୍କବାଦୀ ସଂଗଠନ ସହ ସଂପର୍କକୁ ସ୍ୱୀକାର କରିଛନ୍ତି ।

## ଜନଗଣନାରେ ମୁସଲମାନଙ୍କୁ ପଚରାଯାଇପାରେ ଜାତି

ନୂଆଦିଲ୍ଲୀ, ୨ ।୫: ଭାରତରେ ଜାତିଗତ ଜନଗଣନା ହେବା ନେଇ ଘୋଷଣା କରିସାରିଛନ୍ତି କେନ୍ଦ୍ର ସରକାର । ମୋଦି ସରକାରଙ୍କ ଏହି ଘୋଷଣା ପରେ, ଏବେ ସବୁଠି ଚର୍ଚ୍ଚା କେମିତି ହେବ ଏହି ଜାତି ଜନଗଣନା ଜାତି ସହିତ ଲୋକଙ୍କ ଧର୍ମ ବିଷୟରେ ମଧ୍ୟ ପଚରାଯିବ କି ? ମିଳିଥିବା ସୂଚନା ମୁତାବକ, ମୁସଲିମ୍ ସମ୍ପ୍ରଦାୟରେ ଅନେକ ଜାତି ରହିଛି । ଆଉ ଏଥର ଜନଗଣନା ସମୟରେ ଏହି ଜାତିକୁ ନେଇ ମଧ୍ୟ ସେମାନଙ୍କୁ ପ୍ରଶ୍ନ କରାଯିବ । ଏହାସହ ଜାତି ଜନଗଣନା ସମୟରେ ମୁସଲିମ୍ ସଂରକ୍ଷଣକୁ ନେଇ କୌଣସି ବି ପ୍ରସ୍ତାବକୁ ସରକାର ଗ୍ରହଣ କରିବେନି । ତେବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏନେଇ ପୂର୍ବରୁ ମଧ୍ୟ କହିସାରିଛନ୍ତି । ତାଙ୍କ କହିବା ମୁତାବକ, ସମ୍ବିଧାନରେ ଧର୍ମ ଆଧାରରେ କୌଣସି ସଂରକ୍ଷଣ ନେଇ କିଛି ବି ବ୍ୟବସ୍ଥା ନାହିଁ, ଯେତେ ପର୍ଯ୍ୟନ୍ତ ବିଜେପିର ଜଣେ ବି ସାଂସଦ ସଂସଦରେ ଅଛନ୍ତି, ସେ ପର୍ଯ୍ୟନ୍ତ ଧର୍ମ ଆଧାରରେ କୌଣସି ବି ସଂରକ୍ଷଣ ହେବ ନାହିଁ । ଅନ୍ୟପଟେ ଜନଗଣନା ନେଇ ଆଗାମୀ ଦୁଇରୁ ତିନି ମାସ ଭିତରେ କାମ ଆରମ୍ଭ ହେଇଯିବ । ଏଥିପାଇଁ ଅଫିସରମାନଙ୍କର ଡେପୁଟେସନ୍ ପ୍ରକ୍ରିୟା ମଧ୍ୟ ସରକାର ଖୁବଶୀଘ୍ର ଆରମ୍ଭ କରିବେ । ତେବେ ଏଥର ଡିଜିଟାଲ ମାଧ୍ୟମରେ ଜନଗଣନା ହେବ । ଯେଉଁଥିରେ ଆଧାର ସହିତ ବାୟୋମେଟ୍ରିକ ଏବଂ ଏଆଇର ବ୍ୟବହାର ମଧ୍ୟ ହେବ । ସେପଟେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୨୦୨୯ ଲୋକସଭା ନିର୍ବାଚନରେ ମହିଳା ସଂରକ୍ଷଣ ହେଇପାରେ ।

## ଏଣିକି ପାକିସ୍ତାନରେ ବାଜିବନି ଭାରତୀୟ ଗୀତ

**ନୂଆଦିଲ୍ଲୀ, ୨ ।୫:** ଜମ୍ମୁ-କାଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଛି । ଇତି ମଧ୍ୟରେ ଭାରତ ଏକ ବଡ଼ ପଦକ୍ଷେପସ୍ୱରୂପ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲ୍, ପାକିସ୍ତାନୀ କଳାକାର ଏବଂ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଦେଶରେ ନିଷେଧ କରିଛି । ଏହାର ଜବାବରେ ପାକିସ୍ତାନ ମଧ୍ୟ ଭାରତ ବିରୋଧରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି ଏବଂ ଏବେ ପଡ଼ୋଶୀ ଦେଶ ମଧ୍ୟ ପାକ୍ ରେଡିଓ ଷ୍ଟେସନରେ ଭାରତୀୟ ଗୀତକୁ ନିଷେଧ କରିଛି । ପାକିସ୍ତାନବାସୀ କାହିଁ କେଉଁ କାଳରୁ ଲତା ମଙ୍ଗେସକର, ମହମ୍ମଦ ରଫି ଏବଂ କିଶୋର କୁମାରଙ୍କ ଗୀତ ଶୁଣି ଆସୁଛନ୍ତି ଏବଂ ବର୍ତ୍ତମାନ ସମୟରେ ଅରିଜିତ ସିଂହ ଓ ଶ୍ରେୟା ଘୋଷାଲଙ୍କ ଭଳି କଣ୍ଠଶିଳ୍ପୀ ପାକିସ୍ତାନୀମାନଙ୍କର ଖୁବ୍ ପସନ୍ଦ । କିନ୍ତୁ ପାକିସ୍ତାନରେ ଏବେ ଏହି ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ଗୀତ ବାଜିବ ନାହିଁ । ଗୁରୁବାର ପାକିସ୍ତାନ ପ୍ରସାରଣ ସଂଘ(ପିବିଏ) ସୂଚନା ଦେଇଛି ଯେ, ସେମାନେ ସେମାନଙ୍କ ରେଡିଓ ଷ୍ଟେସନଗୁଡ଼ିକରେ ବାଜୁଥିବା ସମସ୍ତ ଭାରତୀୟ ଗୀତକୁ ନିଷେଧ କରିଛନ୍ତି । ପାକିସ୍ତାନର ସୂଚନା ମନ୍ତ୍ରୀ ଅତୁଲ୍ଲାହ ତରାର ଭାରତ ବିରୋଧରେ ପିବିଏର ଏହି ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି । ସେ ପିବିଏର ସାଧାରଣ ସମ୍ପାଦକଙ୍କୁ ଏକ ପତ୍ର ଲେଖିଛନ୍ତି ।

## ନିଟ-ୟୁଜି ପରୀକ୍ଷା ପାଇଁ କଟକଣା

ପୁରୀ(ନିପ୍ର): ଚଳିତ ମାସ ୪ ତାରିଖ ରବିବାର ପୁରୀର ୩ ଗୋଟି ପରୀକ୍ଷା କେନ୍ଦ୍ରରେ ନିଟ ୟୁଜି ୨୦୨୫ ପରୀକ୍ଷା ଅନୁଷ୍ଠିତ ହେବ। ଏହି ତିନି ଗୋଟି କେନ୍ଦ୍ର ତାଳବଣିଆ ସ୍ଥିତ ପିଏମ ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟ, ଷ୍ଟେସନ ରୋଡ ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଓ ଚିତ୍ରକର ସାହି ବିଶ୍ୱମ୍ଭର ବିଦ୍ୟାପୀଠ। ଏନଟିଏ ବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି କର୍ତ୍ତୃପକ୍ଷଙ୍କ ନିୟମ ଅନୁସାରେ ପରୀକ୍ଷା କେନ୍ଦ୍ରର ୩୦୦ ମିଟର ପରିସୀମା ମଧ୍ୟରେ କୌଣସି ଜେରକ୍ସ ଆଉଟଲେଟ ଚାଲିପାରିବ ନାହିଁ। ତେଣୁ ପରୀକ୍ଷା ଦିନ ଅର୍ଥାତ ୪ ତାରିଖ ଅପରାହ୍ନ ୧୨ ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ତିନି କେନ୍ଦ୍ରର ୩୦୦ ମିଟର ପରିସୀମା ମଧ୍ୟରେ ସମସ୍ତ ଜେରକ୍ସ ଆଉଟଲେଟ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

---

## ମୁକୁନ୍ଦ ନଗରବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ

ପୁରୀ(ନିପ୍ର): ପୁରୀ ସହରଠାରୁ ଅତି ନିକଟରେ ଥିବା ଗୋପୀନାଥପୁର ପଂଚାୟତ ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗର ବାସିନ୍ଦାମାନେ ଦୀର୍ଘ ତିନିବର୍ଷ ଧରି ପାନୀୟ ଜଳ ପାଇବା ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ୍ୟ ଜଳଯୋଗାଣ ସଂସ୍ଥା ପକ୍ଷରୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାଇପ ବିଛାଇ ଦେଇ ନିଜର ବିଲ ନେଇଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଉକ୍ତ ଅଂଚଳର ଅର୍ଦ୍ଧେକ ବାସିନ୍ଦା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏସମ୍ପର୍କରେ ବାସିନ୍ଦାମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା କୁହାଯାଉଛି। ଯେଉଁ କେତକ ବାସିନ୍ଦାଙ୍କ ଘରକୁ ଜଳ ଯୋଗାଣ ନିମନ୍ତେ ପାଇପ ସଂଯୋଗ କରାଯାଇଛି ସେମାନେ କାଣୀ ଆଙ୍ଗୁଠି ଭଳି ପାଣି ପାଉଥିବାର ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମବାସିନ୍ଦା ପକ୍ଷରୁ ଏକ ଦାବିପତ୍ର ୨୮ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦିଆଯାଇଛି। ଏକସପ୍ତାହ ମଧ୍ୟରେ ଯଦି ସମାଧାନ ନହୁଏ ତେବେ ଅଞ୍ଚଳବସୀ ରାଜରାସ୍ତାକୁ ଓହ୍ଲାଇ ପୁରୀକୁ ଯିବାକୁ ଥିବା ପ୍ରବେଶ ଦ୍ୱାରକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

---

## ଜ୍ୟୋତି ରଞ୍ଜନ ପଣ୍ଡା ଭାପୁର ବ୍ଲକ୍ ମାଟ୍ରିକ ଟପ୍ପର

### ୩ ହାଇସ୍କୁଲର ଫଳାଫଳ ଶତ ପ୍ରତିଶତ

ଭାପୁର(ନିପ୍ର) ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ୨୦୨୫ ମାଟ୍ରିକ ଫଳାଫଳ ଶୁକ୍ରବାର



ଅପରାହ୍ନରେ ପ୍ରକାଶିତ ହୋଇଛି । ଚଳିତ ବର୍ଷ ଭାପୁର ବ୍ଲକରୁ କୌଣସି ପରୀକ୍ଷାର୍ଥୀ ଇ ୧ରେ ପାସ୍ କରି ନ ଥିବାବେଳେ ୩ ଗୋଟି ଉଚ୍ଚ ବିଦ୍ୟାଳୟ ଅର୍ଥାତ୍ ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟ, ବିଜିପୁର, ସାମନ୍ତ ଚନ୍ଦ୍ର ଶେଖର କପିଳ ମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ, କରବର ଏବଂ ସ୍ୱପ୍ନେଶ୍ୱର୍ ଦେବ ଉଚ୍ଚବିଦ୍ୟାଳୟ, ରାକମା ଶତପ୍ରତିଶତ ଫଳାଫଳ ହୋଇଛି ବୋଲି ଭାପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥଙ୍କଠାରୁ ପ୍ରକାଶ । ଇ ୨ରେ ସ୍ୱପ୍ନେଶ୍ୱର୍ ଦେବ ଉଚ୍ଚବିଦ୍ୟାଳୟରୁ ଜ୍ୟୋତିରଂଜନ ପଣ୍ଡା ୫୩୭ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି ଏବଂ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଭାପୁରର ଛାତ୍ରୀ ଦିବ୍ୟାଶା ପ୍ରିୟଦର୍ଶିନୀ ୫୩୬ ମାର୍କ ରଖି ଦ୍ୱିତୀୟ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ରାକମା ଗ୍ରାମର ଜ୍ୟୋସ୍ନାରାଣୀ ଦାସ ଏବଂ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ସୁପୁତ୍ର ଜ୍ୟୋତିରଂଜନ ପଣ୍ଡା ଭାପୁର ବ୍ଲକ ଟପ୍ପର ହୋଇଥିବାରୁ ସମସ୍ତ ଶିକ୍ଷାବିତ୍‌ମାନେ ଶୁଭେଚ୍ଛା ପଠେଇଛନ୍ତି।

---

## ଅଷ୍ଟାଦଶ ନବାହ୍ନ ପାରାୟଣ ଓ ପ୍ରବଚନ

ତାଳଚେର(ନିପ୍ର): ସୀତାରାମ ପରିଷଦ ଏକ ଆଧାତ୍ମିକ, ଧାର୍ମିକ ଓ ସାର୍ବଜନୀନ ଅନୁଷ୍ଠାନ ଯାହା ଦୀର୍ଘ ଅଠର ବର୍ଷ ଧରି ତାଳଚେର ସହର ମଧ୍ୟରେ ଶ୍ରୀ ଶ୍ରୀ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା ପୂର୍ବକ ସ୍ଥାନୀୟ ଜନସାଧାରଣଙ୍କ ମନରେ ଆଧାତ୍ମିକତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ



ବର୍ଷ ନିର୍ଦ୍ଧାରିତ ତିଥିରେ ନବଦିନ ବ୍ୟାପି ଶ୍ରୀରାମ ଚରିତ ମାନସ ପଠନ ଏବଂ ଓଡିଶା ତଥା ଓଡିଶା ବାହାରର ପ୍ରତିଷ୍ଠିତ କଥାକାର ମାନଙ୍କୁ ଆମନ୍ତ୍ରଣ କରି ପ୍ରବଚନ କାର୍ଯ୍ୟକ୍ରମ ସୁସମ୍ପନ୍ନ କରିଆସୁଛି। ଚଳିତ ବର୍ଷ ମଧ୍ୟ ଅପ୍ରେଲ ୨୯ ତାରିଖରୁ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଏହା ମଇ ୦୭ ତାରିଖରେ ସମାପନ ହେବ। ତାଳଚେରର ଶ୍ରୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ପୂଜାର୍ଚ୍ଚନା ପରେ ମହିଳା ପୁରୁଷ ଓ ଯୁବତୀ ଯୁବକ ଶ୍ରଦ୍ଧାଳୁ ମାନଙ୍କ ଜରିଆରେ ଏକ ଶୋଭାଯାତ୍ରାରେ ଅଣାଯାଇ ମନ୍ଦିର ପ୍ରାଙ୍ଗଣରେ ଥିବା ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସନ୍ଥ ଏବଂ ପଣ୍ଡିତ ମାନଙ୍କ ଶ୍ରୀ ମୁଖରୁ ରାମ କଥା ପରିବେଷଣ ଏବଂ କଳୁଷିତ ବାତାବରଣକୁ ଦୂରୀଭୂତ କରିବା ପାଇଁ ମନ୍ତ୍ର ପାଠ ସହ ଶାନ୍ତି ଯଜ୍ଞ କରାଯାଉଛି। ମଇ ୭ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ଓ ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ।

---

### ଅବକାରୀ ବିଭାଗକୁ ବଡ଼ ସଫଳତା

# ପାଣି ଫ୍ୟାକ୍ଟ୍ରିରେ ଚାଲିଥିବା ଦେଶୀ ମଦ କାରଖାନା ଠାବ

- ୪ ଗିରଫ: ୧୯ ଲକ୍ଷ ଟଙ୍କାର ୯୫୧୦ ଲିଟର ଦେଶୀ ମଦ ଜବତ
- ୩ଟି ଚାରି ଚକିଆ ଏବଂ ଗୋଟିଏ ବାଇକ ଜବତ
- ଜଟଣୀ ଷ୍ଟେସନରୁ ୫୦ କେଜି ଗଞ୍ଜେଇ ସହ ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗାଁ ମୁଣ୍ଡ ଜଙ୍ଗଲରେ ଥିବା ପାଣି ଫ୍ୟାକ୍ଟ୍ରିରେ ପାଣି ବୋତଲରେ ବିକ୍ରି ହେଉଥିବା ଦେଶୀ ମଦ ଫ୍ୟାକ୍ଟ୍ରିକୁ ଠାବ କରିଛି ଭୁବନେଶ୍ୱର ଅବକାରୀ ବିଭାଗ ସ୍ପେଶାଲ ଟିମ । କାରଖାନା ଭିତରୁ ୧୯ ଲକ୍ଷ ଟଙ୍କାର ୯୫୧୦ ଲିଟର ଦେଶୀ ମଦ, ୩ଟି ଚାରି ଚକିଆ ଗାଡି, ଏକ ବାଇକ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ, ସୁକାନ୍ତ ସାହୁ, ଭରତ ସାହୁ, ପଙ୍କଜ ମହାନ୍ତି ଓ ସୁନିଲ କୁମାର ସ୍ୱାଇଁ। ସେହିପରି ଜଟଣୀ ଷ୍ଟେସନରୁ ମଧ୍ୟ ଭୁବନେଶ୍ୱର ଅବକାରୀ ବିଭାଗ ଏକ ଟିମ ୨ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୫୦ କେଜିର ଗଞ୍ଜେଇ ଜବତ କରିଛି । ଦୁଇ ଅଭିଯୁକ୍ତ ବିହାର ରାଜ୍ୟର ହୋଇଥିବା ବେଳେ, ସେମାନେ କୋରାପୁଟରୁ ଚୋରାରେ ଗଞ୍ଜେଇ ଆଣି ବିହାର ଚାଲାଣ ବେଳେ ଖବର ପାଇ ଜଟଣୀ ଷ୍ଟେସନରେ ମାଡି ବସିଥିଲା ଅବକାରୀ ଟିମ । ଗିରଫ ୨ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ଦୋଘରା ଥାନା ଅଂଚଳର ପ୍ରଭାତ କୁମାର ଶର୍ମା ଓ ନୀତିଶ କୁମାର । ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ସକାଳେ ଭୁବନେଶ୍ୱର ଅବକାରୀ ବିଭାଗର କର୍ମଚାରୀମାନେ ଅବକାରୀ କମିଶନର ଓ ଅବକାରୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚନ୍ଦକା ଥାନା ଅଧିନ ଦାରୁଠେଙ୍ଗ ଗାଁରେ ଅବକାରୀ ବିଭାଗର ଅଧିକାରୀ ରାଜା ସ୍ୱାଇଁଙ୍କ ନେତୃତ୍ୱରେ ୩ଟି ଟିମ ଗଠନ କରାଯାଇ ଅତର୍କିତ ଭାବେ ଚଢ଼ାଉ କରି ପାଣି ବୋତଲ ପ୍ୟାକିଂ ଚାଲିଥିବା ଫ୍ୟାକ୍ଟ୍ରି ଉପରେ ଚଢଉ କରିଥିଲେ । ଚଢଉ ସମୟରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଜଣାପଡିଥିଲା । ପରେ ଫ୍ୟାକ୍ଟ୍ରି ଭିତରୁ ପ୍ରାୟ ୧୯ ଲକ୍ଷ ଟଙ୍କାର ପ୍ରସ୍ତୁତ ହୋଇଥିବା ଦେଶୀ ମଦକୁ ଜବତ କରିବା ସହ ୪ ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା ଅବକାରୀ ବିଭାଗ । ତେବେ ବେଆଇନ ଭାବେ ଏହି ପାଣି ବୋତଲ ପ୍ୟାକିଂ ଫ୍ୟାକ୍ଟ୍ରିରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ନେଇ ଅବକାରୀ ବିଭାଗ ପାଖରେ ଗୁପ୍ତ ସୂଚନା ମିଳିବା ପରେ ସକାଳୁ ସକାଳୁ ଏହି ଚଢ଼ାଉ କରାଯାଇଥିଲା । ସେହିପରି ଭୁବନେଶ୍ୱର ଅବକାରୀ ବିଭାଗର ଆଉ ଏକ ଟିମ ଖବର ପାଇ ଜଟଣୀ ଷ୍ଟେସନରେ ଚଢ଼ାଉ କରିବା ସହ ଆରପିଏଫ୍ ପୁଲିସ ସହଯୋଗରେ ୨ ଜଣ ବିହାର ରାଜ୍ୟର ଗଞ୍ଜେଇ ବେପାରୀଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୫୦ କେଜି ଗଞ୍ଜେଇ ଜବତ କରିଛି।

---

### ଶାନ୍ତିପଲ୍ଲୀରେ ହତ୍ୟାକାଣ୍ଡ ଘଟଣା

## ବଡ଼ ଭାଇକୁ ମାରି ଜେଲଗଲା ସାନ ଭାଇ

ଭୁବନେଶ୍ୱର(ନିପ୍ର): ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଗତ ମଙ୍ଗଳବାର ସନ୍ଧ୍ୟାରେ ସାମାନ୍ୟ କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ଘଟଣାରେ ବଡ ଭାଇ ହମିଦୁଲା ଖାଁଙ୍କୁ ସାନ ଭାଇ ସୋନୁ ଏକ କାଠ ଫାଳିଆରେ ପିଟି ହତ୍ୟା କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଥାନା କେସ ନମ୍ବର ୨୦୪ରେ ମାମଲା ରୁଜୁକରି ଦଫା, ୧୦୩(୧) ବିଏନଏସ୍ ଆକ୍ଟରେ ଘଟଣାର ୨୪ ଘଂଟା ମଧ୍ୟରେ ଅଭିଯୁକ୍ତ ସୋନୁ ଓରଫ ଅହିମଦ୍ ଖାଁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ତଥା ଏପ୍ରିଲ ୨୯ ତାରିଖ ସନ୍ଧ୍ୟା ସମୟରେ ଶହୀଦନଗର ଥାନା ଅଧିନ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ସୋନୁ ଓରଫ ଅହିମଦ୍ ଖାଁ ଏବଂ ତାର ବଡ଼ ଭାଇ ହମିଦୁଲା ଖାଁ ମଧ୍ୟରେ ପାରିବାରିକ କଳହକୁ ନେଇ ଠେଲାପେଲା ହୋଇଥିଲା। ସେଥିରେ ଉତ୍ତ୍ୟକ୍ତ ହୋଇ ବଡଭାଇ ହମିଦୁଲାକୁ ସାନ ଭାଇ ସୋନୁ ଏକ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିଥିଲା । ଫଳରେ ହମିଦୁଲାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଇଂଟନାଲ ରକ୍ତସ୍ରାବ ହୋଇଥିଲା । ତାଙ୍କ ସଙ୍ଗେ ସଙ୍ଗେ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହମିଦୁଲର ମୃତ୍ୟୁ ପରେ ପରିବାର ଲୋକେ ଏନେଇ ସହିଦନଗର ଥାନା ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ ପୁଲିସ କ୍ୟାପିଟାଲ ହସ୍ପିଟାଲରେ ପହଂଚି ଶବକୁ ଜବତ କରିବା ସହ ସାନ ଭାଇ ତଥା ହତ୍ୟାକାରୀ ଅହିମଦକୁ ଘଟଣାର ୨୪ ଘଂଟା ମଧ୍ୟରେ ନିଜ ହେପାଜତକୁ ନେଇ ଅଧିକ ପଚରାଉଚରା କରୁଥିବା ବେଳେ ଗୁରୁବାର ତାକୁ କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।

---

### କମିଶନରେଟ ପୋଲିସର କମ୍ୟୁନିଟି ପୋଲିସିଂ

## ନେହେରୁ ବସ୍ତି ଚାମ୍ପିଅନ

ଭୁବନେଶ୍ୱର(ନିପ୍ର): କମିଶନରେଟ ପୋଲିସ ବସ୍ତି ଲୋକଙ୍କ ବିଶ୍ୱାସଭାଜନ ହେବା ଲାଗି ବିଭିନ୍ନ ସମୟରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଏହିକ୍ରମରେ ବସ୍ତିର ଯୁବକମାନଙ୍କ ସହ ପୋଲିସର ସୁସଂପର୍କ ବଢ଼ାଇବା ଲାଗି ଗତ ୨୧ ଏପ୍ରିଲରୁ ଭୁବନେଶ୍ୱର ରିଜର୍ଭ ଗ୍ରାଉଣ୍ଡ ପଡ଼ିଆଠାରେ ଏକ କ୍ରିକେଟ ଟୁର୍ଣ୍ଣାମେଂଟର ଆୟୋଜନ କରାଯାଇଥିଲା। ଏହି ଟୁର୍ଣ୍ଣାମେଂଟରେ ମୋଟ ୪୦ଟି ଅଂଶ ଗ୍ରହଣ କରିଥିବା ବେଳେ ସେଥିରେ ଭୁବନେଶ୍ୱରର ବିଭିନ୍ନ ବସ୍ତିର ୩୮ଟି ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଏହି ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ନେହେରୁ ବସ୍ତି ଓ ବିସ୍ରାମୁଣ୍ଡା ବସ୍ତି ମଧ୍ୟରେ ଆୟୋଜିତ ହୋଇଥିଲା। ଯେଉଁଥିରେ ନେହେରୁ ବସ୍ତି ବିଜୟୀ ହେବା ସହ ମୁଖ୍ୟ ଅତିଥି ସଡ଼କ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ଠାରୁ ଚାମ୍ପିଅନ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା ଆଗାମୀ ଦିନରେ ତାଙ୍କ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟାକ୍ରମକୁ ପ୍ରତ୍ସୋହନ ଯୋଗଇ ଦେବ ବୋଲି ପ୍ରତିଶ୍ରୁତି ଦେବା ସହ କେବଳ ଓଡ଼ିଶା ନୁହେଁ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ଏଭଳି ଟୁର୍ଣ୍ଣାମେଂଟ ଆୟୋଜନ କରାଯିବ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ ବସ୍ତି ବାସିନ୍ଦାମାନେ ସମାଜ ଗଠନ ଦିଗରେ କିପରି କାର୍ଯ୍ୟ କରିଥାନ୍ତି ସେ ନେଇ ନିଜ ବକ୍ତବ୍ୟରେ ମତ ପୋଷଣ କରିଥିଲେ। ଏହି ଅବସରରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ବସ୍ତିକୁ ଚାଲ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡିଆଇଜି ଏସଟିଏଫ ପିନାକ ମିଶ୍ର ଯୋଗ ଦେଇଥିବା ବେଳେ ଡିସିପି ଭୁବନେଶ୍ୱର ଜଗମୋହନ ମୀନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ ସଭାମଂଚରେ ଉପସ୍ଥିତ ଥିଲେ।

---

## ଜମିବାଡ଼ିକୁ କେନ୍ଦ୍ରକରି ସାନଭାଇକୁ ମରଣାନ୍ତକ ଆକ୍ରମଣ

ରେଢାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ କଦଳୀପାଲି ଗ୍ରାମରେ ଭାଇ ଭାଇ ମଧ୍ୟରେ ତିକ୍ତତା ଘଟିଛି । ଜମିବାଡ଼ିକୁ କେନ୍ଦ୍ରକରି ବଡ ଭାଇ ଲକ୍ଷ୍ମଣ ଜେନା ଓ ତାଙ୍କ ପୁଅ ଅମରେଶ ଜେନା, ସାନ ଭାଇ ରଂଜିତ ଜେନାଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ରଂଜିତଙ୍କ ପରିବାର ଚାରମାଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଲୁହା ଛଡରେ ଆକ୍ରମଣ ହୋଇଥିବା ରଂଜିତ ପରିବାର ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ କଦଳୀପାଲି ଗ୍ରାମର ରଂଜିତ ଜେନା ନିଜ ଚାଷଜମି ଜେସିବି ମାଧ୍ୟମରେ



କାମ କରାଉଥିବା ବେଳେ ବଡ଼ଭାଇ ଲକ୍ଷ୍ମଣ ଜେନା କାମକୁ ବନ୍ଦ କରାଇଥିଲେ। କାମ ବନ୍ଦ ହେବା ଶୁଣି ସାନ ଭାଇ ରଂଜିତ ଜେନା ବଡ଼ ଭାଇଙ୍କ ସହିତ କଥାବାର୍ତ୍ତା ହୋଇ ଆପୋଷ ବୁଝାବଣା କରି ପୁଣି କାମ ସୁରଖୁରରେ ତୁଲାଇଥିଲେ। ହେଲେ ୨ ଦିନ ପରେ ପୁଣି ବଡଭାଇ ଲକ୍ଷ୍ମଣ ଜେନା ଓ ତାଙ୍କ ସାନ ପୁଅ ଅମରେଶ ଜେନା ସନ୍ଧ୍ୟା ୫ଟାରେ ସାନ ଭାଇ ରଂଜିତ ଜେନା ଘର ବାହାରେ ବସିଥିବା ଦେଖି ତାଙ୍କୁ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ରଂଜିତଙ୍କ ସ୍ତ୍ରୀ ଓ ତାଙ୍କ ପୁଅ ଛଡ଼ାଇବା ପାଇଁ ଆସିଥିଲେ ହେଁ ଶେଷରେ ସେମାନେ ମଧ୍ୟ ତାଙ୍କଠାରୁ ମାଡ ଖାଇଥିଲେ। ରଂଜିତଙ୍କ ଗୋଡ଼ରେ ଓ ସ୍ତ୍ରୀ ପୁଅଙ୍କ ହାତରେ ମାଡ଼ଖାଇ ଗୁରୁତର ଆହତ ହୋଇଛନ୍ତି। ଥାନାରେ କେସ ଦେଲେ ଆମେ ପୁଣି ବାହାରି ତୁମକୁ ମାରିଦେବୁ ବୋଲି ବାପ ପୁଅ ରଂଜିତଙ୍କ ପରିବାରକୁ ଧମକ ଦେଇଛନ୍ତି। ଶେଷରେ ରଂଜିତ ପରିବାର ଚାରମାଲ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ତାଙ୍କୁ ମେଡିକାଲରେ ପ୍ରାଥମିକ ଚିକିତ୍ସା କରି ତାର ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ ଶୁକ୍ରବାର ଚାରମାଲ ପୋଲିସ ବଡ ଭାଇ ଲକ୍ଷ୍ମଣ ଜେନାକୁ ଥାନାକୁ ନେଇ ପଚରାଉଚର କରୁଥିବା ବେଳେ ତାଙ୍କ ସାନପୁଅ ଅମରେଶ ଜେନା ଘଟଣାସ୍ଥଳରୁ ଫେରାର ଥିବା ଜଣାପଡିଛି ।

---

## ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ, ତିନି ଗୁରୁତର

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା କେ. ନୂଆପଲ୍ଲୀ ଛକ ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି ଏବଂ ଅନ୍ୟଜଣେ ଆହତ ହୋଇଛନ୍ତି । ମୃତ ଯୁବକ କର୍ପୁର ନୂଆଗାଁ ଗ୍ରାମର ରାଜେନ୍ଦ୍ର ବେହେରା ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ରାଜେନ୍ଦ୍ର ଓଡି ୩୨ଜି ୯୬୬୧ ବାଇକ ଯୋଗେ ନିଜ କର୍ପୁର ନୂଆଗାଁ ଅଭିମୁଖେ ଯିବା ସମୟରେ ଭଞ୍ଜନଗର ପଟୁ ଶେରଗଡ଼ ବ୍ଲକ ଢ଼େଙ୍ଗାପଦର ଗ୍ରାମର ବିକାଶ ସେଠି (୧୯), ସିପୁନ ସେଠି (୨୪), ସରୋଜ ସେଠି (୨୦) ଓଡି୦୭ଏଜେ ୯୦୮୦ ବାଇକରେ ତିନି ଯୁବକ ଭଞ୍ଜନଗର ପାର୍କ ବୁଲି ସାରି ନିଜ ଗ୍ରାମ ଅଭିମୁଖେ ଆସୁଥିବା ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରାଜେନ୍ଦ୍ରଙ୍କ ସମେତ ଅନ୍ୟ ବାଇକର ସମସ୍ତ ଚାରିଜଣ ରାସ୍ତା ଉପରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାରକରି ଚିକିତ୍ସା ନିମନେ ଦମକଳ ଓ ଆମ୍ବୁଲାନ୍ସ ଯୋଗେ ରାତି ୮ଟା ସମୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଏଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ୍ୟୁ ଘୋଷଣା କରିଥିବା ଦେଖିବାକୁ ମିଳିଛି । ତେବେ ଅନ୍ୟ ଦୁଇଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ଦେଖିବାକୁ ମିଳିଥିବା ବେଳେ ଦୁର୍ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ଖବରପାଇ ଆସିକା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି ।

---

## ସୃଷ୍ଟିଧର ପରିଡ଼ାଙ୍କ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ

ଭୁବନେଶ୍ୱର(ନିପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଦ୍ୟ ପ୍ରକାଶିତ ନୂତନ ଗଳ୍ପ ସଂକଳନ "ମୁଠାଏ ସ୍ୱପ୍ନ" ପୁସ୍ତକକୁ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେଖକ ଶ୍ରୀ ପରିଡ଼ା 'ମୁଠାଏ ସ୍ୱପ୍ନ'ର ପୁସ୍ତକ ରଚନାର ପୃଷ୍ଠଭୂମି ଏବଂ ସାମ୍ପ୍ରତିକ ସମାଜିକ ରାଜନୈତିକ ଅବସ୍ଥାରେ ପ୍ରଭାବିତ ସାହିତ୍ୟର ବାସ୍ତବ ସ୍ଥିତି ବାବଦରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ପରିଡ଼ାଙ୍କ ସାହିତ୍ୟ ସାଧନା



ଅଧିକ ସମୃଦ୍ଧ, ଶାଣିତ ଏବଂ ବିକଶିତ ହେଉ ବୋଲି କାମନା କରିବା ସହ ଓଡ଼ିଶାର ଜନ ଜୀବନକୁ ଉନ୍ନତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିମଳ ଭଞ୍ଜଦେଓ, ବିବେକାନନ୍ଦ ଜେନା, ଦେବକାନ୍ଦ ମହାପାତ୍ର, ବିଜୟ ପଣ୍ଡା, ପାର୍ଥସାରଥୀ ଜେନା, ମାଧବାନନ୍ଦ ବେହୁରା, ସନତ ମିଶ୍ର, ବିଭୂତି ଭୂଷଣ କର, କିଶୋର ମଙ୍ଗରାଜ, ପ୍ରିୟରଞ୍ଜନ ସାହୁ, ସନାତନ ଦଳବେହେରା, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ଉମେଶ ରାୟ, ବିଶ୍ୱଜିତ ଜେନା, ଉମେଶ ସାମନ୍ତରାୟ, ମନୋଜ ବେହେରା, ସୁକାନ୍ତ ମହାନ୍ତି, ମହେଶ୍ୱର ରଥ, ଗିରିଧାରୀଲାଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ।

---

### ପୋଲିସର ସ୍ୱତନ୍ତ୍ର ଚଢ଼ାଉ

# ୯ ମାଙ୍କଡ଼ା ପଥର ଟ୍ରକ ଓ ଦୁଇ ବାଲି ବୋଝେଇ ହାଇୱା ଜବତ: ୮ କୋର୍ଟ ଚାଲାଣ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ପୋଲିସ ନିର୍ଦ୍ଦେଶରେ ନିରାକାରପୁର ପୋଲିସ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ତତ୍ତ୍ୱାବଧାନରେ ୧ ତାରିଖ ଭୋରରୁ ଏକ ସ୍ୱତନ୍ତ୍ର ଚଢ଼ାଉ କରାଯାଇ ୯ ମାଙ୍କଡ଼ା ପଥର ଟ୍ରକ ଓ ଦୁଇ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ସଂପୃକ୍ତି ଥିବା ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ



ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଏହାକୁ ଦମନ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ପୁଲିସ ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଲାଗିଛି। ଖୋର୍ଦ୍ଧା ସଦର ଓ ଆଦର୍ଶ ଥାନା ଅଞ୍ଚଳରେ ଏବେ ବଡ଼ ଧରଣ ଚଢ଼ାଉ କରାଯାଇ ବହୁ ଗାଡି ମୋଟର ଜବତ କରାଯାଇଥିଲା। ସେହିପରି ଗତ କିଛି ମାସ ତଳେ ଟାଙ୍ଗୀ ଥାନା ଅଞ୍ଚଳରେ ବହୁ ସଂଖ୍ୟାରେ ଗାଡି ଓ ଜେସିବି, କଟର ମେସିନ ଜବତ ହୋଇଥିବାବେଳେ ଗତକାଲି ସକାଳୁ ନିରାକାରପୁର ପୋଲିସ ଏସଆଇ ଦିପାଳିଶା ନାୟକ ଓ ଏଏସଆଇ ତପନ କୁମାର ପ୍ରଧାନ ପ୍ରମୁଖ ଚଢ଼ାଉ କରି ବିନା କାଗଜପତ୍ରରେ ଯାଉଥିବା ୯ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ ଓ ଦୁଇଟି ବାଲି ବୋଝେଇ ହାଇୱାକୁ ଲେଣ୍ଡୁ ଛକରେ ଜବତ କରିବା ସହିତ ଏଥିରେ ସଂପୃକ୍ତ ଥିବା ସତ୍ୟବାଦୀ ଥାନା ଦୋଖଣ୍ଡପୁର ଗ୍ରାମର ସନ୍ତୋଷ କୁମାର ଜେନା (୩୪), ନିରାକାରପୁର ଥାନା ବଡପୋଖରିଆ ଗ୍ରାମର ସତ୍ୟପୀର ରାଟସିଂହ (୩୫) ଓ ବୋଡଙ୍ଗରା ଗ୍ରାମର ଦୁଷ୍ମନ୍ତ ପ୍ରଧାନ (୪୩), କୁନିଆ ସମନ୍ତରପୁର ଗ୍ରାମର ନଗେନ ମାର୍ଥା (୨୮), ବୋଡଙ୍ଗରା ଗ୍ରାମର ବିଜୟ ଜଗଦେବ (୫୮), ରାଉଳହଜର ବୁଦ୍ଧିଆ ମୁଦୁଲି (୩୬), ଗଡିଶିଗଦା ଥାନା ଅନ୍ତର୍ଗତ ବିନ୍ଧଣ ଗ୍ରାମର ରମେଶ ଚନ୍ଦ୍ର ବିଶ୍ୱାଳ (୩୭) ଓ ଗଡିଶିଗଦା ଥାନା ସାମନ୍ତରାପୁର ଗୋକୁଳ କୁମାର ଭଞ୍ଜ (୪୦)ଙ୍କୁ ପୁଲିସ ଗିରଫ କରି ନିରାକାରପୁର ଥାନା କେସ ନଂ ୯୬/୨୫ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

---

## ଶ୍ରମିକ ଦିବସରେ ପରିଚୟ ପତ୍ର ବିତରଣ



ହିଞ୍ଜିଳିକାଟୁ(ନିପ୍ର): ତାଲୁକା ଆଇନ ସେବା ସମିତି, ହିଞ୍ଜିଳିକାଟୁ ପକ୍ଷରୁ ଗୁରୁବାର ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ପୌର ପରିଷଦ ହିଞ୍ଜିଳିକାଟୁ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଲୁକା ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଓ ଅତିରିକ୍ତ ଫୌଜଦାରୀ ବିଚାରପତି ଅବକାଶ ଚୌଧୁରୀ ଓ ମୁଖ୍ୟ ବକ୍ତା ଭାବେ ସହକାରୀ ଶ୍ରମ ଅଧିକାରୀ ବି. ହୃଷିକେଶ ରାଓ ଓ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ବରିଷ୍ଠ ଆଇନଜୀବୀ ନିର୍ମଳ ଚନ୍ଦ୍ର ସାହୁ ଓ ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା ପ୍ରମୁଖ ମଞ୍ଚସୀନ ଥିଲେ। ଏହି ଅବସରରେ ଅତିଥି ମାନେ ଶ୍ରମିକ ଦିବସର ଅଭ୍ୟୁଦୟ,ଶ୍ରମିକ ମାନଙ୍କ ଆଇନଗତ ଅଧିକାର, ଶ୍ରମ ବିଭାଗ ପକ୍ଷରୁ ପ୍ରଚଳିତ ଥିବା ବିଭିନ୍ନ ପ୍ରକାରର ସହାୟତା ଓ ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟଦାବୀ ହାସଲ ନିମିତ୍ତ ସାମାଜିକ ସୁରକ୍ଷା ଓ ସରକାରୀ ସ୍ତରରେ ଉପଲବ୍ଧ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉପରେ ଆଲୋଚନା ହୋଇଥିଲା। ପରେ ସ୍ଥାନୀୟ ସହରର ୩୧ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, ଆଇନଜୀବୀ ଦ୍ୱିତିକୃଷ୍ଣ ସାବତ, ଶାନ୍ତନୁ ପୋଲେଇ, ନିରଞ୍ଜନ ସାହୁ, ବିଭୁ ପ୍ରସାଦ ପଣ୍ଡା, କାଉନସିଲର ବସନ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶ, ପ୍ରମୋଦ କୁମାର ସାହୁ,ଶକ୍ତି ଯନ୍ତ୍ରୀ ପ୍ରଭାସିନୀ ମଲ୍ଲିକ, ସିଓ ସ୍ନେହଲତା ମିଶ୍ର, ଇ. କିଶନ ପାତ୍ରଙ୍କ ସମେତ ପୌର କର୍ମଚାରୀ ଓ ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ।

---

## ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

ପାରାଦ୍ୱୀପ(ନିପ୍ର): ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ମେ ୧ ତାରିଖ ଗୁରୁବାର ପୂର୍ବାହ୍ନରେ ଜିରୋ ପଏଣ୍ଟ ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଉପ ସଭାପତି ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ତାପସ ପଲାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଂଘର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିକ୍ରମ ମହାନ୍ତି, ତୈଳ ବିଶୋଧନାଗାର ଠିକା ଶ୍ରମିକ ସମବାୟ ସମିତି ସମ୍ପାଦକ ନିରଞ୍ଜନ ସାମଲ, ପାରାଦ୍ୱୀପ ବନ୍ଦର କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘ ସମ୍ପାଦକ ମିହିରକାନ୍ତ ସାହୁ, କାର୍ଯ୍ୟାଳୟ ସମ୍ପାଦକ ବିରେନ୍ଦ୍ର ମହାପାତ୍ର, ସମୀର ସୁତାର ଅଶୋକ ନାଥ, ରବୀନ୍ଦ୍ର ନାୟକଙ୍କ ସମେତ ସଂଘର ସଭ୍ୟ ମାନେ ଉପସ୍ଥିତ ଥିଲେ। ଶ୍ରମିକ ଦିବସ ଉପଲକ୍ଷେ ଶ୍ରମିକ ସଂଘ ପକ୍ଷରୁ ସଫେଇ, ବୃକ୍ଷ ରୋପଣ କାର୍ଯ୍ୟ କରାଯାଇଥିଲା ଏବଂ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ଜରାଶ୍ରମ ଅନ୍ତେବାସୀ ଖାଦ୍ୟ ବଣ୍ଟନ କରାଯାଇଥିଲା।

---

## ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ ପକ୍ଷରୁ ଶ୍ରମିକ ଦିବସ

ତାଳଚେର(ନିପ୍ର): ମହାନଦୀ କୋଇଲା ଖଣି ଠିକାଶ୍ରମିକ କଂଗ୍ରେସ୍ ପକ୍ଷରୁ ଢ଼େରା ଓଭରବ୍ରିଜ୍ ସ୍ଥିତ ଶ୍ରମିକ ଭବନ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ସଭାପତି ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି । ତାଳଚେର କୋଇଲା ଖଣି ଅଂଚଳ ଓ କଳକାରଖାନା ଗୁଡ଼ିକରେ ଅନେକ ଠିକାଶ୍ରମିକ ରାଜ୍ୟ ତଥା ଜିଲ୍ଲା ବାହାରୁ ଆସି କାର୍ଯ୍ୟ କରୁଛନ୍ତି । ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି କି, ଠିକାଦାର ଓ କମ୍ପାନୀ ଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ପରିଚୟ ପ୍ରଦାନ କରାଯାଉ, ପୋଲିସ୍ ଭେରିଫିକେସନ୍ ରିର୍ପୋଟ ନରଖି ନିଯୁକ୍ତି ଦିଆଯାଉଛି। ସେମାନେ ତାଳଚେରର ବିଭିନ୍ନ ସ୍ଥାନରେ ଘର ଭଡ଼ାସୂତ୍ରରେ ନେଇ ବିଭିନ୍ନ ପ୍ରକାରର ଅପରାଧିକ କାର୍ଯ୍ୟ କରୁଛନ୍ତି ଯାହାକି, ଏହା ଅତି ଉଦବେଗ ଜନକ ବିଷୟ । ୟୁନିୟନ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ସାକ୍ଷାତ କରିବା ସହ ଏସମ୍ପର୍କରେ ମହାନଦୀ କୋଇଲା ଠିକାଶ୍ରମିକ ସଭାପତି ଶ୍ରୀ ସାହୁ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସ୍ ସଦାସର୍ବଦା ଶ୍ରମିକମାନଙ୍କର ନିରାପତ୍ତା, ଉଚିତ୍ ପ୍ରାପ୍ୟ ପାଇବାରେ ସଂଗ୍ରାମ କରୁଛି ଏବଂ କରି ଆସୁଥିବ । ଅଧିକାଂଶ ଶ୍ରମିକଙ୍କର ସିଏସ୍‌ପିଏଫ୍ ଦରମାରୁ କଟା ଯାଉଛି । ମାତ୍ର ସିଏସ୍‌ପିଏଫ୍ କାର୍ଯ୍ୟାଳୟରେ ଏହା ଜମା କରଯାଉ ନାହିଁ । ଶ୍ରମିକମାନେ ଏବାବଦରେ ସିଏସ୍‌ପିଏଫ ନମ୍ବର ଓ ସ୍ଲିପ୍ ପାଉନାହାନ୍ତି । ଏମସିଏଲରେ କାର୍ଯ୍ୟରତ ଠିକାଶ୍ରମିକମାନେ ବହୁ ହଇରାଣ ହରକତ ହେଉଛନ୍ତି । ସେହିଭଳି ଇଏସ୍‌ଆଇ କାର୍ଡ଼ ମଧ୍ୟ ଶ୍ରମିକମାନେ ପାଉନାହାନ୍ତି । ତେଣୁ ତାଳଚେର ମହାନଦୀ କୋଇଲା ଖଣି ଠିକାଶ୍ରମିକ କଂଗ୍ରେସ୍ ପକ୍ଷରୁ କେନ୍ଦ୍ର ଶ୍ରମ ମନ୍ତ୍ରାଳୟକୁ ଏସମସ୍ୟା ଦିଗରେ ଅବଗତ କରାଯିବ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।

# ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍‌ର ଚୟନ ପ୍ରତିଯୋଗିତା



**ପୁରୀ, ୨/୫(ନିପ୍ର):** ଗୁରୁବାର ପୁରୀର ନୀଳାଦ୍ରି ବିଚ୍ ପାଖରେ ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍‌ଗେମ୍‌ର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ଡିଓଠାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ ୨୦୨୫ ନିମନ୍ତେ ଚୟନ ପ୍ରତିଯୋଗିତା ହୋଇ ଯାଇଛି । ଏଥିରେ ସମଗ୍ର ରାଜ୍ୟରୁ ୬୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ଦକ୍ଷତା ଦେଖାଇଥିଲେ । ଏଠାରୁ ୬ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳୀଙ୍କୁ ଚୟନ କରଯାଇଛି । ଚୟନକର୍ତ୍ତା ଭାବେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ । ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଆୟୋଜନ କରିଥିବା ବେଳେ ପୁରୀ ଜିଲ୍ଲା ସିପକ୍‌ଟାକ୍ରୋ ସଂଘ ସହଯୋଗ କରିଥିଲେ । ରେଫରୀ ରାଜ ଶେଖର ଓ ମହମ୍ମଦ ଗୁଲ୍ମମ୍ ଖେଳ ପରିଚାଳନା କରିଥିବା ବେଳେ ଆନ୍ତର୍ଜାତୀୟ ଖେଳାଳି ଲକ୍ଷ୍ମୀ ପ୍ରିୟା ନାଏକ ଉପସ୍ଥିତ ଥିଲେ । ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ରାମ ଚନ୍ଦ୍ର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଚାଲି ଥିବା ବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବାରିକ, ବିରଞ୍ଚି ନାରାୟଣ ବିଶ୍ୱାଳ, ବିଶ୍ୱନାଥ ମିଶ୍ର, ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।




ମାଟ୍ରିକ ପରୀକ୍ଷାରେ ସଫଳତା ପରେ ଖାରବେଳନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉଲ୍ଲସିତ ଛାତାଛାତ୍ରୀ (ଫଟୋ- ଦିନଲିପି)

# କର୍ମଚାରୀଙ୍କ ପାଇଁ ସହଜ ପାନୀୟଜଳ ଯୋଗାଣ ବୃଦ୍ଧି କରିଛି ବେଦାନ୍ତ ଆଲୁମିନିୟମ



**ଝାରସୁଗୁଡା, ୨/୫(ନିପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସହଜ ପାନୀୟ ଜଳ ଯୋଗାଣ ଏବଂ ଏହାର ଝାରସୁଗୁଡ଼ା କାର୍ଯ୍ୟରେ କର୍ମଚାରୀଙ୍କ ସୁସ୍ଥତାକୁ ସୁରକ୍ଷିତ ରଖିବା ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଏହା ଚଳିତ ଗ୍ରୀଷ୍ମ ଋତୁରେ ଏହି ଅଂଚଳରେ ଅତ୍ୟଧିକ ତାପମାତ୍ରାର ପ୍ରତିକ୍ରିୟାରେ ଆସିଛି। ଉଚ୍ଚ ଗରମ ଏବଂ ଆର୍ଦ୍ରତାର ଦୀର୍ଘ ସମୟ ପର୍ଯ୍ୟନ୍ତ ସଂସ୍ପର୍ଶରେ ରହିବା ଦ୍ୱାରା ମାନବ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ, ଯାହା ଫଳରେ ଗୁରୁତର କ୍ଳାନ୍ତି ଏବଂ ଶରୀର କ୍ଳାନ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ଗରମ ପ୍ରବାହ ପରିସ୍ଥିତି ସମୟରେ ପର୍ଯ୍ୟାପ୍ତ ଜଳ ଯୋଗାଣର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ, କମ୍ପାନୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ମଧ୍ୟରେ ଉଚ୍ଚ-ପଦାର୍ଥ ସାର୍ବଜନୀନ ଅଂଚଳରେ ଏକାଧିକ ଜଳ କିଓସ୍କ ସ୍ଥାପନ କରିଛି। ଏହି କିଓସ୍କଗୁଡ଼ିକ ସଫା, ନିରାପଦ ପାନୀୟ ଜଳ ପାଇଁ ନିରବଚ୍ଛିନ୍ନ ପ୍ରବେଶ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ - ପ୍ରଚଣ୍ଡ ଗ୍ରୀଷ୍ମ ପରିସ୍ଥିତି ସହିତ ଲଢ଼ିବା ପାଇଁ ବାସିନ୍ଦାଙ୍କୁ ଅତ୍ୟନ୍ତ ଆବଶ୍ୟକୀୟ ଆଶ୍ୱସ୍ତି ପ୍ରଦାନ କରିବ। ଏହାର ପ୍ଲାଂଟ କାର୍ଯ୍ୟ ମଧ୍ୟରେ, ବେଦାନ୍ତ ଉଚ୍ଚ-ତାପମାନ ପରିବେଶରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ଏକ ବ୍ୟାପକ 'ଗ୍ରୀଷ୍ମକାଳୀନ କଲ୍ୟାଣ କାର୍ଯ୍ୟକ୍ରମ' ମଧ୍ୟ ଆରମ୍ଭ କରିଛି। ଏହି ପଦକ୍ଷେପରେ ଓଆରଏସ(ମୌଖିକ ପୁନଃହାସଲ ସମାଧାନ) ଷ୍ଟେସନ ସ୍ଥାପନ ଅନ୍ତର୍ଭୁକ୍ତ ଯାହା ଶରୀରର ଇଲେକ୍ଟ୍ରୋଲାଇଟ୍ସ ଏବଂ ଥଣ୍ଡା ଜଳ ବିତରକକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ରରେ ରିଚାର୍ଜ କରିବାରେ ସାହାଯ୍ୟ କରେ, କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସେମାନଙ୍କର ଜଳୀୟତା ସ୍ତର ବଜାୟ ରଖିବା ଏବଂ ଗରମ-ସମ୍ବନ୍ଧୀୟ ଅସ୍ୱସ୍ତିକୁ ରୋକିବାରେ ସାହାଯ୍ୟ କରେ।

## ଭିଜିଲାନ୍ସ ଜାଲରେ ସିଡିପିଓ ଓ ଅଙ୍ଗନବାଡ଼ି କର୍ମୀ

କୋରାପୁଟ, ୨ ।୫: ଦରମା ଓ ବ୍ୟକ୍ତିଗତ ଫାଇଲ ଖୋଲିବାକୁ ନବନିଯୁକ୍ତ ଅଙ୍ଗନବାଡ଼ି ସହାୟିକାଙ୍କ ଠାରୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା। ଦଶମନ୍ତପୁର ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶକୁନ୍ତଳା ଦାସ ଓ ମଧସ୍ଥି ଆଡ଼ମୁଣ୍ଡା ଗ୍ରାମର ଅଙ୍ଗନବାଡ଼ି କର୍ମୀ ମିନତି ଖୋସଲା ଭିଜିଲାନ୍ସ ଦ୍ୱାରା ଏଥିଯୋଗୁଁ ଗିରଫ ହୋଇଛନ୍ତି । ଶୁକ୍ରବାର ଅପରାହ୍ନରେ ଦଶମନ୍ତପୁର ଅଫିସରେ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଛ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଜଣଙ୍କ ଦେଢ ମାସ ପୂର୍ବରୁ ଦଶମନ୍ତପୁର ବ୍ଲକର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିଲେ । କିଛି ଦିନ ପୂର୍ବରୁ ସେ ସିଡିପିଓଙ୍କୁ ଭେଟି ତାଙ୍କର ବ୍ୟକ୍ତିଗତ ଫାଇଲ ଖୋଲିବା ଓ ଦରମା ଦେବାକୁ ଅନୁରୋଧ କରିଥିଲେ । ତେବେ ଉକ୍ତ କାମ ନିମନ୍ତେ ୧୦ ହଜାର ଟଙ୍କା ଦାବି କରି ଆଡମୁଣ୍ଡା ଗ୍ରାମର ଅଙ୍ଗନବାଡ଼ି କର୍ମୀ ମିନତି ଖୋସଲାଙ୍କ ଜରିଆରେ ଦେବାକୁ କହିଥିଲେ ।

# ଆର୍ଯ୍ୟ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇ ଛାତ୍ରୀ ଏ ୱାନ





ନିରାକାରପୁର, ୨/୫: ଖୋର୍ଦ୍ଧା ଜିଲ୍ଲା ନିରକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଆର୍ଯ୍ୟ ବିହାର, ର ଛାତ୍ର ଛାତ୍ରୀ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି ।ଚଳିତ ବର୍ଷ ପରୀକ୍ଷାରେ ମୋଟ ୬୭ ଜଣ ପରୀକ୍ଷା ଦେଇଥିଲେ। ଏୱାନ ରେ ଦୁଇ ଜଣ ଏ ଟୁ ରେ ୬ ଜଣ ବି ୱାନ ରେ ୨୦, ବି ଟୁ ରେ ୨୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ୱାନରେ ଦେବାଶ୍ରୀତା ମିଶ୍ର ଓ ସମୀକ୍ଷା ମିଶ୍ର ଉତ୍ତୀର୍ଣ୍ଣ ହୋଇ ବିଦ୍ୟାମନ୍ଦିରର ମାନ ବୃଦ୍ଧି କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ କୃତିତ୍ୱ ର ସହ ଉତ୍ତୀର୍ଣ୍ଣ ହୋଇ ଥିବାରୁ ବିଦ୍ୟାମନ୍ଦିର ର ସମ୍ପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ,ପ୍ରଧାନ ଶିକ୍ଷକ ନଳିନୀ ରଥ ଓ ସମସ୍ତ ଗୁରୁଜୀ ଗୁରୁମା ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ନିରାକାରପୁର କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବି ୱାନ ରେ ୪ ଜଣ, ବି ଟୁ ରେ ୧୬ ଜଣ , ସି ରେ ୫୧ ଜଣ ଓ ଡି ରେ ୩୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଦାମନଯୋଡ଼ିରେ ଦଶମ ବୋର୍ଡ଼ ଫଳାଫଳ ଆଶାନୁରୂପ

**ଦାମନଯୋଡି ,୨/୫(ନିପ୍ର):** ଦାମନଯୋଡ଼ି ଅଞ୍ଚଳରେ ଥିବା ୫ଟି ଉଚ୍ଚ ବିଦ୍ୟାଳୟରେ ଦଶମ ବୋର୍ଡ଼ ଫଳାଫଳ ଆଶାନୁରୂପ ହୋଇଛି। ଟାଉନସିପ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀ ସୋନାଲି ମାହୁନ୍ତ ୫୪୦ ମାର୍କ ୯୦ପ୍ରତିଶତ (ଗ୍ରେଡ୍ -ଇ୧) ରଖି ଦାମନଯୋଡି ରେ ସର୍ବାଗ୍ରେ ରହିଛନ୍ତି । ବିଦ୍ୟାମନ୍ଦିର ୧୩୨ ପିଲାଙ୍କ ମଧ୍ୟରେ ଇ୧-ଜଣେ, ଇ୨-୪ଜଣ, ଈ୧-୧୦ ଜଣ ସମେତ ଶତପ୍ରତିଶତ ଫଳାଫଳ ହୋଇଛି । ମାଥାଲପୁଟ ମାଲୁସାଉନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟର ଓମ୍ ପ୍ରକାଶ ଜେନା ଇ୨ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ୯୩ ପ୍ରତିଶତ ଫଳାଫଳ ହୋଇଛି । ୧୬୯ଜଣ ପରୀକ୍ଷା ଦେଇଥିବା ବେଳେ ୧୫୮ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ମାଥାଲପୁଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଏ ସୁସ୍ମିତା ୪୯୯ ନମ୍ବର (ଇ୨) ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ଶତପ୍ରତିଶତ ଫଳାଫଳ ହୋଇଛି । ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ, ଲିତିଗୁଡ଼ା ଛାତ୍ରୀ ଅଞ୍ଜଳୀ ପାଙ୍ଗି ୪୦୨ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିଲା ବେଳେ ଶତପ୍ରତିଶତ ଫଳାଫଳ ହୋଇଛି ଓ ଭେଜାପୁଟସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସ୍ୱୟଂପ୍ରଭା ବିଶ୍ୱାଳ ୫୩୦ ନମ୍ବର ରଖି (ଇ୨) ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ଶତପ୍ରତିଶତ ଫଳାଫଳ ହୋଇଛି । ପ୍ରକାଶ ଥାଉ କି, ଦାମନଯୋଡି ଅଞ୍ଚଳରେ ପୁଅଙ୍କ ତୁଳନାରେ ଝିଅ ଆଗରେ ରହିଛନ୍ତି । ୫ଟି ବିଦ୍ୟାଳୟ ମଧ୍ୟରୁ ଚାରୋଟି ବିଦ୍ୟାଳୟର ଶତପ୍ରତିଶତ ଫଳାଫଳ ହୋଇଥିବା ବେଳେ ଗୋଟିଏ ବିଦ୍ୟାଳୟର ୯୩.୪୯ ପ୍ରତିଶତ ଫଳାଫଳ ହୋଇଥିବା ସୂଚନା ମିଳିଛି ।

# ବାଳକ ଉଚ୍ଚବିଦ୍ୟାଳୟ ୯୯.୨%, ବାଳିକା ବିଦ୍ୟାଳୟ ୯୭ ପ୍ରତିଶତ ପାସ୍

## ଆଦ୍ୟାଶା, ଶିବାନନ୍ଦ ଟପ୍ପର





**ନିମାପଡ଼ା,୨।୫ (ନିପ୍ର):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ସଂଧ୍ୟାରେ ପ୍ରକାଶ ପାଇବାରୁ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ସ୍ଥାନୀୟ ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପରୀକ୍ଷା ପାସ୍‌ହାର ୯୭ ପ୍ରତିଶତ ଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ମିଶ୍ର ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ପୂର୍ଣ୍ଣ ମାର୍କ ୬୦୦ରୁ ୫୬୦ ମାର୍କ ରଖି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ଜଣାପଡ଼ିଛି । ବିଦ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏ-୧ରେ ୧ ଜଣ, ଏ-୨ରେ ୪ ଜଣ, ବି-୧ରେ ୮ ଜଣ, ବି-୨ରେ ୨୬ ଜଣ, ସି-୧୯ ଜଣ, ଡ଼ି-୨୫, ଇ-ଗ୍ରେଡ଼୍‌ରେ ୮ ଜଣ ପାସ୍ କରିଛନ୍ତି । ସର୍ବମୋଟ ୯୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧ ଜଣ ପାସ୍ କରିଥିବା ବେଳେ ୩ ଜଣ ଫେଲ ହୋଇଥିବା ସୂଚନା ମିଳିଛି । ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗମାୟା ସେନ୍ ସମସ୍ତ କୃତକାର୍ଯ୍ୟ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେହିଭଳି ନିମାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ର ଶିବ ପ୍ରସାଦ ନାଥ ଟପ୍ପର ହୋଇଥିବା ବେଳେ ତାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସେ ୬୦୦ ମାର୍କରୁ ୫୦୯ ନମ୍ବର ରଖି ବିଦ୍ୟାଳୟ ପାଇଁ ସୁନାମ ଆଣିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ବାଳକ ଉଚ୍ଚ ବିଦ୍ୟାଳୟର ମୋଟ ୧୨୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୪ ଜଣ ପାସ୍ କରିଥିବା ବେଳେ ଏ-୨ରେ ୩ ଜଣ, ବି-୧ରେ ୯ ଜଣ, ବି-୨ରେ ୩୭ ଜଣ, ସି-୪୪ ଜଣ, ଡ଼ି-୨୯ ଜଣ, ଇ-୨ଜଣ, ଏଫ୍ ଗ୍ରେଡ଼ରେ ୧ ଜଣ ପାସ୍ କରିଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ବିଦ୍ୟାଳୟର ପାସ୍‌ହାର ୯୯.୨ ପ୍ରତିଶତ ଥିବା ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ସୂଚନା ଦେଇ କୃତୀ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଦିଲ୍ଲୀରେ ପ୍ରବଳ ବର୍ଷା ଓ ଧୂଳିଝଡ଼ ତାଣ୍ଡବ: ୪ ମୃତ

ନୂଆଦିଲ୍ଲୀ, ୨ ।୫: ଦିଲ୍ଲୀ-ଏନସିଆର ଅଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ଓ ଧୂଳିଝଡ଼ ତାଣ୍ଡବ ରଚିଛି। ଏହି ପ୍ରତିକୂଳ ପାଗ ଯୋଗୁଁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଅନ୍ୟୂନ ୧୦୦ଟି ବିମାନର ଚଳାଚଳ ବିଳମ୍ବ ହୋଇଥିବା ବେଳେ ୪୦ଟି ବିମାନକୁ ଅନ୍ୟ ବିମାନବନ୍ଦର ଆଡ଼କୁ ଦିଗ ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ-ଏନସିଆର ଅଞ୍ଚଳରେ ଶୁକ୍ରବାର ସକାଳେ ପ୍ରବଳ ବର୍ଷା ଓ ଝଡ଼ତୋଫାନ ଯୋଗୁଁ ନଜଫଗଡ଼ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ନଜଫଗଡ଼ର ଜାଫରପୁର କଲା ଓ ଛାଓଲା ଅଞ୍ଚଳରେ ଝଡ଼ତୋଫାନ ସହ ବର୍ଷା ଯୋଗୁଁ ଗଛ ଉପୁଡ଼ିବା ଓ ଘର ଭୁଶୁଡ଼ି ପଡ଼ିବା ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ଜାଫରପୁର କଲାରେ ଏକ ଘର ଉପରେ ଗଛ ପଡ଼ିବା ଯୋଗୁଁ ଜଣେ ମହିଳା ଓ ତାଙ୍କର ୩ ଶିଶୁଙ୍କର ମୃତ୍ୟୁ ହୋଇଛି।

# ୧୮ବର୍ଷ ଧରି କିସ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୨ ।୫: ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସମଗ୍ର ଓଡ଼ିଶାରେ ପାସ୍ ହାର ୯୪.୯୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। କିସ୍ ଆରମ୍ଭରୁ ଲଗାତାର ୧୮ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲ୍‌ର ମୋଟ ୧୯୦୦ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ଖଇରାଣୀ ମାଝୀ ସର୍ବାଧିକ ୫୬୦ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୨୦୧ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି। ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିଛନ୍ତି।

## ବରିଷ୍ଠ ଆଇପିଏସ୍ ସ୍ତରରେ ନୂଆ ନିଯୁକ୍ତି

ଭୁବନେଶ୍ୱର,୨ ।୫ : ବରିଷ୍ଠ ଆଇପିଏସ୍ ସ୍ତରରେ ନୂଆ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର । ସୁଶାନ୍ତ କୁମାର ନାଥ ନୂଆ ଜେଲ ଡିଜି ହୋଇଛନ୍ତି । କେନ୍ଦ୍ର ଡେପୁଟେସନରୁ ଫେରିବା ପରେ ତାଙ୍କୁ ଏହି ନୂଆ ନିଯୁକ୍ତି ମିଳିଛି । ସେହିଭଳି ଦୟାଲ ଗଙ୍ଗୱାର କମ୍ୟୁନିକେସନ ଅତିରିକ୍ତ ଡିଜି ହୋଇଥିବାବେଳେ ପ୍ରତୀକ ମହାନ୍ତିଙ୍କୁ ଅତିରିକ୍ତ ଡିଜି ହେଡ୍‌କ୍ୱାଟର୍ସ ପଦ ମିଳିଛି। ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଏସ୍‌ପି ପଦରେ ନିଯୁକ୍ତି ମିଳିଛି ।

# କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଟାସ୍କଫୋର୍ସ ଗଠନ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨/୫(ନିପ୍ର): ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ୍ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାର ସଫଳ ତଦାରଖ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରି ପରାମର୍ଶ ଦେଇଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି। ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ ଏବଂ ଏହା ସହ ଜଡିତ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ବିଭିନ୍ନ ବିଭାଗର ସଂପୃକ୍ତି ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, "ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ହେଲେ ଉତ୍ତମ ସମନ୍ୱୟ, ମିଳିତ ଯୋଜନା ସହିତ କାର୍ଯ୍ୟାନ୍ୱୟନ ଫଳରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ। ଲଘୁ ଜଙ୍ଗଲଜାତ ଦ୍ରବ୍ୟ ପାଇଁ ମୂଲ୍ୟାୟନ ଏବଂ ବଜାର ସଂଯୋଗ, ଜାତୀୟ ଅନୁସୂଚିତ ଜନଜାତି କମିଶନ, ଜଙ୍ଗଲ ଅଧିକାର ଆଇନ୍, ପେସା ଆକ୍ଟ, ପଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନତି ଅନ୍ତର୍ଗତ କାର୍ଯ୍ୟକ୍ରମ / ଯୋଜନାର ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା, ପିଏମ୍-ଜନମନ ଏବଂ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ।

# ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ରାଜି ହେଲେ ସଦସ୍ୟ ରାଷ୍ଟ୍ର




**ମୁମ୍ବାଇ, ୨/୫(ପିଆଇବି):** 'ପରସ୍ପରର ସାଂସ୍କୃତିକ ସମ୍ବେଦନଶୀଳତାକୁ ବୁଝିବା ସହିତ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ସହଯୋଗ ହେଉଛି ଆଗକୁ ବଢ଼ିବାର ପଥ। 'ଏହା ମୁମ୍ବାଇରେ ଚାଲିଥିବା ୱାର୍ଲଡ୍ ଅଡିଓ ଭିଜୁଆଲ୍ ଆଣ୍ଡ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭ୍ସ ୨୦୨୫) ସମୟରେ ଅନୁଷ୍ଠିତ ଗ୍ଲୋବାଲ୍ ମିଡିଆ ଡାଏଲଗର ଅନେକ ଫଳାଫଳ ମଧ୍ୟରୁ ଗୋଟିଏ ଥିଲା। ତେଣୁ ଦେଶଗୁଡ଼ିକରେ ସୃଜନଶୀଳ ସ୍ଥାନଗୁଡ଼ିକୁ ବିସ୍ତାର କରିବା ଆମର ସାମୂହିକ ପ୍ରଗତି ପାଇଁ ଚାଲୁଥିବା ଚାବିକାଠି, କାରଣ ଆମେ ସମସ୍ତେ ଡିଜିଟାଲ୍ ବିଭାଜନକୁ ଦୂର କରିବା ପାଇଁ ପଥ ଅନୁସରଣ କରୁଛୁ, ଏହା ଆଲୋଚନାରେ ଅଂଶଗ୍ରହଣ କରିଥିବା ରାଷ୍ଟ୍ରଗୁଡ଼ିକ ଅନୁଭବ କରିଥିଲେ। ବର୍ଦ୍ଧିତ ଜାଗତିକରଣ ଗଣମାଧ୍ୟମ ପରିବେଶ ମଧ୍ୟରେ ବିଶ୍ୱ ଶାନ୍ତି ଏବଂ ସଦ୍ଭାବନାକୁ ପ୍ରୋତ୍ସାହିତ କରିବାରେ ସରକାରଙ୍କ ଭୂମିକା ଉପରେ ଆଲୋଚନା କେନ୍ଦ୍ରିତ ହୋଇଥିଲା, ଯାହା ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ୱେଭ୍ସ ଘୋଷଣାନାମା ଗ୍ରହଣ କରିବା ସହିତ ଶେଷ ହୋଇଥିଲା। ବିଶ୍ୱସ୍ତରୀୟ ମିଡିଆ ଡାଏଲଗ ଏହି ଭାବନାକୁ ପ୍ରତିଫଳିତ କରିଥିଲା ଯେ ସାରା ବିଶ୍ୱରେ ସଂସ୍କୃତିକୁ ଚିତ୍ରଣ କରୁଥିବା ଚଳଚ୍ଚିତ୍ରଗୁଡ଼ିକ ଲୋକଙ୍କୁ ନିକଟତର କରିବାରେ ଏକ ଅପାର ସମ୍ଭାବନା ରଖେ ଏବଂ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ଏହି କ୍ଷେତ୍ରରେ ଭାରତୀୟ ଚଳଚ୍ଚିତ୍ରର ଭୂମିକାକୁ ପ୍ରଶଂସା କରିଥିଲେ। କାହାଣୀ କହିବାର ଏକ ମନୋରଞ୍ଜନକାରୀ ଫର୍ମାଟ୍ ଭାବରେ, ଚଳଚ୍ଚିତ୍ରଗୁଡ଼ିକ ପରସ୍ପର ସହିତ ସହଯୋଗ କରିବା ପାଇଁ ଏକ ଦୃଢ଼ ଶକ୍ତି ଭାବରେ କାର୍ଯ୍ୟ କରେ। ମନୋରଞ୍ଜନ ଜଗତକୁ ପୁନଃପରିଭାଷିତ କରୁଥିବା କାହାଣୀ କହିବା କଳାରେ ପ୍ରଯୁକ୍ତିବିଦ୍ୟାର ସଙ୍ଗମ ସହିତ ବ୍ୟକ୍ତିଗତ କାହାଣୀଗୁଡ଼ିକ ମଧ୍ୟ ସ୍ରଷ୍ଟାଙ୍କ ଅର୍ଥନୀତିରେ ଏକ ଦୃଢ଼ ଶକ୍ତି ଭାବରେ ଦ୍ରୁତ ଗତିରେ ଉଭା ହେଉଛି। କିଛି ସଦସ୍ୟ ରାଷ୍ଟ୍ର 'ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା' ବୃଦ୍ଧି କରିବାର ଆବଶ୍ୟକତା ଉପରେ ଚିନ୍ତା ପ୍ରକାଶ କରିଥିଲେ, ଯାହାକୁ ସେମାନେ ମନେ କରିଥିଲେ ଯେ ୱେଭ୍ସ ଫୋରମରେ ପାରସ୍ପରିକ ସହଯୋଗ ଦ୍ୱାରା ସମାଧାନ କରାଯାଇପାରିବ। ୱେଭ୍ସ ୨୦୨୫ କୁ ବିଶ୍ୱ ସମ୍ପ୍ରଦାୟର ଏକ କ୍ଷୁଦ୍ର ଜଗତ ଭାବରେ ଅଭିହିତ କରି, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର କହିଛନ୍ତି ଯେ ଏହି ସମ୍ମିଳନୀ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ର ପାଇଁ ଭବିଷ୍ୟତର ରୋଡମ୍ୟାପ୍ ଆଲୋଚନା ପାଇଁ ବିଷୟବସ୍ତୁ ସୃଷ୍ଟିକାରୀ, ନୀତି ନିର୍ଦ୍ଧାରକ, ଅଭିନେତା, ଲେଖକ, ପ୍ରଯୋଜକ ଏବଂ ଦୃଶ୍ୟ କଳାକାରଙ୍କୁ ଏକ ସାଧାରଣ ମଞ୍ଚରେ ଏକତ୍ରିତ କରେ। ତାଙ୍କ ଅଭିଭାଷଣ ସମୟରେ, ଡକ୍ଟର ଜୟଶଙ୍କର ଗ୍ଲୋବାଲ୍ ମିଡିଆ ଡାଏଲଗ୍ ୨୦୨୫ ରେ ବିଚାରାଧୀନ ବ୍ୟାପକ ରୂପରେଖ ଉପରେ ଆଲୋକପାତ କରିଥିଲେ।

# ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ

ପୁରୀ,:୨/୫(ନିପ୍ର): ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁନ ୨୭ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୫ ତାରିଖରେ ଅନୁଷ୍ଠିତ ହେବ। ସୁନାବେଶ ଜୁଲାଇ ୬ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବ। ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ। ତେଣୁ ଦେବସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି.ପରମେଶ୍ୱରନ ଚଳିତ ରଥଯାତ୍ରାରେ ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ମତ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ। ପାରସ୍ପରିକ ସମନ୍ୱୟ ସହ ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ସେ କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷର ୫୧ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୪ ଖଣ୍ଡ କାଠ ଆବଶ୍ୟକ ଥିଲା। ଇତି ମଧ୍ୟରେ ୩୨୬ ଖଣ୍ଡ କାଠ ପ୍ରାପ୍ତ ହୋଇଛି। ଏହି କାଠଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି ବୋଲି ସେ ସୂଚନା ଦେଇଥିଲେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ